# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sanchardisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 175 | ଭାଗ ୩୨ | ସଂଖ୍ୟା ୧୭୫ | Bhubaneswar | Friday 13 September 2024 | Page 8 ₹ 4.00 | ଭୁବନେଶ୍ୱର | ଶୁକ୍ରବାର ୧୩ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୫ ମହାକାଶରେ ୫୯ତମ ଜନ୍ମଦିନ ପାଳିବେ ସୁନୀତା

## ଚାନ୍ଦିପୁରରେ କ୍ଷେପଣାସ୍ତ୍ରର ପରୀକ୍ଷଣ

**ବାଲେଶ୍ୱର,୧୨।୯ (ସଂଚାର ବ୍ୟୁରୋ):** ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ୩ ନମ୍ବର ଲଞ୍ଚପ୍ୟାଡରୁ ଗୁରୁବାର ଅପରାହ୍ଣରେ ୩.୧୯ରେ ସ୍ୱଳ୍ପ ଦୂରଗାମୀ ତଥା ଭୂପୃଷ୍ଠରୁ ଆକାଶକୁ ଲକ୍ଷଭେଦ କରିପାରୁଥିବା ଭିଏଲ୍-ଏସ୍ଆରଏସ୍ଏମ୍(ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ପରୀକ୍ଷଣ ପରେ ରାଡାରରୁ ମିଳିଥିବା ତଥ୍ୟକୁ ଡିଆରଡିଓ ବୈଜ୍ଞାନିକମାନେ ସମୀକ୍ଷା କରିଛନ୍ତି। ସ୍ୱଳ୍ପ ଦୂରଗାମୀ ମିସାଇଲରେ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରାଯାଇଛି।



ଏହି ପରୀକ୍ଷଣ ପାଇଁ ୩ ନମ୍ବର ଲଞ୍ଚପ୍ୟାଡର ଅଢେଇ କିଲୋମିଟର ଦୂରତା ମଧ୍ୟରେ ୩୧୦୦ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ଜୟଦେବକସବା ପାହି, ସାହାଜାନଗର ପାଣିର ୧୦୯୩ ଜଣ, ଭୀମପୁର ପାହି, ତୁଣ୍ଡରା ପାହିର ୮୯୫ ଜଣ, ଖଡୁପାହି, କୁସୁମୁଳୀ ଗାଁର ୧୧୧୨ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସମସ୍ତ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଟେଣ୍ଟର ବ୍ୟବସ୍ଥା କରାଯାଇଥିଲା।

## ୧୮ରେ ରତ୍ନଭଣ୍ଡାର ପ୍ରାରମ୍ଭିକ ଯାଞ୍ଚ କରିବ ଏଏସ୍ଆଇ

**ପୁରୀ, ୧୨।୯(ସଂଚାର ବ୍ୟୁରୋ):** ଆସନ୍ତା ୧୮ ତାରିଖରେ ରତ୍ନଭଣ୍ଡାରର ପ୍ରାରମ୍ଭିକ ଯାଞ୍ଚ କରିବ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)। ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ କର୍ତ୍ତୃପକ୍ଷ ଅବଗତ କରାଇଛନ୍ତି। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ପ୍ରାରମ୍ଭିକ ଯାଞ୍ଚ କରାଯିବ। ଏଏସ୍ଆଇ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ନିରୀକ୍ଷଣ କରାଯିବ ବୋଲି ସୂଚନା



ମିଳିଛି। ଏଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ନେବେ। ପୂର୍ବରୁ ବାହାର ଓ ଭିତର ରତ୍ନଭଣ୍ଡାରର ସମସ୍ତ ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମକୁ ସ୍ଥାନାନ୍ତର ହୋଇଛି। ସେହିପରି ଖାଲି ଆଲମିରା, ସିନ୍ଦୁକଗୁଡ଼ିକୁ ବି ସ୍ଥାନାନ୍ତର କରାଯାଇଛି। ତାପରେ ଏଏସଆଇକୁ ସଂରକ୍ଷଣ ତଥା ମରାମତି ହାତକୁ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିଥିଲେ।

### ମୋହନ ସରକାରଙ୍କ ଐତିହାସିକ ନିଷ୍ପତ୍ତି

# ବାପା ମା'ଙ୍କ ଅନ୍ତେ ଝିଅଙ୍କୁ ଚାକିରି

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ସବୁ ୟୁନିଫର୍ମ ସେବାର ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଦବୀରେ ନିଯୁକ୍ତି ନିମନ୍ତେ ଅଗ୍ନିବୀରଙ୍କୁ କୌଣସି ଶାରୀରିକ ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ଏହାସହିତ ସେମାନଙ୍କୁ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ଓ ନିର୍ଦ୍ଧାରିତ ବୟସସୀମା(୩ବର୍ଷ) କୋହଳ ସୁବିଧା ମିଳିବ । ରାଜ୍ୟ କ୍ୟାବିନେଟ୍ ଆଜି 'ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର(ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪ର ପ୍ରଣୟନକୁ ଅନୁମୋଦନ କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତ ଜୁଲାଇ ୨୬ତାରିଖରେ ୟୁନିଫର୍ମ ସେବା ନିଯୁକ୍ତିରେ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ବୟସସୀମାରେ ୫ବର୍ଷ କୋହଳ କରାଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଆଜି କ୍ୟାବିନେଟରେ ଏହି ବୟସସୀମାକୁ ୩ବର୍ଷ ବୋଲି ଦର୍ଶାଯାଇଛି ।

ଆଜି ପୂର୍ବାହ୍ଣରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଆଜି ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର ନିୟମାବଳୀ-୨୦୨୪ର

**ସରକାରୀ ଚାକିରିରେ ଅଗ୍ନିବୀରଙ୍କୁ ୧୦ % ସଂରକ୍ଷଣ**

**ଗୋପାଳପୁର ପୋର୍ଟର ମାଲିକ ହେଲା ଆଦାନୀ**

ପ୍ରଣୟନକୁ ମଞ୍ଜୁରୀ ଦେଇଛନ୍ତି ।

ରାଜ୍ୟର ୟୁନିଫର୍ମ ସେବାରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗର ପଦପଦବୀରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ଆନୁଭୂମିକ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ୧୦ ପ୍ରତିଶତ ସଂରକ୍ଷଣ ରହିବ । ତେବେ ଅଗ୍ନିବୀର ପ୍ରମାଣପତ୍ର ପ୍ରଦାନ ତାରିଖରେ ସମ୍ପୃକ୍ତ ନିଯୁକ୍ତି ନିୟମାବଳୀ ଅନୁସାରେ ପଦବୀ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ପୂରଣ କରିବା ଆବଶ୍ୟକ । ଅଗ୍ନିବୀରଙ୍କ ପାଇଁ ଚାକିରିର ନିର୍ଦ୍ଧାରିତ ବୟସସୀମାକୁ ୩ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦେବାକୁ ଏହି ନିୟମାବଳୀରେ ଉଲ୍ଲେଖ ରହିଛି ।

ସେହିପରି ଓଡ଼ିଶା ବେସାମରିକ ସେବା(ପୁନର୍ବାସ ସହାୟତା) ନିୟମାବଳୀ-୨୦୨୦ର ସଂଶୋଧନକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଫଳରେ ସରକାରୀ କର୍ମଚାରୀ(ପିତାମାତା)ଙ୍କ ଉପରେ ନିର୍ଭରଶୀଳ ଥିବା ବିବାହିତା ଝିଅ ଓ ବିବାହିତା ସାବତ ଝିଅମାନଙ୍କୁ(ବିବାହ ସ୍ଥିତି ନିର୍ବିଶେଷରେ) ମଧ୍ୟ ଅବିବାହିତା ଝିଅ ଓ ଅବିବାହିତା ସାବତ ଝିଅମାନଙ୍କୁ ଅନୁକମ୍ପାମୂଳକ ସହାୟତା ନିଯୁକ୍ତି ପ୍ରଦାନ ପାଇଁ ବିଚାର କରାଯିବ । ଏହି ସଂଶୋଧନ ଦ୍ୱାରା ଏଣିକି ସରକାରୀ କର୍ମଚାରୀ ପୃଷ୍ଠା-୬

## ୬୦ହଜାର ବର୍ଷ ତଳେ ଆଫ୍ରିକାରୁ ଆସିଥିଲେ ବଣ୍ଡା

ଯେତେବେଳେ ଆମ କାନରେ ବଣ୍ଡା ଶବ୍ଦ ଶୁଣାଯାଏ ସେତେବେଳ ଆମ ଆଖିଆଗରେ ଭାସି ଉଠନ୍ତି ରାଜ୍ୟର ବଣ ଜଙ୍ଗଲ ଘେରା ପାହାଡିଆ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକେ। ଯାହାଙ୍କ ପାଖକୁ ଯିବା ଏତେ ସହଜ ନୁହେଁ। ଅନେକ ଏମାନଙ୍କ ସଂକ୍ରାନ୍ତରେ ଜାଣିବାକୁ ଉତ୍ସୁକ ଥାନ୍ତି। ହେଲେ ଏମାନଙ୍କ ନିକଟକୁ ଯିବା ଏତେ ସହଜ ନୁହେଁ। ଅନେକ ଏମାନଙ୍କ ସଂକ୍ରାନ୍ତରେ ସେଭଳି ବିଶେଷ ସୂଚନା ପାଇନଥାନ୍ତି। ଏମାନଙ୍କ ମୂଳ ସ୍ଥାନ କେଉଁଠି ? କେଉଁଠୁ ଏମାନେ ଆସିଛନ୍ତି ? କିଭଳି ବସବାସ କରନ୍ତି ଓ କିଭଳି ଏମାନଙ୍କର ଜୀବନଶୈଳୀ ?



ତେବେ ଗବେଷଣାରୁ ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାର ପର୍ବତମାଳାରେ ବସବାସ କରୁଥିବା ବଣ୍ଡା ଜନଜାତି ଇତିହାସରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛନ୍ତି, ଯେଉଁମାନେ ୬୦, ୦୦୦ ବର୍ଷ ପୂର୍ବେ ଆଫ୍ରିକାରୁ ଆସିଥିଲେ ବୋଲି ବିଶ୍ୱାସ କରାଯାଏ। ନିଜ ମାତୃକୈନ୍ଦ୍ରିକ ସମାଜଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତ୍ତନ ବିରୋଧରେ ସଂଘର୍ଷ ପର୍ଯ୍ୟନ୍ତ ବଣ୍ଡାମାନେ ହଜାର ହଜାର ବର୍ଷ ଧରି ନିଜର ସମୃଦ୍ଧ ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି। ଭାରତର ପ୍ରଥମ ଜଙ୍ଗଲ ବସ୍ତିବାସିନ୍ଦାଙ୍କ ମଧ୍ୟରୁ ବଣ୍ଡା ଜନଜାତି ପ୍ରାୟ ପୃଷ୍ଠା-୬

# ୨୦୨୯ରେ ପୁଣି ମୋଦୀ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ଆଗାମୀ ୨୦୨୯ ନିର୍ବାଚନରେ ପୁଣି ମୋଦୀଙ୍କ ଉପରେ ଭରଷା କରି ବିଜେପି ନିର୍ବାଚନ ଲଢ଼ିବ ବୋଲି ସଂଘର କେରଳ ବୈଠକରେ ସ୍ଥିର ହୋଇଛି। ଦେଶର ବିଜେପି ସରକାରକୁ ବଞ୍ଚାଇ ରଖିବା ପାଇଁ ସଂଘ ଅଣ୍ଟାଭିଡ଼ି ବାହାରିଛି। ଏଥିପାଇଁ ସଂଘର ବୈଠକରେ ପାଞ୍ଚସୂତ୍ରୀ ଯୋଜନା ପ୍ରସ୍ତୁତ କରାଯାଇଛି।

ସଂଘ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୨ ତାରିଖ ମଧ୍ୟରେ କେରଳରେ ସଂଘର



- ପାଞ୍ଚଟି ପଏଣ୍ଟରେ କାମ କରିବ ବିଜେପି
- ସଂଘର ଛତ୍ରଛାୟାରେ କାମ କରିବ ଦଳ
- ମହିଳା ସଂରକ୍ଷଣ ଉପରେ ଗୁରୁତ୍ୱ
- ୩୦ କୋଟି ପରିବାର ପାଖରେ ପହଞ୍ଚିବା ଲକ୍ଷ୍ୟ

ସର୍ବଭାରତୀୟ ସମନ୍ୱୟ ବୈଠକରେ ଏକ ମେଗା ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ଏପରି ଏକ ଦୃଢ଼ ଯୋଜନା ଯାହା ଇଣ୍ଡି ମେଣ୍ଟର ଚିନ୍ତାକୁ ବଢ଼ାଇ ଦେବ। ଇଣ୍ଡି ମେଣ୍ଟ ଏପର୍ଯ୍ୟନ୍ତ ନରେନ୍ଦ୍ର ମୋଦୀଙ୍କୁ ବୁଝିପାରିନାହିଁ। ସେ ଆରଏସଏସକୁ ବୁଝିବା ପାଇଁ ଆହୁରି ବହୁତ ସମୟ ଲାଗିବ। ଉଭୟ ନରେନ୍ଦ୍ର ମୋଦୀଙ୍କ ସମ୍ପର୍କରେ ଇଣ୍ଡି ମେଣ୍ଟ ଯାହା ଭାବୁଛି ଆରଏସଏସ ତାହାଠାରୁ ୧୦୦ ପାଦ ଆଗରେ ରହିଛି। ୨୦୨୯ ପାଇଁ ସଂଘ ପ୍ରସ୍ତୁତି ଆରମ୍ଭ କରିସାରିଛି ଏବଂ ଏହା ଏପରି ଏକ ପ୍ରସ୍ତୁତି ଯାହା ଚତୁର୍ଥ ଥର ପୃଷ୍ଠା-୬

## ଇସ୍ତଫା ଦେବାକୁ ମମତା ପ୍ରସ୍ତୁତ

**କୋଲକାତା, ୧୨।୯:** ଆନ୍ଦୋଳନରତ ଡାକ୍ତରମାନେ ନ୍ୟାୟ ପାଆନ୍ତୁ ବୋଲି ସେମାନେ ଚାହୁଁ ନ ଥିବା ମନେ ହେଉଛି। ସେମାନେ ଆସନ ଚାହାନ୍ତି। ଲୋକଙ୍କ ସ୍ୱାର୍ଥ ରକ୍ଷା ନିମିତ୍ତ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁତ। ମୁଁ ଆସନଲୋଭୀ ନୁହେଁ।ମୃତକ ନ୍ୟାୟ ପାଉ, ରୋଗୀମାନେ ନ୍ୟାୟ ପାଆନ୍ତୁ ବୋଲି ଆନ୍ତରିକତାର ସହିତ ଚାହୁଁଛି। ଆଶା କରୁଛି ରାଜ୍ୟବାସୀ ପ୍ରକୃତ ଘଟଣା ବୁଝିପାରୁଥିବେ। ଲୋକଙ୍କୁ ନ୍ୟାୟ ଦେବା ଲାଗି ଇସ୍ତଫା ଦେବାକୁ ପ୍ରସ୍ତୁତ ବୋଲି ଅତ୍ୟନ୍ତ ଭାବବିହ୍ୱଳିତ କଣ୍ଠରେ ପୃଷ୍ଠା-୬

**ଆଲୋଚନା ପାଇଁ ଆସିଲେନି ଡାକ୍ତର**



# ଅବସର ପରେ ପୁନଃନିଯୁକ୍ତି: ଲାଗିଲା ଅଙ୍କୁଶ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପୁନଃନିଯୁକ୍ତି ବା ଥଇଥାନ ଉପରେ ଲାଗିଲା ବ୍ରେକ୍ । ଯଦି କୌଣସି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଜରୁରୀ ହୁଏ ତା'ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସଂକଳ୍ପ ଜାରିହୋଇଛି। ୨୦୧୪ ଅଗଷ୍ଟ ୨୭ତାରିଖରେ ବିଜେଡି ସରକାରଙ୍କ ଦ୍ୱାରା ଜାରି ପୁନଃନିଯୁକ୍ତି ସଂକ୍ରାନ୍ତ ସଂକଳ୍ପକୁ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରଦ୍ଦ କରିଛନ୍ତି। ତଦନୁଯାୟୀ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ୪ଜଣିଆ କମିଟିର ସୁପାରିଶ ଓ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ବିନା ପୁନଃନିଯୁକ୍ତି ମିଳିପାରିବ ନାହିଁ। କୌଣସି ପୁନଃନିଯୁକ୍ତିକୁ ପୋଷ୍ଟଫେକ୍ଟୋ (ପିଛିଲା ଭାବେ) ମଧ୍ୟ ଅନୁମୋଦନ ମିଳିବ ନାହିଁ । ଅତ୍ୟନ୍ତ ଜରୁରୀ ନ ହେଲେ ପୁନଃନିଯୁକ୍ତି ଦିଆଯିବ ନାହିଁ। ପୁନଃନିଯୁକ୍ତିକୁ କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ। ଯେଉଁ ଅଫିସର ବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦିଆଯିବ ଅବସର ପୂର୍ବରୁ କ୍ରମାଗତ ୫ବର୍ଷ ପାଇଁ ତାଙ୍କର ସିସିଆର/ପିଏଆର



'ଆଉଟଷ୍ଟାଣ୍ଡିଂ' ରହିବା ଜରୁରୀ। ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଅପରାଧିକ ମାମଲା ମଧ୍ୟ ବିଚାରାଧୀନ ନ ଥିବ କିମ୍ବା ସେ କୌଣସି ଅସଦାଚରଣ ମାମଲାରେ ଦଣ୍ଡିତ ହୋଇ ନଥିବେ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଦୁର୍ଗାପୂଜା ସମୟରେ ସଂଗୀତ ପରିବେଷଣ ଉପରେ କଟକଣା ଲଗାଇଛନ୍ତି ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର। ନମାଜ ଓ ଆଜାନ ସମୟରେ ବାଦ୍ୟଯନ୍ତ୍ର ଓ ଗୀତ ନ ବଜାଇବାକୁ ହିନ୍ଦୁ ସମ୍ପ୍ରଦାୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।
- କର୍ଣ୍ଣାଟକର ନାଗମଙ୍ଗଳା ଟାଉନ୍ ଥାନା ମାଣ୍ଡ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନ ସମୟରେ ହିଂସାକାଣ୍ଡ: ୬୦ରୁ ଊର୍ଦ୍ଧ୍ୱ ଅଟକ।
- ଆର୍‌ଜି କର ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ଡା. ସନ୍ଦୀପ ଘୋଷଙ୍କ ୪ ଠିକଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ରେଡ୍।
- ଅଗଷ୍ଟ ସୁଦ୍ଧା ଖୁଚୁରା ମୁଦ୍ରାସ୍ଫୀତି ୩.୬୫ %କୁ ବୃଦ୍ଧି। ଏହା ରିଜର୍ଭ ବ୍ୟାଙ୍କ ଆକଳନଠାରୁ ବହୁ ଅଧିକ।
- ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଘରେ ଆୟୋଜିତ ଗଣେଶ ପୂଜା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନକୁ ନେଇ ବିବାଦ। ଡ. ମନମୋହନ ସିଂହଙ୍କ ଉଦାହରଣ ଦେଇ ପାଲଟା ଟାର୍ଗେଟ କଲା ବିଜେପି।
- ୟୁକ୍ରେନ୍ ଶାନ୍ତି ପ୍ରସ୍ତାବ ନେଇ ପୁଟିନ୍‌ଙ୍କୁ ଭେଟିଲେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ୍।
- ଆମେରିକାରେ ରାହୁଲ ଗାନ୍ଧି ଦେଇଥିବା ମନ୍ତବ୍ୟକୁ ଦୁଃଖଦାୟକ ଓ ନିନ୍ଦନୀୟ ବୋଲି କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼।
- ନିନ୍ଦିତ ହେବା ପରେ ତାଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଥିବା କହିଲେ ରାହୁଲ ଗାନ୍ଧି। କଂଗ୍ରେସ କେବେ ସଂରକ୍ଷଣ ବିରୋଧୀ ନୁହେଁ ବୋଲି କହିଲେ।
- ଭୁବନେଶ୍ୱର: ୟୁଜ୍ ଆଣ୍ଡ୍ ଥ୍ରୋ କପ୍‌ରେ ଚା ବିକ୍ରି କରାଯାଇ ପାରିବ ନାହିଁ ବୋଲି ଭୁବନେଶ୍ୱର ମହାନଗର ନିଗମର ନିର୍ଦ୍ଦେଶନାମା।
- ଶ୍ରୀମନ୍ଦିର ଦଧିନଉତି ଉପରକୁ ଚଢ଼ିଯାଇଥିବା ମାନସିକ ବିକାରଗ୍ରସ୍ତ ବୃଦ୍ଧ ବଳରାମ ମହାରଣାଙ୍କୁ ପୋଲିସ ପରିବାରକୁ ଦେଲା।
- ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାର ଥିବାରୁ ଆଗାମୀ ଦିନରେ ଆମ ଦେଶରେ ଡିଜେଲ ପେଟ୍ରୋଲ ଦର ହ୍ରାସ ସମ୍ଭାବନା ।
- ଅକ୍ଟୋବର ୨୭ରେ ଓସିଏସ୍ ପ୍ରିଲିମ୍।

## ୪୭୬ଙ୍କୁ ନିଯୁକ୍ତି ଆସ୍ଥା ଓ ବିଶ୍ୱାସ ଜିତିବା କର୍ମଚାରୀଙ୍କ ଦାୟିତ୍ୱ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ବିଭିନ୍ନ ବିଭାଗରେ

**ଲୋକଙ୍କ ମୁହଁରେ ହସଫୁଟାଇବାକୁ ଉଦ୍ୟମ କର: ମୁଖ୍ୟମନ୍ତ୍ରୀ**

**ଶେଷ ଧାଡ଼ିକୁ ଯୋଜନାର ସୁଫଳ ପହଞ୍ଚାଇବା ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟ**

୪୭୬ ଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏକ ନିଯୁକ୍ତି ମେଳା ମାଧ୍ୟମରେ ଏହି ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନବ



ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ପାଇଁ ପ୍ରଥମ କର୍ମନିଯୁକ୍ତିର ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ ହୋଇଥାଏ। ଆଜି ଆପଣମାନେ ଲୋକଙ୍କ ସେବାରେ ନିଯୁକ୍ତ ହେଉଛନ୍ତି। ଏହି ସେବା କେବଳ ଏକ କର୍ମନିଯୁକ୍ତି ନୁହେଁ, ଏହା ଆପଣମାନଙ୍କ ପାଇଁ ଏକ ଗୁରୁଦାୟିତ୍ୱ। ଗଣତନ୍ତ୍ରରେ ସରକାର ହେଉଛନ୍ତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଜନସାଧାରଣଙ୍କ ସମସ୍ୟା ଓ ତା'ର ସମାଧାନ, ସରକାର ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ କିଭଳି ସମାଜର ଶେଷ ଧାଡିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ, ଏହାକୁ ନିଶ୍ଚିତ କରିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାର ଯୋଜନା ଓ କାର୍ଯ୍ୟକ୍ରମ ତିଆରି କରିବେ। କିନ୍ତୁ ପୃଷ୍ଠା-୬

## ମୃତ୍ୟୁ ପରେ ଶରୀର ଦାନ କଲେ ୟେଚୁରୀ



**ନୂଆଦିଲ୍ଲୀ, ୧୨।୯:** ଦୀର୍ଘ ପାଞ୍ଚ ଦଶନ୍ଧି ଧରି ରାଜନୀତିରେ ସକ୍ରିୟ ଥିବା ସିପିଏମ୍‌ର ବରିଷ୍ଠ ନେତା ତଥା ମହାସଚିବ ସୀତାରାମ ୟେଚୁରୀଙ୍କର ଗୁରୁବାର ଦିଲ୍ଲୀ ଏମ୍ସରେ ଦେହାନ୍ତ ହୋଇଛି। ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଶ୍ୱାସନଳୀ ସଂକ୍ରମଣ ଯୋଗୁ ସେ ଅଗଷ୍ଟ ୧୯ରୁ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ଡାକ୍ତରଙ୍କ ସବୁ ଉଦ୍ୟମ ସତ୍ତ୍ୱେ ଆଜି ଅପରାହ୍ଣ ୩ଟା ୫ମିନିଟ୍‌ରେ ସୀତାରାମ ୟେଚୁରୀ ଆଖି ବୁଜିଛନ୍ତି। ୟେଚୁରୀ ୨୦୦୫ରୁ ୨୦୧୭ ଯାଏ ରାଜ୍ୟସଭାର ସାଂସଦ ଥିଲେ। ସେ ୨୦୦୪ରେ ୟୁପିଏ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ୨୦୨୪ ଅଗଷ୍ଟ ୧୯ ତାରିଖ ସନ୍ଧ୍ୟାରେ ନିମୋନିଆ ଯୋଗୁ ତାଙ୍କୁ ଏମ୍ସର ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ଆଇସିୟୁ ଓ ପରେ ଶ୍ୱାସକ୍ରିୟା ମେସିନ ଦ୍ୱାରା ତାଙ୍କୁ ଅମ୍ଳଜାନ ଦିଆଯାଉଥିଲା। ଏହାପୂର୍ବରୁ ୟେଚୁରୀଙ୍କ ମୋତିଆ ବିନ୍ଦୁ ଅପରେସନ ମଧ୍ୟ ହୋଇଥିଲା। ୟେଚୁରୀ ୧୯୫୨ ଅଗଷ୍ଟ ୧୨ରେ ଚେନ୍ନାଇର ଏକ ବ୍ରାହ୍ମଣ ପରିବାରେ ଜନ୍ମଗ୍ରହଣ କରି ହାଇଦ୍ରାବାଦ ଓ ଦିଲ୍ଲୀରେ ବଢ଼ିଥିଲେ। ଛାତ୍ର ରାଜନୀତିରୁ ସେ ପୃଷ୍ଠା-୬

# କର୍ମୀଙ୍କୁ ବୁଝାଇ ବୁଝାଇ ନାକେଦମ ଦଳପତି

**ଭୁବନେଶ୍ୱର, ୧୨ । ୯ (ସଂଚାର ବ୍ୟୁରୋ) :** ବିଜେଡି ରାଜନୀତିରେ ଏବେ ମଙ୍ଗୁଆଳ ସଙ୍କଟ। ଦଳର ଦୁଇ ମଙ୍ଗୁଆଳ ପାଣ୍ଡିଆନ-ବବି ଯୋଡି ନିର୍ବାଚନରେ ଫେଲ୍ ମାରିବାପରେ ଏବେ କିଏ ଦଳକୁ ପରିଚାଳନା କରିବ ତାହାକୁ ନେଇ ବିଜେଡିରେ ଚାଲିଛି ଘଣ୍ଟାଚକଟା । ଯଦିଓ ଦଳ ମୁଖିଆ ନବୀନ ରାଜ୍ୟର ବିଭିନ୍ନ ସ୍ଥାନରୁ କର୍ମୀଙ୍କୁ ଡାକି ସେମାନଙ୍କ ମନୋବଳ ବଢାଉଛନ୍ତି ହେଲେ ଦଳକୁ ଆଗକୁ ନେବାପାଇଁ କାହାକୁ ମଙ୍ଗୁଆଳ କରିବେ ତାହା ବଡ ପ୍ରଶ୍ନବାଚୀ ହୋଇଛି ।

ନିର୍ବାଚନ ପୂର୍ବରୁ ବିଜେଡିର ସର୍ବମୟ କର୍ତ୍ତା ସାଜିଥିଲେ ପାଣ୍ଡିଆନ-ବବି ଯୋଡି । ଟିକଟ ବଣ୍ଟନ ଠାରୁ ଅର୍ଥ ବଣ୍ଟନ ପର୍ଯ୍ୟନ୍ତ ସବୁକିଛିର ନିଷ୍ପତ୍ତି ନେଉଥିଲେ। ତାଙ୍କରି ରଣନୀତିରେ ବିଜେଡି ନିର୍ବାଚନ ଲଢିଥିଲା । ନବୀନ କେବଳ ଦୁଇ ମଙ୍ଗୁଆଳ ପ୍ରସ୍ତୁତ କରିଥିବା



**ପାଣ୍ଡିଆନ-ବବି ଯୋଡ଼ି ଫେଲ୍**

**ମିଳୁ ନାହାନ୍ତି ମଙ୍ଗୁଆଳ**

ବ୍ଲୁ-ପ୍ରିଣ୍ଟ ଅନୁଯାୟୀ କାର୍ଯ୍ୟ କରୁଥିଲେ। ତଳୁ ଉପର ପର୍ଯ୍ୟନ୍ତ ଏହି ଦୁଇ ଜଣ ହିଁ ସାଜିଥିଲେ ବିଜେଡିର ମାର୍ଗଦର୍ଶକ । ଏହାର ଫଳ ହେଲା ଏଇଆ ଯେ ବିଜେଡି ଗୋଟିଏ ହେଲେ ଲୋକସଭା ଆସନ ଜିତିପାରି ନଥିବାବେଳେ ରାଜ୍ୟରେ ବିଜେପି କ୍ଷମତା ଛଡାଇ ନେଲା । ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓରଫ ବବି ନିଜେ ସମ୍ବଲପୁର ଲୋକସଭା ଆସନରୁ ହାରିଥିବାବେଳେ ତାଙ୍କ ମା' କୋରେଇରୁ ହାରିଗଲେ। ନିଜର ଗଡ ଯାଜପୁରରକୁ ବି ବବି ରକ୍ଷାକରି ପାରିଲେ ନାହିଁ । ସାରା ରାଜ୍ୟରେ ବିଜେଡିର ବହୁ ପ୍ରାର୍ଥୀ ହାରିଲେ । ମାତ୍ର ୫୧ଟି ଆସନରେ ଦଳ ସୀମିତ ରହିବା ସହିତ ଅନେକ ନବାଗତଙ୍କ ଠାରୁ ବିଜେଡିର ତୁଙ୍ଗ ନେତାମାନେ ଅପମାନଜନକ ଭାବେ ହାରିଗଲେ । ଏପରିକି ଯେଉଁମାନଙ୍କୁ ପାଣ୍ଡିଆନ-ବବି ଯୋଡି ଟିକଟ ଦେଲେନାହିଁ ସେମାନେ ରାତାରାତି ବିଜେପିରୁ ଟିକଟ ନେଇ ବିଧାନସଭାକୁ ଆସିଲେ ।

ଦଳର ଶୋଚନୀୟ ପରାଜୟ ପରେ ପାଣ୍ଡିଆନ ଭିଡିଓ ଜାରି କରି ରାଜନୀତିରୁ ସନ୍ନ୍ୟାସ ନେଇଥିବାବେଳେ ବବି ଏବେ ଏକ ପ୍ରକାର ବନବାସରେ ରହିଛନ୍ତି। ସନ୍ନ୍ୟାସ ନେବାର କିଛିଦିନ ପରେ ଯଦିଓ ପାଣ୍ଡିଆନ ଆସି ନବୀନ ନିବାସରେ ବସି ବିଜେଡି ରାଜନୀତିରେ ମୁଣ୍ଡ ପୂରାଉଛନ୍ତି କିନ୍ତୁ କର୍ମୀଙ୍କ ରାଗକୁ ଦେଖି କୌଣସି ଠାରେ ମୁହଁ ଦେଖାଉ ନାହାନ୍ତି । ଏପରିକି ପୂର୍ବଭଳି ତାଙ୍କୁ ଆଉ ସର୍ବସାଧାରଣ ସ୍ଥାନରେ ଦେଖିବାକୁ ମିଳୁନାହିଁ । ବିଜେଡି କାର୍ଯ୍ୟାଳୟ ଶଙ୍ଖଭବନ ଭିତରେ ବିଜେଡିର ଯୁବ କର୍ମୀମାନେ ଏହି ଦୁଇ ମଙ୍ଗୁଆଳଙ୍କୁ ଗାଳି ଫଜିତ କରିବାପରେ ସେମାନେ ନିରବ ରହିଛନ୍ତି । ସେମାନଙ୍କ କଥା ମାନିବାକୁ କେହି ପ୍ରସ୍ତୁତ ନୁହନ୍ତି ।

ଆଗକୁ ପଞ୍ଚାୟତ ଓ ତା ପରେ ପରେ ପୌର ନିର୍ବାଚନ ଆସୁଥିବାରୁ ପୃଷ୍ଠା-୬

# ପ୍ରବାସରୁ ନ ଫେରିଲେ ରାସନ କାର୍ଡରୁ କଟିବ ନାଁ !

## ଇ-କେୱାଇସି ବଢ଼ାଇଛି ଅଡୁଆ, ହିତାଧିକାରୀଙ୍କ ଇ-କେୱାଇସି ବାଧ୍ୟତାମୂଳକ

**ଜଗତସିଂହପୁର, ୧୨।୯ (ସଂଚାର ବ୍ୟୁରୋ):** ରୋଜଗାର ପାଇଁ ମାସକ ତଳେ ପୁଅ ଯାଇଛି। ଟଙ୍କାଟିଏ ପାଖରେ ନଥିଲା, ଧାରଉଧାର କରି ଗାଡ଼ି ଟିକେଟ ଟଙ୍କା ଯୋଗାଡ଼ କରି ଯାଇଥିଲେ। ଦୁଇ ମାସେ ପୁରିନି ଏବେ ୫ କେଜି ଚାଉଳ ପାଇଁ ପୁଣି ଗାଁକୁ ଫେରିବାକୁ ପଡ଼ିବ। ଡ଼ିଲର କହିଛନ୍ତି, ଗାଁକୁ ଆସି ଆଙ୍ଗୁଠି ଚିପ ନଦେଲେ ୫କେଜି ଚାଉଳ ଆଉ ମିଳିବନି ପ୍ରତ୍ୟେକ ରାସନ ବାଧ୍ୟତାମୂଳକ କରାଯିବା ପରେ ଏଭଳି ସମସ୍ୟାରେ ପଡ଼ିଛନ୍ତି ଜଗତସିଂହପୁର ଜିଲ୍ଲାବାସୀ। ୫କେଜି ଚାଉଳ ଛୋଟ କଥା ନୁହେଁ ଯୁବକ ଯୁବତୀମାନେ କେରଳ, ଚେନାଇ, ଗୁରୁଗ୍ରାମ, ଦିଲ୍ଲୀରେ ଅଛନ୍ତି। ତେଣୁ ବାଧ୍ୟ ହୋଇ ଫେରିବାକୁ ପଡ଼ିବ। ଏନେଇ ପ୍ରବାସରେ ରହୁଥିବା ହଜାର ହଜାର ଲୋକ ଏବେ ୫କେଜି ଚାଉଳ ପାଇଁ ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଆଉ କିଛି ବାଟ ହିଁ ନାହିଁ, ଇ -କେୱାଇସି ପାଇଁ ବାଧ୍ୟ ହୋଇ ଫେରିବାକୁ ପଡୁଛି। ଇ -କେୱାଇସି ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା କେବଳ ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇନାହିଁ ବରଂ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଜିଲ୍ଲାରେ ୨,୩୯,୮୯୦ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ ରହିଛି। ଏହାଦ୍ୱାରା ହିତାଧିକାରୀମାନେ ଉପକୃତ ହେଉଛନ୍ତି। କିନ୍ତୁ ଦୀର୍ଘ ବର୍ଷ ଧରି ଯାଞ୍ଚ ହେଉନଥିବାରୁ ଅନେକ କ୍ଷେତ୍ରରେ ମୃତ ହିତାଧିକାରୀଙ୍କ ନାମରେ ବି ଖାଉଟି ସାମଗ୍ରୀ ଉଠୁଥିଲା ଫଳରେ ହଜାର ହଜାର କୁଇଣ୍ଟାଲ ଖାଉଟି ସାମଗ୍ରୀ ବାଟମରଣା ହୋଇଆସୁଥିଲା। ଏଥିରେ ରୋକ୍ ଦେବା ଲାଗି ରାଜ୍ୟ ସରକାର ଖାଉଟି ସୁରକ୍ଷା ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ବାଧ୍ୟତାମୂଳକ କରିଛନ୍ତି। ରାସନକାର୍ଡ ବ୍ୟବସ୍ଥାରେ ପ୍ରଥମ ଥର ପାଇଁ ଏହି ଇ-କେୱାଇସି ଲାଗୁ କରାଯାଇଛି। ଅର୍ଥାତ ଗୋଟେ



ରାସନ କାର୍ଡରେ ପରିବାର ଯେତେଜଣଙ୍କ ନାମ ରହିଛି ସେମାନେ ସମସ୍ତେ ନିଜର ଫିଙ୍ଗରପ୍ରିଣ୍ଟ ଦେବେ। ପ୍ରତ୍ୟେକ ଡ଼ିଲର ପଏଣ୍ଟକୁ ଯାଇ ହିତାଧିକାରୀମାନେ ସେମାନଙ୍କ ପରିବାର ସହ ଫିଙ୍ଗର ପ୍ରିଣ୍ଟ ଦେବେ ନଦେଲେ ସେମାନଙ୍କ ନାମ ତାଲିକାରୁ ବାଦ ଦିଆଯିବ ବୋଲି ଏକ ଅଲିଖିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲ୍ଲାର ପ୍ରତି ବ୍ଲକରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବା ସହିତ କାର୍ଡର ପ୍ରତି ସଦସ୍ୟଙ୍କ ବାୟୋମେଟ୍ରିକ ନେବାକୁ ଏମ୍ଆଇମାନଙ୍କୁ ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜିକୃତ ୪ ଚକିଆ ଗାଡ଼ି, ଦୁଇ ବଖରା କୋଠା ଘର ଠାରୁ ଅଧିକ ଘର, ବିଦ୍ୟୁତ ବିଲ୍ ପୈଠ ନକରୁଥିବା ଉପଭୋକ୍ତାଙ୍କ ଆଧାର ଲିଙ୍କ କରି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଯୋଗାଯୋଗ ଅଧିକାରିଣୀ ଶ୍ରୀମତୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଏହି ଯୋଜନା ସାମିଲ ପାଇଁ ଆବେଦନ କରିଥିବା ପରିବାରଙ୍କ ଆର୍ଥିକ ସ୍ଥିତି ଯାଞ୍ଚ ପରେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ସେ କହିଛନ୍ତି।

ଜିଲ୍ଲା ଯୋଗାଣ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ଜଗତସିଂହପୁର ଜିଲ୍ଲାର ମୋଟ ୮ଟି ବ୍ଲକ ୨ଟି ପୌରାଞ୍ଚଳରେ ଏବେ ମୋଟ ୨ଲକ୍ଷ ୩୯ ହଜାର ୮୯୦ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ଖାଉଟି ସାମଗ୍ରୀ ପ୍ରଦାନ କରାଯାଉଛି। ଏଥିରେ ଅନ୍ତୋଦ୍ୟ ଅନ୍ନ ଯୋଜନାରେ ୨୪,୭୯୮ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସଏଫଏସଏସ)୬,୮୮ ପରିବାର ଅଛନ୍ତି, ଜଗତସିଂହପୁର ଜିଲ୍ଲାର ଜନସଂଖ୍ୟାର ୮୪ ପ୍ରତିଶତ ଲୋକ ମାଗଣା ରାସନ ପ୍ରତି ମାସରେ ପାଉଥିବା ଜଣାପଡିଛି। ଗ୍ରାମ୍ୟାଞ୍ଚଳରେ ୮୨ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ସମୟରେ ସହରାଞ୍ଚଳରେ ୭୪ ପ୍ରତିଶତ ଲୋକ ଏହି ଯୋଜନାର ଲାଭ ଉଠାଉଛନ୍ତି। ଏଥିରେ ବହୁ ଆର୍ଥିକ ସ୍ୱଚ୍ଛଳ ଶ୍ରେଣୀର ପରିବାର ଚଞ୍ଚକତା କରି ବର୍ଷ ବର୍ଷେ ଧରି ସୁବିଧା ପାଇ ଆସୁଛନ୍ତି। ଅନ୍ୟପକ୍ଷରେ କିଛି ପରିବାର ଆୟ ବୃଦ୍ଧି ଘଟିବା ସହିତ ସେମାନେ ସ୍ୱଚ୍ଛଳ ଆର୍ଥିକ ସ୍ଥିତିରେ ପହଞ୍ଚି ସାରିଛନ୍ତି। ମାତ୍ର ପୂର୍ବଭଳି ରାସନ କାର୍ଡରେ ମିଳୁଥିବା ସୁବିଧା ସୁଯୋଗ ନେଉଛନ୍ତି। ତୃଣମୂଳ ସ୍ତରରେ ଶହଶହ ଅଯୋଗ୍ୟ ହିତାଧିକାରୀ ବେଆଇନ ଭାବରେ ରାସନ ସାମଗ୍ରୀ ପ୍ରତିମାସରେ ପାଉଥିବା ବେଳେ ଏମାନଙ୍କୁ ଏଥିରୁ ବାଦ ଦିଆଯାଇ ପାରିନାହିଁ। କାରଣ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସେମାନଙ୍କର ଦବଦବା ରହିଛି। ଏହି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ଦେବା ପୂର୍ବରୁ ପ୍ରଶାସନ ପାଇଁ ନାକେଦମ୍ ହେଉଥିବା ବେଳେ ବର୍ତ୍ତମାନ ଏହା ସହଜ ହେବ ବୋଲି ଆଶା କରାଯାଉଛି।




# ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ପାଇଁ ଜନସେବା କେନ୍ଦ୍ରରେ ଅର୍ଥ ଦାବି

**ଖୋର୍ଦ୍ଧା, ୧୨।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଜନସେବା କେନ୍ଦ୍ର ଓ କମନ ସର୍ଭିସ ସେଣ୍ଟରରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଥିବାବେଳେ ଏହାର ସୁଯୋଗ ନେଇ ଖୋର୍ଦ୍ଧା ସହର ମଧ୍ୟରେ ଥିବା କେତେକ ଜନସେବା ଓ କମନ ସର୍ଭିସ ସେଣ୍ଟର ଗୁଡ଼ିକରେ ସୁଭଦ୍ରା ଯୋଜନାରେ ପଞ୍ଜିକରଣ ପାଇଁ ମହିଳା ହିତାଧିକାରୀ ମାନଙ୍କ ଠାରୁ ଅର୍ଥଦାବୀ କରାଯାଉଛି। ରାଜ୍ୟ ସରକାର ପ୍ରେସବିଜ୍ଞପ୍ତି ରେ ସୁଭଦ୍ରା ଯୋଜନାରେ ପଞ୍ଜିକରଣ ସମ୍ପୂର୍ଣ୍ଣ ନିଃଶୁଳ୍କ ବୋଲି ଘୋଷଣା କରିଥିଲେ ମଧ୍ୟ ଏହି ନିର୍ଦ୍ଦେଶନାମା କୁ ଜନସେବା କେନ୍ଦ୍ରର ପରିଚାଳକ ମାନୁ ନାହାଁନ୍ତି। ନାମ ପଞ୍ଜିକରଣ ନିମନ୍ତେ ଦାବୀ ମୁତାବକ ଅର୍ଥ ନଦେଲେ ବିଭିନ୍ନ ଆଳ ଦେଖାଇ ଫେରାଇ ଦିଆଯାଉଛି। ଫଳରେ ବହୁ ଯୋଗ୍ୟ ମହିଳା ହିତାଧିକାରୀ ରାଜ୍ୟ ସରକାରଙ୍କର ଏହି ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ପଲ୍ଲାହାଟ, ଓଡିଶା ହୋଟେଲ ନିକଟ ଏବଂ ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଜନସେବା କେନ୍ଦ୍ରରେ। ଯେଉଁଠିକି ସୁଭଦ୍ରା ଯୋଜନାରେ ନିଜ ନାମ ପଞ୍ଜିକରଣ କରିବାକୁ ଯାଉଥିବା ହିତାଧିକାରୀଙ୍କ ପିଛା ଜୋରଜବରଦସ୍ତ ଅର୍ଥ ଆଦାୟ କରାଯାଉଛି। ଏହାର ପ୍ରତିବାଦ କଲେ ସମ୍ପୃକ୍ତ ଜନସେବା କେନ୍ଦ୍ରର ପରିଚାଳକ ନାଲି ଆଖି ଦେଖାଇବା ସହିତ ଆମେ ଅଲବତ ୫୦ ଟଙ୍କା ନେବୁ ଆମର କିଏ କଣ କରିବ କହୁଥିବା ଶୁଣିବାକୁ ମିଳୁଛି। ଏଥିପ୍ରତି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଘଟଣାଟିର ତଦନ୍ତ କରି ଅର୍ଥଦାବୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

# ପୌର ପରିଷଦ ମୁକୁନ୍ଦ ପ୍ରସାଦ ଜନସେବା କେନ୍ଦ୍ର ସିଲ୍




**ଖୋର୍ଦ୍ଧା, ୧୨।୯ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ପଞ୍ଜିକରଣ ବେଳେ ଟଙ୍କା ଦାବୀ କରୁଥିବା ଜନସେବା କେନ୍ଦ୍ରକୁ ସିଲ କଲା ଜିଲ୍ଲା ପ୍ରଶାସନ। ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ପିଏନ କଲେଜ ନିକଟରେ ଥିବା ସୃଷ୍ଟି କର୍ଣ୍ଣର ଜନସେବା କେନ୍ଦ୍ର ସୁଭଦ୍ରା ଯୋଜନା ପଞ୍ଜିକରଣ ବେଳେ ଟଙ୍କା ମାଗୁଥିବା ଅଭିଯୋଗରେ ପୌର ପରିଷଦ ଖୋର୍ଦ୍ଧା ତଦନ୍ତ କରିବା ପରେ ଏହାର ସତ୍ୟତା ଜଣାପଡିଥିଲା। ତଦନ୍ତକୁ ଭିତ୍ତିକରି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧିକାରୀ ଥାନାରେ ଏଫ ଆଇ ଆର ଲଜ କରିବା ପରେ ସୃଷ୍ଟି କର୍ଣ୍ଣର ଜନସେବା କେନ୍ଦ୍ରକୁ ସିଲ କରାଯାଇ ବନ୍ଦ କରାଯାଇଛି।

### ଚାରି ମାସ ହେଲା ଦରମା ନାହିଁ

# ଜିଲ୍ଲାପାଳଙ୍କୁ ଭେଟିଲେ ନର୍ସିଂ କର୍ମଚାରୀ

**ନୟାଗଡ଼, ୧୨।୯ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ ଅଜବ ନିତି। କାମ ହାଡ଼େ ହାଡ଼େ ଆଦାୟ କରୁଥିବା ବେଳେ ଦରମା ଦେବାର ନା ଗନ୍ଧ ଧରୁ ନାହାନ୍ତି। ମାସେ ନୁହେଁ କି ଦୁଇ ମାସ ନୁହେଁ ଚାରି ମାସ ହେଲା ଦରମା ପାଇନାହାନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ନର୍ସିଂ କର୍ମଚାରୀ। ଦିନ ପରେ ଦିନ ମାସ ପରେ ମାସ ଗଡି ଚାଲିଛି କିନ୍ତୁ କର୍ମଚାରୀଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ନର୍ସିଂ କର୍ମଚାରୀମାନେ ଯେହେତୁ ଠିକା ସଂସ୍ଥା ମାଧ୍ୟମରେ ଜଡିତ ହୋଇ ରହିଛନ୍ତି, ତେଣୁ ପାଟି ଖୋଲି କହିବା ସମ୍ଭପର ମାନୁନାହାନ୍ତି। ପାଟି ଖୋଲିଲେ ଚାକିରିରୁ ଛଟେଇ। କିନ୍ତୁ କେତେଦିନ ଦୁଃଖ, କଷ୍ଟ ଭୋଗିବେ ବାଧ୍ୟ ହୋଇ ନର୍ସିଂ କର୍ମଚାରୀ ମାନେ ବାଧ୍ୟ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ନିଜ ନିଜର ଦୁଃଖ ଜଣାଇଛନ୍ତି। ଏକ ଘରୋଇ ଠିକାସଂସ୍ଥା ଜରିଆରେ ଏହି ନର୍ସିଂ କର୍ମଚାରୀ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସୁବିଧା ଯୋଗାଇ ଦେଉଥିବା କର୍ମଚାରୀମାନେ ଦରମା ନ ପାଇ ଚାରିମାସ ହେଲା ଦୁର୍ଦ୍ଦିନରେ ପରିବାର ପ୍ରତିପୋଷଣ କରୁଥିବା ଏହା ପଛରେ କଣ ରହିଛି ସମସ୍ୟା? ତାକୁ ନେଇ ପ୍ରଶ୍ନ ଉଠିଛି। ବିଗତ ଦିନରେ ଅନେକ ଠିକାସଂସ୍ଥା କର୍ମଚାରୀଙ୍କ ଦରମାକୁ ହରିଲୁଟ କରିଥିବାର ନଜିର ରହିଛି। ପୁନଃ ଏଭଳି ପରିସ୍ଥିତି ସୃଷ୍ଟି ନହେଉ ବୋଲି ସ୍ୱାସ୍ଥ୍ୟ କର୍ମଚାରୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତୁରନ୍ତ ଦରମା ପ୍ରଦାନ କରିବା ପାଇଁ ନର୍ସିଂ କର୍ମଚାରୀମାନେ ଦାବି କରିଥିବା ବେଳେ କିଛି କର୍ମଚାରୀଙ୍କୁ ବିତାଡ଼ିତ କରିବାକୁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି। ତେବେ ସାତ ଦିନ ଭିତରେ ଦରମା ନମିଳେ ତେବେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

### ବଚସାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

# ଜଣେ ଗୁରୁତର, ଡାକ୍ତରଖାନାରେ ଭର୍ତ୍ତି

**ବୈସିଙ୍ଗା, ୧୨।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତର ଅଁଳା ସ୍ଥିତ ବ୍ୟାଙ୍କ୍ ଅଫ ଇଣ୍ଡିଆ ନିକଟରେ ଗୁରୁବାର ସନ୍ଧ୍ୟା ୬ ଘଟିକା ସମୟରେ କୌଣସି ଏକ କଥାକୁ କେନ୍ଦ୍ର କରି ବଚସା ଓ ପରେ ପରେ ସଙ୍ଗ ବଦ୍ଧ ଭାବେ ଜନୈକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ। ଗୁରୁତର ଆହତ ଯୁବକ ଜଣକ ହେଲେ ବୈଶିଙ୍ଗା ଥାନା ଅଧୀନ ତେନ୍ତୁଳିଗାଁ ଗ୍ରାମର ରତିକାନ୍ତ ପଣ୍ଡାଙ୍କ ୩୦ ବର୍ଷିୟ ପୁଅ ବାବୁ ଓରଫ ଗିରିଜାଶଙ୍କର ପଣ୍ଡା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ ଗୁରୁତର ଆହତ ହୋଇଥିବା ଗିରିଜାଶଙ୍କର ସନ୍ଧ୍ୟା ସମୟରେ ବ୍ୟାଙ୍କ ଅଫ ଇଣ୍ଡିଆ ପାଶ୍ୱରେ ଛିଡା ହୋଇଥିଲେ। ଏହି ସମୟରେ ଗୋଟିଏ କାର ଯୋଗେ ତିନି ଜଣ ଯୁବକ ପହଞ୍ଚି ଗିରିଜାଶଙ୍କର ଙ୍କ ସହ କୌଣସି ଏକ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଇତି ମଧ୍ୟରେ ନିଶା ଶକ୍ତ ଅବସ୍ଥାରେ ଥିବା ତିନି ଯୁବକ କାରରେ ଥିବା ଲୁହାରଡ ଏବଂ ହାତୁଡି କାଢି ଅକଥନୀୟ ଭାବେ ଗିରିଜାଶଙ୍କର ଙ୍କୁ ଅତର୍କିତ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ସଙ୍ଗେ ସଙ୍ଗେ କାର ଯୋଗେ ଫେରାର ହୋଇଯାଇଥିଲେ। ଗୁରୁତର ଗିରିଜା ଶଙ୍କରଙ୍କୁ ସ୍ଥାନୀୟ ଲୋକ ଏବଂ ପରିବାର ବର୍ଗ ବୈଶିଙ୍ଗା ଡାକ୍ତରଖାନା କୁ ନେଇଆସିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି। ସମ୍ବାଦ ଲେଖା ହେବା ବେଳକୁ କୌଣସି ଅଭିଯୋଗ ଥାନାରେ ହୋଇନଥିବା ଜଣାଯାଇଛି।

# ରାଜନଗରରେ ଆଇନ ସଚେତନତା ଶିବିର

**ରାଜନଗର, ୧୨।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାର୍ହାପୁରସ୍ଥିତ ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଇନ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ଶିବିରକୁ ତାଲୁକ ସେବା ସମିତିର ଅଧ୍ୟକ୍ଷା ତଥା ନ୍ୟାୟାଧିଶା ସୁଶ୍ରୀ ସଂଗୀତା ମଲ୍ଲିକ ଅଧ୍ୟକ୍ଷତା କରିବା ସହିତ ଉଦ୍‌ଘାଟନ କରିଥିଲେ। ଏସିଡି ଫିଙ୍ଗା ଭଳି ଜଘନ୍ୟ ଅପରାଧିକ ଘଟଣା କିପରି ଆମ ସମାଜ, ଆମ ସାମାଜିକ ମୂଲ୍ୟବୋଧକୁ ଅବକ୍ଷୟ ଆଡକୁ ନେଇଯାଉଛି, ତାହାର ବିସ୍ତୃତ ତଥ୍ୟ ଭିତିକ ବିବରଣୀ ଉପସ୍ଥାପନ କରିବା ସହିତ ଆଜିର ଛାତ୍ର ଛାତ୍ରୀ ଆଗାମୀ କାଲିର ଭବିଷ୍ୟତ ପିଢି ହୋଇଥିବାରୁ ସେମାନଙ୍କର ନିଷ୍ଠା, ସଂକଳ୍ପ ଓ ମାନସିକତା ପ୍ରତିବଦ୍ଧତା ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ବରିଷ୍ଠ ଆଇନଜିବୀ ସୁରେଶ କୁମାର ନରେନ୍ଦ୍ର ଏହି ଶିବିରକୁ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଭିନ୍ନ କୁମାର ସ୍ୱାଇଁ ସ୍ୱାଗତ




ଭାଷଣ ଦେଇଥିଲେ। ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଆସିଷ୍ଟାଂଟ ସିଭିଲ ଜଜ୍ ଡି.କେ.ବାଲକ୍ରୀଷ୍ଣନ ଯୋଗଦେଇ ଆଇନ ସଚେତନତା ଶିବିରର ଆଇନଗତ ଦିଗ ଏବଂ ଆଜିର ଯୁବସମାଜ ଏ କ୍ଷେତ୍ରରେ ଜାଗ୍ରତ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର କୋଷାଧ୍ୟକ୍ଷ ଆଇନଜିବୀ ଧିରେନ୍ଦ୍ର ନାଥ ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# କେଉଁଝର ଟାଇମସ୍ ସମ୍ପାଦକଙ୍କ ବିୟୋଗରେ ଶୋକ

**ବ୍ରହ୍ମପୁର, ୧୨।୯ (ସଂଚାର ବ୍ୟୁରୋ):** କେଉଁଝରରୁ ପ୍ରକାଶିତ କେଉଁଝର ଟାଇମସ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରେସ୍ କ୍ଲବର ସଭାପତି ନିରଞ୍ଜନ ନାୟକଙ୍କ ବିୟୋଗରେ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିବା ସହ ଓଡ଼ିଶା ରାଜ୍ୟ ଜଣେ ବରିଷ୍ଠ ସମ୍ପାଦକଙ୍କୁ ହରାଇଲା ବୋଲି କହିଛନ୍ତି। କେଉଁଝର ଟାଇମସ୍‌ର ସମ୍ପାଦକ ଭାବେ ସମଗ୍ର ଓଡ଼ିଶାରେ ପରିଚିତ ଥିଲେ। ନିର୍ଭୀକ କଲମ ଚାଳନା ପାଇଁ ସେ ସ୍ୱତନ୍ତ୍ର ସ୍ଥାନ ଛାଡ଼ି ଯାଇଛନ୍ତି। ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଅନ୍ୟମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଅମର ଆତ୍ମାର ସଦଗତି ପାଇଁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ପକ୍ଷରୁ ଶୋକସନ୍ତପ୍ତ ପରିବାର ବର୍ଗ ପ୍ରତି ସମବେଦନା ଜ୍ଞାପନ କରାଯାଇଛି।



# କଣାସରେ ଗଡ଼ିଲା ସୁଭଦ୍ରା ରଥ

**କଣାସ, ୧୨।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ରାଜ୍ୟସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା ରଥ ଗାଁକୁ ଗାଁ ବୁଲୁଥିବା ବଳେ ଆଜି କଣାସ ବ୍ଲକରେ ସୁଭଦ୍ରା ରଥ ପ୍ରଥମ କରି ଗଡିଥିବା ଜଣାପଡିଛି। ତ୍ରିଲୋଚନପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ କଣାସ ବିଡିଓ ନାରାୟଣ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, କଣାସ ଆଇ.ଆଇ.ସି ରାକେଶ ତ୍ରିପାଠୀ. ତ୍ରିଲୋଲଚନପୁର ସରପଞ୍ଚ ବିଜୟନୀ ପାତ୍ର ଓ ସମସ୍ତ ଅଙ୍ଗନବାଡି କର୍ମୀ, ସହାୟୀକା ଉପସ୍ଥିତ ରହି ସୁଭଦ୍ରା ଯୋଜନା ରଥକୁ ଗଡାଇଥିଲେ। ରଥ ଟି ତ୍ରିଲୋଚନପୁର ପଞ୍ଚାୟତ ତ୍ରିଲୋଚନପୁର, କଣ୍ଟପଡା, ହଳଦିପଦର, କାତପଡା, ନୀଳକଣ୍ଠପୁର, ବେଲପଡା, ଚଞ୍ଚେଇପଡା, ରାଣୀପଡା, ଗାଉପଡା, ମାନପୁର, ନୂଆପଡା, ଚାନ୍ଦପଡା, ବଳାଜିତ୍‌ପୁର, ନୂଆଗାଁ ପରିକ୍ରମା କରି ଗଡବଡପୁଟ ଗ୍ରାମପଞ୍ଚାୟତର ବେହେଣ୍ଟା, ବୀରକେଶରପୁର, ବାରଦା, ବାଦଲପୁର ଏବଂ ଗଡବଡପୁଟ ଗ୍ରାମ ପରିକ୍ରମା କରି ସୁଭଦ୍ରା ଯୋଜନା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଉଥିଲେ।

### ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ନେଇ ବିବାଦ

# ସିଡିପିଓ ଅଫିସ୍‌ରେ ମହିଳାଙ୍କ ଗଣଧାରଣା ଜାରି

**କଣାସ, ୧୨।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡାସ ଗ୍ରାମପଞ୍ଚାୟତ ତରପଡା ଗ୍ରାମରେ ଥିବା ୧ ଓ ୨ ନଂ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇନଥିଲେ। ଅଙ୍ଗନୱାଡି ନିଯୁକ୍ତିକୁ ନେଇ ୨୦୧୯ ମସିହା ଠାରୁ ଓଡିଶା ଉଚ୍ଚ ନ୍ୟାୟଳରେ ମକଦମା ଚାଲୁଅଛି। ମାତ୍ର କିଛି ଦିନ ତଳେ ୨ନଂ କେନ୍ଦ୍ରରେ ଗ୍ରାମରେ କାହାକୁ ନ ଜଣାଇ ଜଣକୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦେବାରୁ ଗ୍ରାମର ମହିଳାମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବିନା ବିଜ୍ଞାପନରେ ନିଯୁକ୍ତି ହୋଇଥିବ ଦର୍ଶାଇ ମହିଳାମାନେ ସିଡିପିଓ କାର୍ଯ୍ୟାଳୟରେ ଗଣଧାରଣାରେ ବସିରହିଛନ୍ତି। ଆଜି ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇ.ଆଇ.ସି ରାକେଶ ତ୍ରିପାଠୀ, ସିଡିପିଓ ସ୍ମିତା ମହାନ୍ତି ଗଣଧାରଣାରେ ବସିଥିବା ମହିଳାମାନଙ୍କୁ ବହୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଅଙ୍ଗନୱାଡି କର୍ମୀଙ୍କୁ ସେଠାରୁ ନ ବାହର କରିବା ପାର୍ଯ୍ୟନ୍ତ ଗଣଧାରଣାରେ ବସିବେ ବୋଲି ଜିଦ୍ ଧରିବସିଛନ୍ତି। ଆଜି ତୃତୀୟ ଦିନରେ ୫୦ରୁ ଉର୍ଦ୍ଧ ମହିଳା ଗଣଧାରଣାରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ଏ ସଂପର୍କରେ ଉପଜିଲ୍ଲାପାଳ ଗୋପିନାଥ ତରାଇଙ୍କୁ ପଚାରିବାରୁ ସେ କୁହନ୍ତି ବର୍ତ୍ତମାନ କୌଣସି ବିଜ୍ଞାପନ ଦିଆଯାଇନାହିଁ ୨୦୧୯ ମସିହାରେ ବାହାର ଥିବା ବିଜ୍ଞାପନ ଅନୁଯାୟୀ ଆମେ ନିଯୁକ୍ତି ଦେଇଛୁ।

# ଜାଲ୍ ଭାଉଚରରେ ବିଦ୍ୟାଳୟ ଅର୍ଥ ହଡ଼ପ

## ଆସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖର୍ଚ୍ଚ ଭାଉଚର କପ୍ତିପଦା ଶିକ୍ଷା ବିଭାଗର ପୋଲ୍ ଖୋଲିବକି ?

**ଉଦଳା, ୧୨।୯ (ସଂଚାର ବ୍ୟୁରୋ):** କପ୍ତିପଦା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଅଛି ନୁଆସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଦିନଥିଲା ଅତୀତରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଚକ ଖଣ୍ଡେ କିଣିବାକୁ ଟଙ୍କାଟିଏ ବି ସରକାରୀ ଅନୁଦାନ ମିଳୁ ନଥିଲା। ସର୍ବ ଶିକ୍ଷା ଅଭିଯାନ ଆରମ୍ଭ ହେବା ଠାରୁ ସରକାର ବିଭିନ୍ନ ଯୋଜନାରେ ବିଦ୍ୟାଳୟକୁ ଅଧିକ ମାତ୍ରାରେ ଅର୍ଥ ଯୋଗାଇ ଦେଉଛନ୍ତି। କିନ୍ତୁ ଏହି ଅର୍ଥକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ବିଭିନ୍ନ ଉପାୟରେ ହଡ଼ପ କରୁଥିବାର ଏକ ପ୍ରମାଣ ହସ୍ତଗତ ହୋଇଛି।

ଘଟଣାରୁ ପ୍ରକାଶ ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନାରାୟଣ ଚନ୍ଦ୍ର ପୃଷ୍ଟି ଦୁଇ ବର୍ଷ ହେଲା ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିଛନ୍ତି। ଶ୍ରୀ ପୃଷ୍ଟି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିବା ପରେ ବିଦ୍ୟାଳୟକୁ ସରକାରୀ ଅର୍ଥ ଯାହା ଆସିଛି ସେ ସବୁ ଅର୍ଥକୁ ଖର୍ଚ୍ଚ କରି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ୟୁସି ଦାଖଲ କରିଥିବାର କାଗଜ ପତ୍ର ସୂଚନା ଅଧିକାର ବଳରେ ପ୍ରଦାନ କରିଛନ୍ତି। ସେ ତାଙ୍କ ସମୟରେ କେତେ ସରକାରୀ ଅର୍ଥ ଅନୁଦାନ ପାଇଛନ୍ତି, କେତେ ଖର୍ଚ୍ଚ କରିଛନ୍ତି, ତାହା ସରକାରୀ ନିୟମରେ ଖର୍ଚ୍ଚ ହୋଇଛି କି ନାହିଁ ଓ ଆବଶ୍ୟକୀୟ ଜିନିଷ ପ୍ରକୃତରେ କିଣାଯାଇ ବିଦ୍ୟାଳୟକୁ ଅଣାଯାଇଛିକି ନାହିଁ ତାହା ତଦନ୍ତ ସାପେକ୍ଷ। କିନ୍ତୁ ସୂଚନା ଅଧିକାର ବଳରେ ମିଳିଥିବା କିଛି ଭାଉଚର ମଧ୍ୟରୁ ତାରିଣୀ




ମେଡ଼ିସିନ ଷ୍ଟୋର କପ୍ତିପଦାରୁ ବିଦ୍ୟାଳୟ ପାଇଁ ଆସିଥିବା ବିଦ୍ୟାଳୟ ଭାଉଚର ନମ୍ବର ୧୨ ବିଲ ନମ୍ବର ୩୮୨ ଟ ୨୦୦୦ ଙ୍କା ଓ କ୍ରିଷ୍ଣା ବୁକ ଷ୍ଟୋର ଉଦଳାରୁ ଆସିଥିବା ବିଦ୍ୟାଳୟ ଭାଉଚର ନମ୍ବର ୧ ତା ୧୩/୦୪/୨୦୨୪ ରିଖ ବିଲ ନମ୍ବର ୩୨୨ ଟ ୨୮୯୫ଙ୍କା ଓ ବିଦ୍ୟାଳୟ ଭାଉଚର ନମ୍ବର ୫ ବିଲ ନମ୍ବର ୩୨୩,ତା ୨/୦୪/୨୦୨୩ ଟ ୨୫୨୦ ଙ୍କା ବିନା ଜିଏସଟି ଭାଉଚର ହୋଇ ଥିବାର ଦେଖିବାକୁ ମିଳିଛି। ଏହି ଭଳି ଅନେକ ବିନା ଜିଏସଟିରେ ଭାଉଚର ହୋଇଥିବା ବେଳେ ତାରିଣୀ ମେଡ଼ିସିନ ଷ୍ଟୋର କପ୍ତିପଦାର ପ୍ରୋପାଇଟର ବିକାଶ କୁମାର ଜେନା ଓ କ୍ରିଷ୍ଣା ବୁକ ଷ୍ଟୋର, ଉଦଳା ପ୍ରୋପାଇଟର ସଞ୍ଜୟ କୁମାର ମହାନ୍ତି ଏଭଳି ଭାଉଚର ନୁଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଦେଇନଥିବାର ପ୍ରକାଶ କରିବା ଘଟଣା ତଦନ୍ତ ଜରୁରୀ।

ଏ ସମ୍ପର୍କରେ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟେଣ୍ଟ ଉମେଶ କୁମାର ସେଠି କହନ୍ତି ଆମ ବ୍ଲକରେ ତିନି ଜଣ ଆକାଉଣ୍ଟେଣ୍ଟ ଅଛୁ। ଆମର କାମ କେସ ବୁକ ଦେଖିବୁ ଓ ୟୁସି ନେବୁ। ପ୍ରକୃତରେ ପ୍ରଧାନ ଶିକ୍ଷକ ଜିନିଷ କିଣୁଛନ୍ତିକି ନାହିଁ ଓ ଭାଉଚର କିପରି ଆଣିବା ଦରକାର ସେ ସମ୍ପର୍କରେ ବିଆରସିସି ଓ ଏବିଇଓ ମାନେ ତଦାରଖ କରି ପାରିବେ ବୋଲି କହିଛନ୍ତି। କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରା କୁହନ୍ତି ମୁଁ ଯୋଗଦାନ କରିବା ପରେ ମୋତେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ନିର୍ଦ୍ଦିଷ୍ଟ କିଛି ଦାୟିତ୍ୱ ଏପର୍ଯ୍ୟନ୍ତ ଦେଇ ନଥିବାରୁ ମୁଁ କେବଳ କାର୍ଯ୍ୟାଳୟରେ ବସୁଛି ଏବଂ ଅଧିକାରୀ ଯାହା କାମ ଦିଅନ୍ତି କରୁଛି। ସ୍ୱଳ୍ପ ସମୟ ମଧ୍ୟରେ କୌଣସି ବିଦ୍ୟାଳୟ ବୋଲି ସ୍କୁଲ ଖର୍ଚ୍ଚ ହିସାବ ଦେଖିବା ସମ୍ଭବ ହୋଇ ପାରିନାହିଁ। ଅନ୍ୟ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ସିଂ କହନ୍ତି ମୁଁ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବାରୁ ମୁଁ କେବଳ ମଧ୍ୟାହ୍ନ ଭୋଜନ କେସ ବୁକ୍ ଓ ଭାଉଚର ଦେଖେ। ଜୈନେକ ବରିଷ୍ଠ ଶିକ୍ଷକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆସୁଥିବା ସରକାରୀ ଅନୁଦାନ ଖର୍ଚ୍ଚର ଆପାତତଃ ଷାଠିଏ ଭାଗ ଜିଏସଟି ଭାଉଚର ହେବାର ନିୟମ ଅଛି। ଜିଏସଟି ସରକାରଙ୍କର ଏକ ଗୁରୁତ୍ୱ ପୂର୍ଣ୍ଣ ପ୍ରକ୍ରିୟା ଏବଂ କପ୍ତିପଦାରେ ଔଷଧ ଦୋକାନ ଠାରୁ ବହି ଦୋକାନ ପର୍ଯ୍ୟନ୍ତ ଜିଏସଟି ଦୋକାନ ଥିବା ସତ୍ୱେ ସାଧାରଣ ଭାଉଚର କରିବା ନିଶ୍ଚିତ ଉଦେଶ୍ୟ ପ୍ରଣୋଦିତ। ଏ ସମ୍ପର୍କରେ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର, ବିଆରସିସି ଘନଶ୍ୟାମ ସିଂ ଓ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ପୃଷ୍ଟି ଙ୍କୁ ତାଙ୍କର ପ୍ରତିକ୍ରିୟା ପାଇଁ ଫୋନ କରିଥିଲେ ବି ସେ ଫୋନ ଉଠାଇ ନ ଥିଲେ। ସିଆରସିସି ସରୋଜ କୁମାର ମହାନ୍ତିଙ୍କ ଜରିଆରେ ଶ୍ରୀ ପୃଷ୍ଟିଙ୍କୁ ଜଣାଇବା ପରେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନଥିଲା। ବିଶେଷ କରି ବିଆରସିସି ଶ୍ରୀ ସିଂ ଏ ସମ୍ପର୍କରେ ପ୍ରତିକ୍ରିୟା ନଦେବା ଅଧିକାରୀ ମାନଙ୍କ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

### ୨୭ତମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଦାସିଆ ଅଜା ଆଜି ବି ସମସ୍ତ ହୃଦୟରେ ଜୀବିତ

**ନୟାଗଡ଼, ୧୨।୯ (ସଂଚାର ବ୍ୟୁରୋ):** ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ,ପ୍ରଖ୍ୟାତ ସଂଗ୍ରାହକ ତଥା ନୟାଗଡ଼ ମାଟିର ଗର୍ବ ଓ ଗୌରବ ଏବଂ ସମସ୍ତଙ୍କ ପ୍ରିୟ ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜାଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଦାସିଆ ଅଜା ସ୍ମୃତି କମିଟି ଏବଂ ଦାସିଆ ପ୍ରେମୀ ସଂଗଠନ ତରଫରୁ କଚେରୀ ବଜାର ସ୍ଥିତ ତାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦାସିଆ ଅଜା ଅମର ରହେ,ଦାସିଆ ଅଜା ଆମ ପ୍ରଣାମ ଘେନ ଆଦି ସ୍ଲୋଗାନରେ ସ୍ଥାନୀୟ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ସ୍ମୃତି କମିଟି ଅଧ୍ୟକ୍ଷ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ,ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଏବଂ ସଂସ୍କୃତି ଅଧିକାରୀ ସୁଜାତା ସାହୁଙ୍କ ସମେତ ରୋଟାରୀ କ୍ଲବ ସଭାପତି ଶ୍ରୀକାନ୍ତ ଖଟେଇ, ଜିଲ୍ଲା କଂଗ୍ରେସ ସଭାପତି



ରଣଜିତ ଦାଶ,କମ୍ରେଡ ବିଶ୍ୱନାଥ ମହାପାତ୍ର,ସମାଜସେବୀ ଅରୁଣ କୁମାର ମହାନ୍ତି, ସାମ୍ବାଦିକ ଶୁଭେନ୍ଦୁ ଦାସ,ଲକ୍ଷ୍ମୀଧର ସାହୁ,ଗୋକୁଳ ଷଡ଼ଙ୍ଗୀ,ପ୍ରଶାନ୍ତ ପଟ୍ଟନାୟକ,ଦାମୋଦର ସାହୁ,ଲକ୍ଷ୍ମୀଧର ମହାପାତ୍ର, ଦୁର୍ଯ୍ୟୋଧନ ସାହୁ,ନିର୍ମଳ ଶୂରଦେଓ,ପ୍ରତାପ ନନ୍ଦ,ଶ୍ରୀଧର ସାହୁ,ଦିଲ୍ଲୀପ ମିଶ୍ର, ସୁରେନ୍ଦ୍ରନାଥ ମହାପାତ୍ର, ଗଜେନ୍ଦ୍ର ମହାରଣା,ପ୍ରଫୁଲ ନାୟକଙ୍କ ସମେତ ଭାରତ ବିକାଶ ପରିଷଦର ସଭାପତି,ସମ୍ପାଦକ ଏବଂ ସମସ୍ତ ସଦସ୍ୟମାନେଯୋଗଦାନ କରି ପୁଷ୍ପମାଲ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାମକୃଷ୍ଣ ଆଦର୍ଶ ଶିକ୍ଷା କେନ୍ଦ୍ର ପକ୍ଷରୁ ସ୍କାଉଟ ଛାତ୍ରଛାତ୍ରୀ ଏବଂ ଗୁରୁ ମା ମାନେ ସହଯୋଗ କରିଥିବା ବେଳେ ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ସମସ୍ତଙ୍କ ପ୍ରିୟ ଦାସିଆ ଅଜା ଭାବେ ସମଗ୍ର ଜନମାନସରେ ପରିଚିତ ସ୍ୱର୍ଗତ ଦାଶରଥି ପଟ୍ଟନାୟକ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଉଦୟପୁରଠାରେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର, ୧୯୭୩ ମସିହାରେ ଶ୍ରୀଅରବିନ୍ଦ ସଂଗ୍ରହାଳୟ ଏବଂ ୧୯୭୫ରେ ଯଦୁମଣି ସାହିତ୍ୟ ସଂସଦ ପ୍ରତିଷ୍ଠା କରିଥିଲେ। ସେ ୧୯୯୭ ମସିହା ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ନିଜ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ।

# ସୁଭଦ୍ରା ଫର୍ମ ବିକି ସ୍ୱାମୀ-ସ୍ତ୍ରୀ ସହ ୩ ଗିରଫ

## ସିଲ୍ ହେଲା ଜନସେବା କେନ୍ଦ୍ର

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ଟଙ୍କା ପାଇବାକୁ ରାଜଧାନୀ ସମେତ ସମସ୍ତ ଜିଲ୍ଲାର ଜନସେବା କେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ରରେ ଫର୍ମ ପାଇଁ ମହିଳାଙ୍କ ଲାଗୁଛି ନାହିଁ ନଥିବା ଭିଡ଼। ଯାହାର ଫାଇଦା ଉଠାଉଛନ୍ତି ଦଲାଲ। ବିଭିନ୍ନ ଜନସେବା କେନ୍ଦ୍ରରେ ଦଲାଲ ମାନେ ୨୦୦ ଟଙ୍କାରେ ସୁଭଦ୍ରା ଯୋଜନା ଫର୍ମ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଛି। ହେଲେ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି ଯେଉଁଠି ମଧ୍ୟ ମାଗଣାରେ ଦିଆଯାଉଥିବା ସୁଭଦ୍ରା ଯୋଜନା ଫର୍ମକୁ କେହି ଯଦି ବିକ୍ରି କରନ୍ତି ତାହାହେଲେ ସଙ୍ଗେ ସଙ୍ଗେ ନିକଟସ୍ଥ ଥାନା, ବିଏମସି ହେଲପ୍ ଲାଇନ୍ ନମ୍ବର କିମ୍ବା ପୁଲିସ ହେଲ୍ପ ଲାଇନ୍ ନମ୍ବରକୁ କଲ କରିବାକୁ ଅନୁରୋଧ କରାଯାଇଛି। ହେଲେ ମଧ୍ୟ ଦଲାଲ ମାନେ ପୁଲିସ ନିୟମକୁ ଫୁ କରି କିଛି ଜନସେବା କେନ୍ଦ୍ର ମାନଙ୍କରେ ଲୁଚା ଛପାରେ ମହିଳାଙ୍କୁ ୨୦୦ ଟଙ୍କାରେ ବିକ୍ରି କରାଯାଉଥିବା ଦେଖାଯାଇଛି। କାରଣ ଲୋକେ ସୁଭଦ୍ରା ଯୋଜନା ଟଙ୍କା ପାଇବା ଲୋଭରେ ଲୋକେ ଲମ୍ବା ଲାଇନ କରିବା ଅପେକ୍ଷା ଦଲାଲ ମାନଙ୍କୁ ୨୦୦ ଟଙ୍କା ଦେଇ ଫର୍ମ କିଣି ନେଉଛନ୍ତି। ସେହିଭଳି ୨ଟି ଘଟଣା ରାଜଧାନୀରେ ଦେଖାଯାଇଛି। ଜନସେବା କେନ୍ଦ୍ରରେ ଲୋକଙ୍କୁ ୨୦୦ ଟଙ୍କାରେ ସୁଭଦ୍ରା ଯୋଜନା ଫର୍ମ ବିକ୍ରି କରୁଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଦୁଇ ଜଣ ଦଲାଲ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ନିଳାଦ୍ରୀ ବିହାର ଅଞ୍ଚଳର ଶଶ୍ମିତା ଜେନା ଓ ରଞ୍ଜିତ ଜେନା। ସେହିଭଳି ଖାରବେଳନଗର ଥାନା ପୁଲିସ ମଧ୍ୟ ନିଜ ଅଞ୍ଚଳରେ ଥିବା ଜନସେବା କେନ୍ଦ୍ର ନିକଟରେ ମହିଳାଙ୍କୁ ୨୦୦ ଟଙ୍କାରେ ଫର୍ମ ବିକ୍ରି କରୁଥିବା ବେଳେ ଖବର ପାଇ ପୁଲିସ ଚଢ଼ାଉ କରି ଜଣେ ଦଲାଲକୁ ଗିରଫ କରିଛି।

## ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ କମିସନର

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି



**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ପାଇଁ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ପୁଲିସ କମିଶନର ସଞ୍ଜୀବ ପଣ୍ଡା। ସେ ଗଣମାଧ୍ୟମକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯାଉଛି। ବିମାନବନ୍ଦରରୁ ଜନତା ମଇଦାନ ରାସ୍ତାରେ ହେବ ବ୍ୟାରିକେଡ୍। ଏହାଛଡା ବ୍ଲୁ ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ୍ କଟକଣା ଲାଗୁ ହେବ। ଖାଲି ସେତିକି ନୁହେଁ, ସାଧା ପୋଷାକରେ ବି ପୁଲିସ ବୁଲିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖିରେ ରଖି ଗୁଇନ୍ଦା ବିଭାଗ ଅଧିକ ସକ୍ରିୟ ରହିଛି। ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବେ। ଜନତା ମଇଦାନରେ ସେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହା ସହ ଆଉ କିଛି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ପ୍ରକଳ୍ପ ଗୁଡିକ ସମ୍ପର୍କରେ ସରକାରୀ ଭାବେ କିଛି ସୂଚନା ଦିଆଯାଇ ନାହିଁ। ୧୭ ତାରିଖରେ ପ୍ରଧାନମନ୍ତ୍ରୀ ଅହମଦାବାଦରୁ ଭୁବନେଶ୍ୱର ଆସିବେ। ସକାଳ ୧୧ଟା ୩୫ରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସେ ସିଧା ଜନତା ମଇଦାନ ଯିବେ। ୧୨ଟାରୁ ୧ଟା ପର୍ଯ୍ୟନ୍ତ ଏକ ଘଣ୍ଟା ସେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମ ସରିଲା ପରେ ସେ ପୁଣି ସିଧାସଳଖ ବିମାନବନ୍ଦର ଯାଇ ନୂଆଦିଲ୍ଲୀ ଫେରିଯିବେ। ଯାହାକୁ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ଆଜି ପୁଲିସ ମୁଖ୍ୟାଳୟରେ ସମସ୍ତ ଥାନାର ଅଧିକାରୀ, ଏସିପି ଓ ଅଫିସର ମାନଙ୍କୁ ନେଇ ମିଟିଂ କରାଯିବା ସହ କେମିତି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ ପୁଲିସ କମିଶନର ସଞ୍ଜୀବ ପଣ୍ଡା। ସେଠାରେ ଏକ ଅସ୍ଥାୟୀ ପୁଲିସ କ୍ୟାମ୍ପ କରାଯାଇଛି। ସମାବେଶରେ ଅଧିକ ମହିଳା ଆସିବାକୁ ଥିବାରୁ ମହିଳା ପୁଲିସ ନିୟୋଜିତ ହେବା ସହ ବମ ସ୍କ୍ୱାର୍ଡ, ଡଗ୍ ସ୍କ୍ୱାର୍ଡ ସମ୍ପୂର୍ଣ୍ଣ ଅଞ୍ଚଳ ବୁଲି ତଦାରଖ କରିବେ। ଏହି ସବୁକୁ ନଜରରେ ରଖି ଆଜି ଜନତା ମଇଦାନକୁ ପୁଲିସ ଡ଼ିଜି ଯୋଗେଶ ବାହାଦୁର ଖୁରାନିଆ, ପୁଲିସ କମିଶନର ସଞ୍ଜୀବ ପଣ୍ଡା, ଡ଼ିସିପି ପ୍ରତୀକ ସିଂହ ଓ ଗୁଇନ୍ଦା ବିଭାଗ ଟିମ ପହଞ୍ଚି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ।

# ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଛାତ୍ରଛାତ୍ରୀଙ୍କ ୨୦୨୪ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ




**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲରେ ଏମ୍‌ବିବିଏସ୍ ଓ ସୁପର ସ୍ପେଶିଆଲିଟି ବିଭାଗରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଗୁରୁବାର ଏକ ବିଶେଷ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ବିଭିନ୍ନ ବିଭାଗରେ ୨୦୧୪-୧୫ ଓ ୨୦୧୮-୧୯ ଶିକ୍ଷା ବର୍ଷରେ ଅଧ୍ୟୟନ ଆରମ୍ଭ କରି ଶିକ୍ଷା ସମାପ୍ତ କରିଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ସେହିପରି ୨୦୨୦-୨୧ ଶିକ୍ଷା ବର୍ଷରେ ବିଭିନ୍ନ ସୁପର ସ୍ପେଶିଆଲିଟି ବିଭାଗରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ଉପାଧି ପ୍ରଦାନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କ କଠିନ ପରିଶ୍ରମର ଫଳ ସେମାନେ ଏହି ଡିଗ୍ରୀ ମାଧ୍ୟମରେ ପାଇଥିବା କହିଥିଲେ।

## ଟ୍ୱିନ୍ ସିଟି କ୍ରାଇମ୍

### ଦୁଇ ବେପାରୀ ଗିରଫ ; ୫ କେଜି ଗଞ୍ଜେଇ ଜବତ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** କନ୍ଧମାଳରୁ ଚୋରାରେ ଗଞ୍ଜେଇ ଆଣି ଭରତପୁର ଥାନା ଅଧିନ ସାମପୁର ଛକରେ ୨ ଜଣ ବେପାରୀ କିଛି ଅଟୋ ଚାଳକଙ୍କୁ ଗଞ୍ଜା ବିକ୍ରି ବେଳେ ମାଡ଼ି ବସିଲା ପୁଲିସ। ସେମାନଙ୍କ ତଲାସି ବେଳେ ୫ କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ, ସାମପୁର ବେହେରା ସାହିର ଲମ୍ବଧର ବେହେରା ଓ ରମେଶ ଚନ୍ଦ୍ର ବେହେରା। ଆଜି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଭରତପୁର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପୁଲିସ ଟିମ ଥାନା ଅନ୍ତର୍ଗତ ସାମପୁର ଛକ ନିକଟରେ ଅତର୍କିତ ଚଢ଼ଉ କରିବା ସହିତ ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ସେମାନଙ୍କର ତଲାସି ବେଳେ ପୁଲିସ ଉଭୟଙ୍କ ହେପାଜତରୁ ସମୁଦାୟ ୪.୬୫୦ କେଜି ଗଞ୍ଜେଇ ଏବଂ ୧୯୦୦ ଟଙ୍କା ଜବତ କରିଥିଲେ। ପଚରା ଉଚରା ବେଳେ ଉଭୟ ଅଭିଯୁକ୍ତ ଏହି ବେଆଇନ୍ ଗଞ୍ଜେଇକୁ କନ୍ଧମାଳରୁ ସଂଗ୍ରହ କରି ଆଣି ସ୍ଥାନୀୟ ଅଞ୍ଚଳରେ ବେଆଇନ୍ ଭାବରେ ବ୍ୟବସାୟ କରିଆସୁଥିବା ଜଣାପଡ଼ିଛି।

### ଭସାଣି ଭୋଜିରେ ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ ; ୩ ଗିରଫ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା ଭସାଣି ପରେ କ୍ଲବରେ ଭୋଜି ଚାଲିଥିବା ବେଳେ, ପଡୋଶି ଲୋକଙ୍କୁ ଖାଇବାକୁ ଡାକି ସେଠାରେ ବାପ ଓ ପୁଅକୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ। ଏହାକୁ ନେଇ ବିରୋଧ କରିବାରୁ ମହିଳାଙ୍କୁ ମଧ୍ୟ ମାଡ ଓ ଲୁଗାଟାଣି ଅସଦାଚରଣ। ଖବର ପାଇ ଭରତପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉର୍ଦ୍ଧାର କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ୩ ଅଭିଯୁକ୍ତ ହେଲେ, ନାକାଗେଟ୍ ଚଲାସାହି ବସ୍ତିର ପ୍ରଶାନ୍ତ ନାୟକ, ସୁଶାନ୍ତ ନାୟକ ଓ ଭାଗବତ ନାୟକ। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ନିଜ ପରିବାର ସହ ଭରତପୁର ଥାନା ଅନ୍ତର୍ଗତ ଚଲାସାହି ବସ୍ତିରେ ଭଡାରେ ରୁହନ୍ତି। ଗତ କାଲି ବିଳମ୍ବିତ ରାତିରେ ଗଣେଶ ପୂଜା ଭସାଣି ଅବସରରେ ଉକ୍ତ ବସ୍ତିରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ଉକ୍ତ ଭୋଜିରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ତିନି ଅଭିଯୁକ୍ତ ତାଙ୍କର ଅନ୍ୟ ଜଣେ ଭାଇ ଏବଂ ବାପା ମିଶି ଭୋଜି ସ୍ଥଳରେ ପହଞ୍ଚି ସେଠାରେ ମିଶିଥିଲେ। ହେଲେ ଭୋଜି କରୁଥିବା ସମସ୍ତ ସଦସ୍ୟ ମାନଙ୍କୁ ଅଶ୍ରାଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ।




# ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରେ ଭିଜିଲାନ୍ସ ସତର୍କତା ସେମିନାର

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ର ଭିଜିଲାନ୍ସ ବିଭାଗ ଦ୍ୱାରା, ଡ଼ିଆରଏମ୍ କାର୍ଯ୍ୟାଳୟର ସମ୍ମିଳନୀ ହଲରେ, ସତର୍କତା ସେମିନାର ଆୟୋଜନ କରାଯାଇଛି। ଉଦ୍ଦେଶ୍ୟ ହେଉଛି, ଅଧିକାରୀ ଏବଂ କର୍ମଚାରୀଙ୍କୁ, ଭିଜିଲାନ୍ସ ମାମଲାର କାରବାରର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇବା। ପୂର୍ବ ତଟ ରେଳବାଇର ଉପମୁଖ୍ୟ ସତକର୍ତା ଅଧିକାରୀ ଶ୍ରୀ ପି.ପି. ସିହ୍ନା ଭିଜିଲାନ୍ସ ସଚେତନତା ଉପରେ ଏକ ପ୍ରମୁଖ ନୋଟ୍ ବର୍ଣ୍ଣନା କରିଛନ୍ତି। ମଣ୍ଡଳ ରେ ଭିଜିଲାନ୍ସ ମାମଲାର କାରବାର କରିବା ସମୟରେ ପାଳନ କରାଯିବାକୁ ଥିବା ବିଭିନ୍ନ ପ୍ରକ୍ରିୟା ବିଷୟରେ ବର୍ଣ୍ଣନା କରିଥିଲେ। ଟେଣ୍ଡର, ନିଲାମ, ଚୁକ୍ତିନାମା ଇତ୍ୟାଦି ପ୍ରକ୍ରିୟାକରଣ କରିବା ସମୟରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ ଉଚିତ୍ ଏବଂ ଭିଜିଲାନ୍ସ ମାମଲା ପାଇଁ ଆଗେଇବା ପୂର୍ବରୁ ଏବଂ ପରେ କଣ ଉଚିତ୍ ଏବଂ କଣ ନ କରାଯିବା ଉଚିତ୍ ସେ ବିଷୟରେ ଅବଗତ କରାଇଥିଲେ। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନତିକ ଷ୍ଟାଣ୍ଡାର୍ଡ ସହିତ ଅନୁପାଳନ ବୃଦ୍ଧି ପାଇଁ ସେମିନାର ଆୟୋଜନ କରାଯାଇଥିଲା। ଏହି ସେମିନାର ରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିଭିଜନାଲ ଅପରେଟିଂ ମ୍ୟାନେଜର, ଶ୍ରୀ ପୱନ ବିଶ୍ୱକର୍ମା, ଡିଭିଜନାଲ ବାଣିଜ୍ୟ ପରିଚାଳକ, ଶ୍ରୀ ଏସ ହୋରୋ, ଆସିଷ୍ଟାଣ୍ଟ ଅପରେଟିଂ ମ୍ୟାନେଜର, ଶ୍ରୀ ସୁମିତ୍ ବର୍ମା, ସହକାରୀ ବାଣିଜ୍ୟ ପରିଚାଳକ, ଶ୍ରୀମତୀ ପୂଜା ସିଂ, ସହକାରୀ ବାଣିଜ୍ୟ ପରିଚାଳକ, ଶ୍ରୀ ବି.କେ. ପ୍ରଧାନ, ସହକାରୀ ବାଣିଜ୍ୟ ପରିଚାଳକ, ଶ୍ରୀ ଟି.କେ.ସାହୁ, ବାଣିଜ୍ୟିକ ଏବଂ ଅପରେଟିଂ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ରାଜ୍ୟରେ ପ୍ରତିଷ୍ଠା ହେବ ସୌରଚାଳିତ ଶୀତଳ ଭଣ୍ଡାର



**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ଆଜି କୃଷିଭବନ ସମ୍ମିଳନୀ କକ୍ଷରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଶୀତଳ ଭଣ୍ଡାର ଖୋଲିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଶୀତଳ ଭଣ୍ଡାର ସେବା ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇ ନିଜ ନିଜ ସଂସ୍ଥାର ସେବା ବିଷୟରେ ଉପସ୍ଥାପନା କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳ ଭଣ୍ଡାର ଖୋଲିବା ପ୍ରସ୍ତାବ ଦିଆଯିବା ପରିପ୍ରେକ୍ଷୀରେ କୃଷି ବିଭାଗ ଦ୍ୱାରା ଏହି ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି । ଏକ ବିଦ୍ୟୁତଚାଳିତ ଶୀତଳ ଭଣ୍ଡାର କମ୍ପାନୀ ଓ ଅନ୍ୟଟି ସୌରଚାଳିତ ଶୀତଳ ଭଣ୍ଡାର କମ୍ପାନି ନିଜର ସେବା, ଜ୍ଞାନକୌଶଳ, ଷ୍ଟୋରେଜ କାପାସିଟି, ଖର୍ଚ୍ଚ ଆକଳନ, ବିଶେଷତ୍ୱ ସମ୍ବନ୍ଧୀୟ ତଥ୍ୟ ମନ୍ତ୍ରୀ ସିଂହଦେଓଙ୍କ ଆଗରେ ଉପସ୍ଥାପନ କରିଥିଲେ । ସରକାର ତ୍ୱରାନ୍ୱିତ ଭାବେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନେଇଛନ୍ତି ଏବଂ ଏଥି ନିମନ୍ତେ ସବ୍‌ସିଡି ମଧ୍ୟ ସଂପୃକ୍ତ ଉଦ୍ୟୋଗୀମାନଙ୍କୁ ଯୋଗାଇ ଦିଆଯାଉଛି । ଏହାର ସୁଯୋଗ ନେବା ପାଇଁ ମନ୍ତ୍ରୀ ସିଂହଦେଓ କହିଥିଲେ । ପିପିପି ମୋଡ୍‌ରେ ଶୀତଳ ଭଣ୍ଡାରଗୁଡ଼ିକ କାର୍ଯ୍ୟକ୍ଷମ ହେବ ଏବଂ ଏହାର ଅଧିକତମ ଫାଇଦା କୃଷକମାନେ ପାଇବା ଆବଶ୍ୟକ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ । ବିଭାଗୀୟ ଅଧିକାରୀଙ୍କ ଏକ ଦଳ ଏହିସବୁ ସଂସ୍ଥାମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ପରିଦର୍ଶନ କରି ବିଭାଗକୁ ତଥ୍ୟ ପ୍ରଦାନ କରିବେ ଏବଂ ଏହି ତଥ୍ୟ ଆଧାରରେ ବିଭାଗ ଆଗାମୀ ନିଷ୍ପତ୍ତି ନେବ ବୋଲି ଡ. ପାଢ଼ୀ କହିଥିଲେ ।

## ବିଦ୍ୟୁତ୍ ତାର ବିଛାଇ ହାତୀ ଶିକାର!



**ବୈଶିଙ୍ଗା, ୧୨।୯ (ସଂଚାର ବ୍ୟୁରୋ):** ବିଦ୍ୟୁତ ତାର ବିଛାଇ ଏକ ମାଈ ହାତୀକୁ ମାରିଦେଇଥିବା ଅଭିଯୋଗ ହୋଇଛି। । ଏପରି ଖବର ମିଳିଛି ମୟୂରଭଞ୍ଜ ଜିଲ୍ଲାରୁ। ବନ ବିଭାଗ ହାତୀର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏଥିସହ କିଏ ପଡ଼ିଆରେ ବିଦ୍ୟୁତ ତାର ବିଛାଇଲା, ତାହା ଉପରେ ବନ ବିଭାଗ ତଦନ୍ତ ଚଳାଇଛି। ବେତନଟୀ ରେଞ୍ଜ କୁରାଢ଼ିକ ଗାଁ ମୁଣ୍ଡରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ଗାଁ ଲୋକେ ହାତୀର ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବେତନଟୀ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତଦେହ ଜବତ କରିଛି। ମୃତ ହାତୀଟି ମାଈ ହାତୀ। ବୟସ ୧୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀଟି ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିବା ଅନୁମାନ କରାଯାଉଛି। ହାତୀ ଶୁଣ୍ଢରେ ବିଦ୍ୟୁତ ତାର ଲାଗିଥିବା ଦେଖିବାକୁ ମିଳିଛି।

# ଲୋକଙ୍କ ପାଖରେ ପହଞ୍ଚିବ ୧୦୦ ଦିନର ଉପଲବ୍ଧି




**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବାର ମାତ୍ର ୧୦୦ ଦିନ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଛି। ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବାଠାରୁ ଆରମ୍ଭ କରି ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସିଏମ୍ କିଶାନ ଯୋଜନାରେ ଶୁଭାରମ୍ଭ କରାଯାଇ ୪୬ ଲକ୍ଷର ଉର୍ଦ୍ଧ୍ୱ ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏଁ ଦିଆଯାଇଛି। ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ଖୋଲିବାକୁ ନିଷ୍ପତି ହୋଇଛି। ମହିଳମାନଙ୍କୁ ସଶକ୍ତୀକରଣ କରିବା ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। ଶ୍ରୀମନ୍ଦିରର ଉନ୍ନତି ପାଇଁ ୫୦୦ କୋଟି ଏବଂ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ ୨୦୦କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାରର ମାତ୍ର ୧୦୦ ଦିନର ଏହି ଉପଲବ୍ଧିକୁ ବ୍ୟାପକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ବ୍ୟତୀତ ସଂଗଠନ ପର୍ବ "ସଦସ୍ୟତା ଅଭିଯାନ-୨୦୨୪" ଏବଂ ଆସନ୍ତା ୧୭ ତାରିଖ ଦିନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଆଗମନ ସମ୍ପର୍କରେ ଆଲୋଚନା କରାଯାଇଛି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝିଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶ୍ରୀମତି ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ମନ୍ତ୍ରୀ ଓ ବିଧାୟକମାନେ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା ଅଭିଯାନର ସଫଳ ରୂପାୟନ ପାଇଁ ଓଡ଼ିଶା ପ୍ରସ୍ତୁତ

## ଗୃହ ଓ ନଗର ଉନ୍ନୟନ ଏବଂ ପଞ୍ଚାୟତିରାଜ ସଚିବଙ୍କ ସମୀକ୍ଷା




**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ପରିଷ୍କାର ପରିଚ୍ଛନ୍ନତା ଏବଂ ଜନସାଧାରଣଙ୍କ ସ୍ୱଚ୍ଛତା ଦିଗରେ ଏକ ପ୍ରମୁଖ ଧାରାରେ, ସ୍ୱଚ୍ଛତା ହିଁ ସେବା ଅଭିଯାନର ପ୍ରସ୍ତୁତି ଉପରେ ମିଳିତ ସମୀକ୍ଷାବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରମୁଖସଚିବ ଏସ୍. କେ. ଲୋହାନି ମିଳିତ ଭାବେ ଏହି ସମୀକ୍ଷା କରିଥିଲେ । ଏହି ସମୀକ୍ଷା ଓଡିଶାର ସମସ୍ତ ଜିଲ୍ଲା ତଥା ପୌରାଞ୍ଚଳ ମଧ୍ୟରେ ଅଭିଯାନର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ଉଭୟ ଶ୍ରୀମତୀ ପାଢ଼ୀ ଏବଂ ଶ୍ରୀ ଲୋହାନି ସ୍ୱଚ୍ଛତା ହିଁ ସେବା ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ଅଭିଯାନ କାର୍ଯ୍ୟକଳାପ ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ପରିଷ୍କାର ତଥା ସ୍ୱାସ୍ଥ୍ୟକର ଓଡିଶାର ଲକ୍ଷ୍ୟ ହାସଲ କରିବା ପାଇଁ ଜିଲ୍ଲା ପ୍ରଶାସନ, ପୌରାଞ୍ଚଳ ଏବଂ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ସେମାନେ ଗୁରୁତ୍ୱ ଆରୋପ କରିଥିଲେ । ମତୀ ପାଢ଼ୀ ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟ ହାସଲ କରିବାରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶେଷ ଭାବରେ ବର୍ଜ୍ୟବସ୍ତୁ ପରିଚାଳନା, ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ନିରନ୍ତର ପରିମଳ ଅଭ୍ୟାସ ଉପରେ ଧ୍ୟାନ ଦେଇଥିଲେ। ଏହି ଅଭିଯାନକୁ ଏକ ଜନ-ଆନ୍ଦୋଳନ କରିବାକୁ ନାଗରିକ, ସମ୍ପ୍ରଦାୟ ସଂଗଠନ ଏବଂ ସ୍ଥାନୀୟ ହିତାଧିକାରୀଙ୍କୁ ନିୟୋଜିତ କରିବାକୁ ସେ ଜିଲ୍ଲା ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।

ଶ୍ରୀ ଲୋହାନି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳରେ ଏବଂ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଘନିଷ୍ଠ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନର ସଫଳତାରେ ତୃଣମୂଳ ସ୍ତରରେ ପ୍ରଭାବଶାଳୀ ଯୋଗାଯୋଗ ଏବଂ ନିରବଚ୍ଛିନ୍ନ ସମନ୍ୱୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦର୍ଶାଇଛନ୍ତି।

ସମୀକ୍ଷା ବୈଠକରେ ମନିଟରିଂ ମେକାନିଜିମ୍, ବର୍ଜ୍ୟବସ୍ତୁ ପୃଥକତା ପାଇଁ ସର୍ବୋତ୍ତମ ଅଭ୍ୟାସ ଏବଂ ଜନସାଧାରଣଙ୍କ ଯୋଗଦାନ ପାଇଁ ଅଭିନବ ଉପାୟ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ସ୍ୱତନ୍ତ୍ର ସଚିବ ରାଜେଶ ପରାଭକର ପାଟିଲ ଏବଂ ଅତିରିକ୍ତ ସଚିବ ଶ୍ରୀ ବିନୟ ଦାଶ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଏହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ଅଭିଯାନର ପ୍ରଭାବକୁ ତୃଣମୂଳ ସ୍ତରରେ ଠିକଣା ଭାବେ ପହଞ୍ଚାଇବା ଦିଗରେ ଉଦ୍ୟମ କରିବାକୁ ବହୁମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ ।



# 'ଅମୃତ ଭାକୁର' ମାଛକୁ ଲୋକାର୍ପିତ କଲେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ

**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲନ ସିଂହ ଆଜି ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର (ଆଇସିଏଆର-ସିଫା), ଭୁବନେଶ୍ୱରରେ ଭାକୁର (ଲାବିଓ କାଟଲା) ର ଆନୁବଂଶିକ ଉନ୍ନତ ପ୍ରଜାତି 'ଅମୃତ ଭାକୁର'ର ଶୁଭାରମ୍ଭ କରିଛନ୍ତି। ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ (ଏନ୍ ଏଫ୍ ଡିବି)ର ଜାତୀୟ ମଧୁର ଜଳ ମାଛ ଯାଆଁଳ ବ୍ୟାଙ୍କ୍ (ଏନ୍ ଏଫ୍ ଏଫ୍ ବିବି) ଅମୃତ ଭାକୁର ଗ୍ରହଣ କରିଛି, ଯାହା ସମଗ୍ର ଦେଶର କୃଷକମାନଙ୍କ ପାଇଁ ଏହାର ବ୍ୟାପକ ବଣ୍ଟନ ଏବଂ ଉପଲବ୍ଧତା ସୁନିଶ୍ଚିତ କରିଛି। ଏହା ମଧୁର ଜଳ ମତ୍ସ୍ୟଚାଷ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଭାରତର ମାଛ ଚାଷ ସହ ଜଡ଼ିତ ସମୁଦାୟ ପାଇଁ ମାଛ ଯାଆଁଳ ଗୁଣବତ୍ତା ବୃଦ୍ଧି କରିବାରେ ଅନୁଷ୍ଠାନର ଏହି ପ୍ରୟାସ ସହାୟକ ହେବ। ଅମଳ ସମୟରେ ଭାକୁର ଶରୀରର ଓଜନରେ ଉନ୍ନତି ଆଣିବା ପାଇଁ ଆଇସିଏଆର-ସିଫା ୨୦୧୦ ରେ ଏକ ଚୟନମୂଳକ ପ୍ରଜନନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା, ଯାହା ଉଚ୍ଚ ଗୁଣବତ୍ତାର ମାଛ ବିହନର ଆବଶ୍ୟକତାକୁ ପୂରଣ କରିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



**ଭୁବନେଶ୍ୱର, ୧୨।୯ (ସଂଚାର ବ୍ୟୁରୋ):** ନୀଳାଦ୍ରି ବିହାର ସେକ୍ଟର ତିନି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ବୈଜ୍ଞାନିକ ଡ. ସୁମନ୍ତ କୁମାର ମିଶ୍ର କହିଥିଲେ ବର୍ତ୍ତମାନ ଆମର ସବୁ କ୍ଷେତ୍ରରେ ବିଜ୍ଞାନର ଆବଶ୍ୟକତା ରହୁଛି। ଶିଶୁମାନେ ବିଜ୍ଞାନ ପ୍ରତି ରୁଚି ରଖି ଅଧୟନ ଓ ପ୍ରକଳ୍ପ ଉପସ୍ଥାପନ କଲେ ଭବିଷ୍ୟତରେ ଜଣେ ଜଣେ ଭଲ ବୈଜ୍ଞାନିକ ହୋଇପାରିବେ। ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଡ. ମନୋଜ କୁମାର ଦାସ, ଚିତ୍ତରଞ୍ଜନ ସାହୁ, ସାମ୍ବାଦିକ ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କର ପ୍ରକଳ୍ପ ବୁଲି ଦେଖିବା ସହିତ ପ୍ରସଂଶା କରିଥିଲେ। ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

## ମଦ କୁଡିଆ ଯୋଜନା } ପ୍ରଭାତୀଙ୍କ କାନ୍ଧରେ ଦାୟିତ୍ୱ

**ଭୁବନେଶ୍ୱର,୧୨।୯** କେବଳ ସମୁଦ୍ର କୂଳରେ ନୁହେଁ, ନଦୀ, ହ୍ରଦ ଆଦି ନିକଟରେ ମଦ କୁଡିଆ ଖୋଲି ଲୋକଙ୍କୁ ସରକାରୀ ସଂସ୍ଥା ମାଧ୍ୟମରେ ମଦ ଯୋଗାଣ ଲାଗି ଯେଉଁ ବ୍ୟବସ୍ଥା ନୂଆ ଅବକାରୀ ନୀତିରେ ରହିଛି ତାହାର କାର୍ଯ୍ୟକାରିତା ନିର୍ଭର କରୁଛି ପର୍ଯ୍ୟଟନ ବିଭାଗ ଉପରେ । ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଭଳି ଜଣେ ନାରୀନେତ୍ରୀ ଥିବାବେଳେ ସେ ଏଭଳି ମଦ ଯୋଗାଣକୁ ପ୍ରୋତ୍ସାହିତ କରିବେ କି ବିରୋଧ କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର ।

ନୂଆ ଅବକାରୀ ନୀତିରେ ଆଉ ଯେଉଁସବୁ ବ୍ୟବସ୍ଥା ରହିଛି ସେଥିରେ ଏଣିକି ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ଛାତି ଫୁଲେଇ ସରକାରଙ୍କୁ ହକ୍ ଟିକସ ଦେଇ ଖୋଲାଖୋଲି ଭାବେ ମଦ୍ୟପାନ କରିବାର ସୁଯୋଗ ପାଇବେ । ଏହା ନିଶାଡିମାନଙ୍କ ମଧ୍ୟରେ ଆନନ୍ଦ ଖୋଳାଇ ଦେଇଥିବାବେଳେ ମଦ ପରିବେଷଣ କରାଯାଉଥିବା ଭୋଜି ସଭାକୁ କୌଣସି ଭଦ୍ରଲୋକ ତାଙ୍କ ପରିବାର ସହ ଯିବେ କି ନାହିଁ ସେଥିଘେନି ବହୁବାର ଚିନ୍ତା କରିବାକୁ ପଡିବ ।

ଅବଶ୍ୟ ରାଜ୍ୟ ସରକାରଙ୍କ ଏହି ନୂଆ ଅବକାରୀ ନୀତି ନୂଆ ବୋତଲରେ ପୁରୁଣା ମଦ ଭଳି ବୋଲି ଓଡିଶା ମଦମୁକ୍ତି ଅଭିଯାନ ଖୋଲା ଆରୋପ କରିଛି । ବିଜେଡି ସରକାର ସମୟରେ ବି ଏଭଳି ବ୍ୟବସ୍ଥା ଆରମ୍ଭ ହୋଇଥିଲା ଏବଂ ସେତେବେଳେ ବିରୋଧିଦଳରେ ଥିବା ବିଜେପି ଏହାର ଖୋଲା ବିରୋଧ କରିଥିଲା । ଏମିତିକି ୨୦୨୪ ନିର୍ବାଚନରେ ବିଜେପିର ସଙ୍କଳ୍ପପତ୍ରରେ ନିଶା ନିବାରଣ କଥା ବି ଉଲ୍ଲେଖ ଥିଲା ।

ଗତ ଅଗଷ୍ଟ ୩୦ତାରିଖରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଅର୍ଚ୍ଚନା ଦାଶପଟ୍ଟନାୟକଙ୍କ ଦସ୍ତଖତରେ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଛି ତାହା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଠାରୁ ଆରମ୍ଭ କରି ଅବକାରୀ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଦପ୍ତରକୁ ମଧ୍ୟ ପଠାଯାଇଛି । ଏହି ଅବକାରୀ ନୀତି ଅନୁଯାୟୀ ରାଜ୍ୟର ଅବକାରୀ ରାଜସ୍ୱ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏହି ନୀତି ଚଳିତ ସେପ୍ଟେମ୍ବର ପହିଲାରୁ ଆସନ୍ତାବର୍ଷ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କିମ୍ବା ଆଉ ଏକ ଅବକାରୀ ନୀତି ଆସିବା ପର୍ଯ୍ୟନ୍ତ ବଳବତ୍ତର ରହିବ ।

ଏଥିରେ ଥିବା ବ୍ୟବସ୍ଥା ମୁତାବକ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ପଇସା ଦେବାକୁ ହେବ । ସମୁଦ୍ର କୂଳରେ ପର୍ଯ୍ୟଟକମାନଙ୍କୁ ଆପ୍ୟାୟିତ କରିବାପାଇଁ ଓଟିଡିସି ନିଜେ ସିଧାସଳଖ କିମ୍ବା ତାହାର ଅନ୍ୟ କୌଣସି ସଂସ୍ଥା ମାଧ୍ୟମରେ ମଦ କୁଡିଆ ଖୋଲିପାରିବେ ଏବଂ ଏଥିଲାଗି ବାର୍ଷିକ ୫୦ହଜାର ଟଙ୍କା ଲାଇସେନ୍ସ ଫି ରହିବ । ଏହି ମଦ କୁଡିଆ ପାଇଁ ଓଟିଡିସି ସିଧାସଳଖ ପାନୀୟ ନିଗମରୁ ମଦ ଉଠାଇବ ଏବଂ ଏହି ମଦ କୁଡିଆକୁ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରାଯିବ । କେବଳ ସମୁଦ୍ରକୂଳରେ ନୁହେଁ, ବିଭିନ୍ନ ନଦୀବନ୍ଧ ଯୋଜନା, ହ୍ରଦ ଓ ନଦୀକୂଳରେ ମଧ୍ୟ ଏଭଳି ମଦ କୁଡିଆ ଖୋଲାଯାଇ ପାରିବ ।

ଏହାଛଡା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ବି ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ । ଏଥିଲାଗି ୨୦୨୦ ମସିହାରୁ ସେମାନଙ୍କୁ ଯେଉଁ ରିହାତି ଦିଆହୋ ଆସୁଛି ତାହା ବଳବତ୍ତର ରହିବ । ମଦୁଆମାନଙ୍କ ପାଇଁ ଖୁସିଖବର ଯେ କୌଣସି ଘରୋଇ କାର୍ଯ୍ୟକ୍ରମରେ ଅଥବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ ।

୨୦୦ ଲୋକଙ୍କ ପାଇଁ ଏହି ଯୋଜନାରେ ମଦ ପରିବେଷଣ ପାଇଁ ଦିନକୁ ୧୦ହଜାର ଟଙ୍କା ଲାଇସେନ୍ସ ଫି ରହୁଥିବାବେଳେ ୫୦୦ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ୧୫ହଜାର, ୧୦୦୦ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ୨୦ହଜାର ଓ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଦିନକୁ ୨୫ହଜାର ଟଙ୍କା ଦେବାକୁ ପଡିବ । (ତଥ୍ୟ)

SANCHAR
ସଂଚାର

୪
ଶୁକ୍ରବାର ୧୩ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Friday 13 September 2024 Bhubaneswar

## ଜୀବନ ଅମୃତ ଅନୁଚିନ୍ତା

କୃପା ଭିକ୍ଷା-ଭକ୍ତିରେ ତୁମେ ସବୁ
ସମର୍ପି ଏପରି ଭିକ୍ଷା ମାଗ ଯେ ଦିନେ
ଦେଖିବ ମୁଁ ସ୍ୱୟଂ ତୁମକୁ ସର୍ବସ୍ୱ
ଦେଇ ନିଜେ ଭାକ୍ଷାପାତ୍ର ଧରି ତୁମ
ଦାଣ୍ଡ ଦୁଆରେ ଠିଆ ହୋଇଛି ତୁମର
କୃପା ଭିକ୍ଷା ପାଇବା ପାଇଁ।

# ଜିରୋ କାର୍ବନ ଏମିଶନ ଲକ୍ଷ୍ୟ

ଏଲନିନୋ ପ୍ରଭାବରୁ ଚଳିତ ବର୍ଷ ଭାରତ ସମେତ ସମଗ୍ର ବିଶ୍ୱରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ଭବିଷ୍ୟବାଣୀ କରଥିଲେ। ସେହିପରି ଚଳିତ ବର୍ଷ ଭାରତରେ ମୌସୁମୀ ପ୍ରବାହ ସ୍ୱାଭାବିକ ରହିବ ଏବଂ ସ୍ଥଳ ବିଶେଷରେ ସ୍ୱାଭାବିକ ପରିମାଣଠାରୁ ୪ରୁ ୬ ପ୍ରତିଶତ ଅଧିକ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଭବିଷ୍ୟବାଣୀ କରିଥିଲା ଯାହା ସତ୍ୟ ପ୍ରମାଣିତ ହୋଇଛି। ସେପ୍ଟେମ୍ବର ମାସରେ ଅଧିକ ବର୍ଷା ହେବ ବୋଲି ମଧ୍ୟ ଆଇଏମଡି ଆକଳନ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହା ସଠିକ ପ୍ରମାଣିତ ହୋଇଛି। ଏବେ ଆଇଏମଡି ଏକ ନୂଆ ଆକଳନ କରିଛି। ତାହା ହେଲା ଚଳିତ ବର୍ଷ ଦେଶରେ ଅସହ୍ୟ ଶୀତ ପ୍ରବାହ ହେବ ଏବଂ ସମତଳ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ସେଲସିୟସକୁ ଖସିଯାଇପାରେ। ଜାମ୍ମୁ-କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦି ରାଜ୍ୟରେ ପ୍ରବଳ ବରଫପାତ ହେବ ବୋଲି ଆଇଏମଡି ପୂର୍ବାନୁମାନ କରିବା ସହ ଏଥିଲାଗି ସତର୍କ ରହିବାକୁ ପରାମର୍ଶ ଦେଇଛି। ଲାଲିନୋ ପ୍ରଭାବରୁ ଏଭଳି ହେବ ବୋଲି ଆଇଏମଡି କହିଛି। ଏଥିରେ କିଛି ନୂତନତ୍ୱ ନାହିଁ। ପ୍ରତିବର୍ଷ ଏମିତି ଅସ୍ୱାଭାବିକ ପାଣିପାଗ ଦେଖିବାକୁ ମିଳୁଛି। ଭାରତରେ ବର୍ଷକୁ ୯ ମାସ ଏବେ ଗରମ ଅନୁଭୂତ ହେଉଛି। ଏଲନିନୋ ଏବେ ଏକ ସ୍ଥାୟୀ ସମସ୍ୟା ହୋଇଗଲାଣି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ବିଗତ ଲକ୍ଷେ ବର୍ଷ ଭିତରେ ୨୦୨୩ ଥିଲା ସବୁଠାରୁ ଉତ୍ତପ୍ତ ବର୍ଷ। ଭାରତରେ ମଧ୍ୟ ବିଗତ ଶହେ ବର୍ଷ ଭିତରେ ଏଭଳି ଉତ୍ତପ୍ତ ବର୍ଷ କେବେ ଅନୁଭବ କରାଯାଇନଥିଲା। ଗତ ବର୍ଷ ଏଲନିନୋ ପ୍ରଭାବରୁ ଭାରତ ସମେତ ସମଗ୍ର ବିଶ୍ୱରେ ଅସ୍ୱାଭାବିକ ପାଣିପାଗ ଦେଖିବାକୁ ମିଳିଲା। ଭାରତରେ ଏହାର ପ୍ରଭାବରୁ ବିଳମ୍ବିତ ଏବଂ ଦୁର୍ବଳ ମୌସୁମୀ ଦେଖିବାକୁ ମିଳିଲା। ଏହା ହେଉଛି ସାମଗ୍ରୀକ ସ୍ଥିତି। ବାସ୍ତବ ସ୍ଥିତି କିନ୍ତୁ ଅଲଗା। ଅନେକ ରାଜ୍ୟରେ ଏଥର ଅସମୟରେ ଏବଂ ଅସ୍ୱାଭାବିକ ଭାବେ ପ୍ରବଳ ବର୍ଷା ହୋଇଛି। ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଭଳି ରାଜ୍ୟରେ ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନେକ ପ୍ରାଣ ହରାଇଛନ୍ତି। ଅନ୍ୟ ପକ୍ଷରେ ଦକ୍ଷିଣ ଏବଂ ପୂର୍ବ ଭାରତର କେତେକ ରାଜ୍ୟରେ ଖରିଫରେ ସ୍ୱାଭାବିକ ପରିମାଣଠାରୁ ୫ରୁ ୧୦ ପ୍ରତିଶତ କମ ବର୍ଷା ହୋଇଛି। ଏସବୁ ରାଜ୍ୟ ବା ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ଜଳଭଣ୍ଡାର ଏବେ ଖାଲି ପଡ଼ିଛି। ତେଣୁ ରବି ଋତୁ ନିମନ୍ତେ ଜଳସେଚନ ପ୍ରଭାବିତ ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ, ଭାରତ ଭଳି ଏକ କୃଷି ପ୍ରଧାନ ଦେଶର ଅର୍ଥନୀତି ମୁଖ୍ୟତଃ କୃଷି ବିଶେଷକରି ଖରିଫ ଫସଲ ଉପରେ ନିର୍ଭର କରିଥାଏ। କାରଣ ରବି ଫସଲ ନିମନ୍ତେ ସବୁଠି ଜଳସେଚନ ସୁବିଧା ନାହିଁ। ଖରିଫ ଫସଲ ହିଁ କୃଷି ଉତ୍ପାଦନର ମୁଖ୍ୟ ଉତ୍ସ। ତେଣୁ ଚଳିତ ବର୍ଷ ଏଲନିନୋ ପ୍ରଭାବରୁ ଖରିଫ ଫସଲ ହାନି ଭାରତୀୟ ଅର୍ଥନୀତି ନିମନ୍ତେ ଏକ ଦୁସମ୍ବାଦ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଅଣବାସମତି ଚାଉଳ, ଗହମ, ପିଆଜ ରପ୍ତାନୀ ଉପରେ କଟକଣା ଲଗାଇଛନ୍ତି। ଚିନି ରପ୍ତାନୀକୁ ମଧ୍ୟ ହ୍ରାସ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ରୋକିବା ଲାଗି କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏବେ ଆଉ ଏକ ଦୁସମ୍ବାଦ ଆସିଛି। ଆମେରିକାର ଏକ ପ୍ରମୁଖ ଜଳବାୟୁ ଗବେଷଣା ସଂସ୍ଥା କହିଛି ଯେ, ଆସନ୍ତା ବର୍ଷ ସୁପରଏଲନିନୋ ଆଶଙ୍କା ରହିଛି। ପ୍ରଶାନ୍ତ ମହାସାଗରର ଜଳ ମାତ୍ରାଧିକ ଉତ୍ତପ୍ତ ହେଲେ ଏଲନିନୋ ଆସିଥାଏ। ଏହାର ପ୍ରଭାବ ଭାରତ ମହାସାଗର ଉପରେ ପଡ଼ିଥାଏ। ଭାରତରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ଅସ୍ୱାଭାବିକ ପାଣିପାଗ ଦେଖିବାକୁ ମଳିଥାଏ। ଏଲନିନୋ ପ୍ରଭାବରୁ ହିଁ ଚଳିତ ବର୍ଷ ଭାରତରେ ସ୍ୱଳ୍ପ ବୃଷ୍ଟି ହୋଇଛି। ଆମେରିକୀୟ ସଂସ୍ଥାର ଆକଳନ ଅନୁଯାୟୀ ୨୦୨୪ରେ ସୁପର ଏଲନିନୋ ପ୍ରଭାବରୁ ବିଶ୍ୱର ଅନେକ ସ୍ଥାନରେ ଭୟଙ୍କର ମରୁଡ଼ି ଦେଖିବାକୁ ଦେଖିବାକୁ ମିଳିପାରେ। ଏପରିକି ଅନେକ ସ୍ଥାନରେ ବର୍ଷା ପରିମାଣ ସ୍ୱାଭାବିକ ସ୍ତରଠାରୁ ୩୦% କମିପାରେ। ଆଉ ଗ୍ରୀଷ୍ମଋତୁରେ ତାପମାତ୍ରା ସ୍ଥଳ ବିଶେଷରେ ୫୦ ଡିଗ୍ରୀ ଅତିକ୍ରମ କରିପାରେ। ଏହାର ପ୍ରଭାବରେ କେତେକ ସ୍ଥାନରେ ବାତ୍ୟା, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହୋଇପାରେ। ସୁପର ଏଲନିନୋ ଆଶଙ୍କା ୩୦% ରହିଛି ବୋଲି ଆମେରିକୀୟ ଜଳବାୟୁ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ଭାରତ ପାଇଁ ଏକ ଚିନ୍ତାର ବିଷୟ। ଭାରତୀୟ ଅର୍ଥନୀତି ପାଇଁ ଏହା ଏକ ଚାଲେଞ୍ଜ। ଏହାର ତତ୍କାଳ ପ୍ରତିକାର ବ୍ୟବସ୍ଥା କିଛି ନାହିଁ। ସାରା ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ବୃଦ୍ଧି, ବ୍ୟାପକ ଜଙ୍ଗଲ ଧ୍ୱଂସ ଏହାର ମୁଖ୍ୟ କାରଣ। ତେବେ ଏହାର ମୁକାବିଲା ନିମନ୍ତେ ବ୍ୟାପକ ଜଳ ସଂରକ୍ଷଣ ବ୍ୟବସ୍ଥା ଏବଂ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ନଚେତ ଭାରତ ଆଗକୁ ଉତ୍କଟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ। ସୁପର ଏଲନିନୋ ଆଶଙ୍କା କେତେ ଦୂର ସତ୍ୟ ପ୍ରମାଣିତ ହେବ ତାହା ଭିନ୍ନ କଥା। କିନ୍ତୁ ଆସନ୍ତା ବର୍ଷ ନହେଲେ ମଧ୍ୟ ଆଗାମୀ ଦିନରେ ଏଭଳି ପରିସ୍ଥିତି ଲାଗି ରହିବ ସେଥିରେ ସନ୍ଦେହ ନାହିଁ। ଆଉ ୨ ମାସ ପରେ ଦେଶରେ ଗ୍ରୀଷ୍ମଋତୁ ଆରମ୍ଭ ହେବ। ଏବେ ଆଉ ବସନ୍ତ ଋତୁ ଅନୁଭବ କରାଯାଉନି। ଶୀତ ପରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଉଛି। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ପ୍ରତିକାରମୂଳକ ପଦକ୍ଷେପ ନେବା ଉଚିତ। ଏସବୁ ବିପର୍ଯ୍ୟୟ ହେଉଛି ମନୁଷ୍ୟକୃତ। ପ୍ରକୃତି ସହ ଖେଳର ଏହା ହେଉଛି ବିଷମ ପରିଣତି। ଅବିଚାରିତ ଭାବେ ଗଛ କଟା, ଜଙ୍ଗଲ ଧ୍ୱଂସ ଏବଂ ମାତ୍ରାଧିକ ଶିଳ୍ପାୟନ ଯୋଗୁଁ ବାୟୁରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ହେତୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ମାତ୍ରାଧିକ ଏସି ବ୍ୟବହାର ଯୋଗୁଁ ବାୟୁ ମଣ୍ଡଳରେ ସିଏଫସି ଗ୍ୟାସର ମରିମାଣ ବୃଦ୍ଧି ଫଳରେ ଓଜୋନ ସ୍ତରରେ ଗର୍ତ୍ତ ସୃଷ୍ଟି ହେଉଛି। ଫଳରେ ସୂର୍ଯ୍ୟଙ୍କଠାରୁ ନିର୍ଗତ ହେଉଥିବା ଅତିବାଇଗଣୀ ରଶ୍ମୀ ପ୍ରଭାବରେ ମଣିଷ ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛି। ଏହା ମଧ୍ୟ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ। ଏହାଂକୁ ରୋକିବା ଲାଗି ବିଶ୍ୱର ସବୁ ରାଷ୍ଟ୍ର ଏକାଠି ହୋଇ ଜିରୋ କାର୍ବନ ଏମିଶନ ଲାଗି ଉଦ୍ୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତ ମଧ୍ୟ ୨୦୭୦ ସୁଦ୍ଧା ଜିରୋ କାର୍ବନ ଏମିଶନ ଲକ୍ଷ୍ୟ ରଖିଛି ଏବଂ ଏଦିଗରେ ପ୍ରୟାସ କରୁଛି। ଏଥିଲାଗି ଗ୍ରୀନ ଏନର୍ଜୀ ବ୍ୟବହାର ଏବଂ ଫସିଲ ଫୁଏଲର ବ୍ୟବହାରକୁ ହ୍ରାସ କରିବାକୁ ପ୍ରୟାସ କରୁଛି। ଏଥିନିମନ୍ତେ ଇଭି ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। କୋଇଲା ପରିବର୍ତ୍ତେ ଗ୍ରୀନି ହାଇଡ୍ରୋଜେନ ବ୍ୟବହାର ଏବଂ ଅକ୍ଷୟ ଶକ୍ତି ଅର୍ଥାତ ସୌର ଏବଂ ପବନ ଶକ୍ତି ବ୍ୟବହାର କରି ବିଜୁଳି ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେଉଛି। ଆଶା ଆଗାମୀ କିଛି ବର୍ଷ ଭିତରେ ସ୍ଥିତିରେ ପରିବର୍ତ୍ତନ ଆସିବ।

## ସମ୍ପାଦକଙ୍କୁ ପତ୍ର

### କଟକ ରୋଡରେ ଟ୍ରାଫିକ ନାହିଁ

**ମହାଶୟ,**

ରାଜଧାନୀ ଭୁବନେଶ୍ୱରର ଏକ ଅତ୍ୟନ୍ତ ଜନଗହଳି ଏବଂ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଭାବେ ପରିଚିତ କଟକ ରୋଡ଼ ଯାହା କଳ୍ପନା ଛକରୁ ରସୁଲଗଡ଼ ଛକ ପର୍ଯ୍ୟନ୍ତ ପରିବ୍ୟାପ୍ତ ତାହା ଏବେ ଟ୍ରାଫିକ ଶୂନ୍ୟ ହୋଇଯାଇଛି। ଏହି ରାସ୍ତାରେ ପ୍ରତି ଘଣ୍ଟାରେ ପ୍ରାୟ ୧୦ ହଜାର ଗାଡ଼ିମୋଟର ଯିବା ଆସିବା କରିଥାଏ। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଦୋକାନ ରହିଛି। ଏହିସବୁ ଦୋକାନ ଆଗରେ ଅନେକ ସମୟରେ ବଡ଼ ବଡ଼ ଗାଡ଼ି ପାର୍କିଂ ହେଉଛି। ଯାହା ଫଳରେ ଏହି ରାସ୍ତାରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ହେଉଛି ଜାତୀୟ ରାଜପଥର ଏକ ଅଂଶ। କିନ୍ତୁ ସ୍ଥାନାଭାବରୁ ଏହାର ସମ୍ପ୍ରସାରଣ ହୋଇପାରୁନି କିମ୍ବା ଗାଡ଼ି ପାର୍କିଂ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ନିରୂପିତ ହୋଇପାରୁନି। କିନ୍ତୁ ସବୁଠାରୁ ବଡ଼ କଥା ହେଲା ଏହି ରାସ୍ତାରେ ଓ୍ୱାନୱେ ଟ୍ରାଫିକ ବ୍ୟବସ୍ଥା ଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ କେହି କଟକଣାକୁ ମାନୁ ନାହାଁନ୍ତି ଏବଂ ରାସ୍ତାର ଡାହାଣ ପଟେ ଗାଡ଼ି ଚଳାଇ ଆସୁଛନ୍ତି। ଏଥିଲାଗି ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଛି। ବର୍ଷା ହେଲେ ଏହି ରାସ୍ତାରେ ଏକରକମ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଟ୍ରାଫିକ ନିୟମ ଭଙ୍ଗକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ବା ଧରପଗଡ଼ ନାହିଁ। ଏଥିପ୍ରତି କମିଶନରେଟ ପୋଲିସ ଦୃଷ୍ଟି ଦେବେ ବୋଲି ଅନୁରୋଧ।

ଯଯାତି କେଶରୀ ମହାପାତ୍ର
ବାଲିଚନ୍ଦ୍ରପୁର, ଯାଜପୁର

# ଆତ୍ମୀୟତା ନଥିଲେ ସବୁ ଅସାର



ପ୍ରଦୋଷ କୁମାର ଦାସ

ଆତ୍ମୀୟତା ନଥିଲେ ଜୀବନ ନିରର୍ଥକ। ସବୁ କର୍ମରେ ନିଃସ୍ୱାର୍ଥପର ସେବା ମନୋବୃତ୍ତି ହିଁ ହୃଦୟରେ ପବିତ୍ରତାର ଜାଗରଣ ଆଣେ। ଜୀବନରେ କେବେ କେମିତି ଅଘଟଣ ଆସିପାରେ। ହେଲେ ଭଗବାନ ସଠିକ୍ ସମୟରେ କେଉଁ ରୂପରେ ଦେବଦୂତ ଭଳି ଘଟଣା ସ୍ଥଳରେ ଉପନୀତ ହୋଇ ସହଯୋଗ ପ୍ରଦାନ କରିଥାନ୍ତି। ବିପଦ ମଧ୍ୟ ଟଳି ଯାଇଥାଏ।

ଅପରାହ୍ଣ, ସମୟ ପ୍ରାୟ ୪ଟା ହେବ । ଝିପିଝିପି ବର୍ଷା ହେଉଛି। ଘରେ ବସିଥିଲି। ହଠାତ୍ ଇଛା ହେଲା , କିଛି ଗ୍ରାମୀଣ ଅଞ୍ଚଳକୁ ଯାଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ କରିବି। ଏହି ଅବସରରେ କିଛି ସମସ୍ୟାଭିତ୍ତିକ ସମ୍ବାଦ ତଥ୍ୟ ସଂଗ୍ରହ କରିବା ସହିତ ଅନ୍ୟାନ୍ୟ କିଛି ସମାଜ ସେବା କରିବାର ମୋହରେ ଘରୁ ମୋର ଚିର ସହଚର ଭଳି ରହିଥିବା ପୁରୁଣା ବାଇକ ଟିକୁ ଧରି ଏକଲା ଘରୁ ବାହାରି ପଡିଥିଲି। ମୋର ବାସସ୍ଥାନ ନାରୁଣୀ ରୁ ସଲପଡିହ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଉଦ୍ଦେଶ୍ୟ ସାଧନ ପାଇଁ ଆବଶ୍ୟକ କର୍ତ୍ତବ୍ୟ ସମ୍ପାଦନ କରିଥିଲି। ବିଭିନ୍ନ ସ୍ଥାନ ବୁଲାବୁଲି କରି ଶେଷରେ ସେହି ଝିପିଝିପି ବର୍ଷା ରେ ଓଦା ସରସର ହୋଇ ଘରକୁ ଫେରିଲା ବେଳକୁ ରାତି ପ୍ରାୟ ୭.୩୦ ପାଖାପାଖି ହେବ। ସଲପଡିହ ରୁ ନାରୁଣୀ ଫେରୁଥିବାବେଳେ ମଝିରେ ଲୋକିପୁର ଛକ ଅନତି ଦୂର ରାସ୍ତା ଉପରେ ପଲେ ହେବ ଗାଈଗୋରୁ ଶୋଇ ଥିବାରୁ ରାସ୍ତା ଜାମ ଥିଲା। ଏଣୁ ସନ୍ତର୍ପଣରେ ବାଇକକୁ ଧୀରେ ଧୀରେ ନେଇ ଆଗକୁ ବଢୁଥାଏ। ଠିକ୍ ଏତିକିବେଳେ ସମ୍ମୁଖ ଭାଗରୁ ଏକ ସାଇକେଲ ଆରୋହୀ ଦୃତ ଗତିରେ ମୋ ଆଡ଼କୁ ମାଡ଼ି ଆସି ଦିଗ ଭ୍ରଷ୍ଟ ହୋଇ ରାସ୍ତାରେ ଶୋଇଥିବା ଉକ୍ତ ଗାଈପଲଙ୍କ ଉପରେ ଧକ୍କା ଦେଇଥିଲା। ଫଳରେ ଗାଈପଲ ହୁରୁଡିଯାଇ ଧାଧପଡ କରିବା ସହ ଦୌଡି ଯାଇ ନିକଟରେ ଥିବାରୁ ମୋତେ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ମୁଁ ବାଇକ ସହ ତଳେ ପଡି ଆହତ ହୋଇଥିଲି। ରାତି ଅନ୍ଧାରରେ ନିଶାଗ୍ରସ୍ତ ସାଇକେଲ ଆରୋହୀ ଟି ମତେ ସହଯୋଗର ହାତ ବଢ଼ାଇବା ବଦଳରେ ସ୍ଥାନ ଛାଡି ଉଭାନ ହୋଇଯାଇଥିଲା। ରାସ୍ତା ରେ ମୁଣ୍ଡ ମୋର ପିଟି ହୋଇ ଯାଇଥିବାରୁ ମୁଣ୍ଡ ଫାଟି ରକ୍ତ ବୋହି ଚାଲିଥିଲା। ଡାହାଣ ପଟ ଭାଗ ଗୋଡ଼ ହାତର କିଛି ଅଂଶ ଖଣ୍ଡିଆ ହୋଇ ରକ୍ତ ମଧ୍ୟ ଝରୁଥିଲା। ମୋ ଆଖିରୁ ଚଷମାଟି ଛିଟିକି ପଡ଼ିଥିବାରୁ ତଥା ଦୁର୍ଘଟଣାର ଛାନିଆରେ ଅସ୍ତବ୍ୟସ୍ତ ହୋଇ ରାତି ଅନ୍ଧାରରେ ମତେ କିଛି ଦେଖା ଯାଉନଥିଲା। ଶୁନଶାନ୍ ରୋଡ଼ ଉପରେ ମୋର ଏଭଳି ପରିସ୍ଥିତିରେ ମୁଣ୍ଡ କାମ କରୁଥାଏ। ସୌଭାଗ୍ୟକୁ କେହି ଜଣେ ବାଇକ୍ ଆରୋହୀ ଘଟଣା ସ୍ଥଳ ଅତିକ୍ରମ କରୁଥିବା ବେଳେ ମତେ ଦେଖି ଅଟକି ଯାଇଥିଲେ। ସେ ମତେ ଚିହ୍ନି ପାରି ଦେବ ଦୂତ ଭଳି ସହଯୋଗ ର ହାତ ବଢ଼ାଇଥିଲେ। ମତେ ତଳୁ ଉଠାଇ ମୋର ଭାଙ୍ଗି ରୁଜି ଯାଇଥିବା ବାଇକ ଟିକୁ ଘରେ ପହଞ୍ଚାଇବା ଓ ମତେ ନାରୁଣୀ ମେଡିକାଲକୁ ପଠାଇବାର ବନ୍ଦୋବସ୍ତ ମଧ୍ୟ କରିଦେଇଥିଲେ। ଏପରିକି ସେ ମୋର ମେଡ଼ିକାଲ ଖର୍ଚ୍ଚ ଦେବାକୁ ଚାହୁଁଥିଲେ।ହେଲେ ରାଣ ନିୟମ ପକାଇ ସମ୍ଭ୍ରମତାର ସହ ତାଙ୍କୁ ମୋର କୃତଜ୍ଞତା ଜଣାଇ ଏଥିରୁ ବିରତ କରାଇ ଥିଲି। ଅସହ୍ୟ ଯନ୍ତ୍ରଣାରେ ମୁଁ ତାଙ୍କ ଠିକଣା ପଚାରିଥିଲି। ମୋ ଠାରୁ ବିଦାୟ ନେଇ ଗଲାବେଳେ ସେ ମତେ କହିଗଲେ, "ଆପଣ ଆମ ଅଞ୍ଚଳର ଜଣାଶୁଣା ଅମାୟିକ ଲୋକ। ଆପଣ ମତେ ନଜାଣିଲେ ବି ମୁଁ



ଆପଣଙ୍କୁ ଭଲଭାବରେ ଜାଣିଛି।ଆପଣ ନିଃସ୍ୱାର୍ଥପର ଭାବେ ଆମ ଅଞ୍ଚଳର ବିଭିନ୍ନ ସ୍କୁଲମାନଙ୍କରେ ଯାଇ ପିଲାଙ୍କୁ ଅବୈତନିକ ଭାବେ ପାଠ ପଢାଇଥାନ୍ତି। ସ୍ୱାଭିମାନୀ ସାମ୍ବାଦିକ ଭାବରେ ଆପଣଙ୍କର ବେଶ ପରିଚିତି ରହିଛି। କବି ଲେଖକ ଭାବରେ ଆପଣଙ୍କର ରଚିତ ବିଭିନ୍ନ ଲେଖାକୁ ମୁଁ ବିଭିନ୍ନ ପତ୍ର ପତ୍ରିକାରୁ ଖୋଜି ପଢିଥାଏ। ସମାଜସେବୀ, ଶିକ୍ଷାବିତ୍ ଭାବେ ଆପଣଙ୍କର ପ୍ରେରଣା ଓ ସହୃଦୟତା ଦେଖିଲେ ଆମକୁ ବହୁତ୍ ଖୁସି ଲାଗେ। ଯାହା ହେଉ ଭଗବାନ ଆପଣଙ୍କୁ ଓ୍ୱଞ୍ଚାଇଦେଲେ। ଡାକ୍ତରଖାନାରେ ମତେ ପହଞ୍ଚାଇଥିବା ବ୍ୟକ୍ତି ଜଣକ ନିଜର ପରିଚୟ ନଦେଲେବି ତାଙ୍କ ଆତ୍ମୀୟତାରୁ ସେ ହିଁ ସତରେ ଭଗବାନ ବୋଲି ଲାଗୁଥିଲେ। ତାଙ୍କୁ ମୋହୃଦୟ ରୁ ନିରଓ୍ୱେ ପ୍ରଣାମ ଜଣାଉଥିଲି। ଯନ୍ତ୍ରଣା ସିକ୍ତ ଶରୀରକୁ ଖଟରେ ଲୋଟାଇ ଦେଇ ଆଜିର ଦୁର୍ଘଟଣାରେ ହାତଗୋଡ ଅନ୍ତତଃ ଭାଙ୍ଗି ନଥିବାରୁ ତଥା ଆପଣା ଜୀବନଟି ବଞ୍ଚି ଯାଇଥିବାରୁ ଈଶ୍ୱରଙ୍କୁ ଭକ୍ତି ଭରା କୃତଜ୍ଞତା ଜଣାଉଥିଲି।

ମୋର ଦୁର୍ଘଟଣା ଖବର ସତୀର୍ଥ ସାମ୍ବାଦିକ ଙ୍କ ମହଲରେ ରଟିଯାଇଥିଲା। ସମସ୍ତଙ୍କ ଆଶ୍ୱାସନା ପାଇଥିଲି। ଭଗବାନଙ୍କ ଆଶୀର୍ବାଦ ତଥା ମୋର ସହୃଦୟୀଙ୍କ ଶ୍ରଦ୍ଧାରୁ ମୁଁ ବର୍ତ୍ତମାନ ଜୀବନ ଓ ସମୟ ସହିତ ରହିପାରିଛି ବୋଲି ଭାବୁଥିଲି। ଯେଉଁ ନିଶାସକ୍ତ ବ୍ୟକ୍ତି ଟି ମୋର ଉକ୍ତ ଦୁର୍ଘଟଣା ର କାରଣ ହୋଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ, ତାଙ୍କ ପ୍ରତି ମୋର ନା' ଅଭିମାନ ଥିଲା, ନା' ଅଭିଯୋଗ ମଧ୍ୟ ରହିଥିଲା !

ହ୍ୱାଟସଆପରେ ମତେ ବହୁତ କ୍ୱଚିତ୍ ମେସେଜ ଦେଉଥିବା ଜନୈକା ଭାବମୟ ଯୁବ ଛଳଛଳ କୱି ମହୋଦୟାଙ୍କର ଏକ ମେସେଜ ଆସିଥିଲା। ତାହା ପଢିବାରେ ଆଖିରୁ ମୋର ହଠାତ୍ ତତଲା ଲୁହ କିଛି ଓ୍ୱହି ଗଲା। ମେସେଜରେ ସେ ଲେଖିଥିଲେ, "ଭାଇ ଆପଣଙ୍କ ଦୁର୍ଘଟଣା ଖବର ଜାଣି ଭାରି କଷ୍ଟ ଲାଗୁଛି। ଏବେ କିପରି ଅଛନ୍ତି? ଆପଣଙ୍କର ଏହି ନମ୍ବର ରେ ୧ ହଜାର ଟଙ୍କା ପଠାଇଛି। ଗୁଣ୍ଡୁଚି ମୂଷାର ସାମାନ୍ୟ ସାହାଯ୍ୟ ଭାଓ୍ୱି ଏହାକୁ ଗ୍ରହଣ କରିବେ। କାହାକୁ କହିବେନି। ଭଗବାନଙ୍କୁ ପ୍ରାର୍ଥନା କରୁଛି ଆପଣ ଶୀଘ୍ର ଓ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଆନ୍ତୁ। "

ହୃଦୟ ମୋର ଓ୍ୱିଗଳିତ ହୋଇଯାଉଥିଲା। ଯେତେ ଅଭାବ ଅସୁବିଧାରେ ରହିଲେବି ମୁଁ କେବେ ମଧ୍ୟ ଅର୍ଥ ଲାଳସାରେ ନଥାଏ। ସାମାନ୍ୟ ତମ ସ୍ନେହ ପାଇଲେ ମୁଁ ତୃପ୍ତ ହୋଇଯାଏ। ଯିଏ ମତେ ଟଙ୍କା ପଠାଇଥିଲେ, ସେ ନିକଟ ଅତୀତରେ ନିଜର ଏକମାତ୍ର କନ୍ୟାର ବିବାହ କାର୍ଯ୍ୟରେ ବହୁ ଅର୍ଥ ବ୍ୟୟ କରି ଋଣଭାରାକ୍ରାନ୍ତ ରହିଥିବା ଶୁଣିଛି। ଭଦ୍ରାମୀ ଖାତିରରେ ନିରବ ରହି କୃତଜ୍ଞତା ଜଣାଇବାକୁ ଭାଷା ପାଉନାହିଁ ବୋଲି ଫୋନ ଟିକେ କରିପାରୁନାହିଁ। ଭାରି କଷ୍ଟ ଲାଗୁଛି। ହେଲେ ସୌଜନ୍ୟତା ଦେଖାଇବା ଛଳରେ ଉକ୍ତ ଅର୍ଥରାଶିକୁ ଫେରାଇଦେଲେ ହୁଏତ ତାଙ୍କର ମୋ ପ୍ରତି ଏଭଳି ଅନାବିଳ ଆତ୍ମୀୟତାକୁ ମଧ୍ୟ କୁଠାରାଘାତ ହୋଇଯିବ ବୋଲି ଅସ୍ଥିର ଲାଗୁଥିଲା। ଆଖିର ଲୁହ ଅବାରିତ ବୋହି ଚାଲିଥିଲା। କ୍ରମେ ଶରୀରର କଷ୍ଟରାଜି ବିସ୍ମରଣ ହୋଇଯାଉଥିଲା। ସମୟର ସହୃଦୟତାର ପଟାନ୍ତର ନାହିଁ।

ବୋଉ କଥା ମନେ ପଡୁଥିଲା। ସବୁବେଳେ ସେ କହେ, ସମାଜ ସେବାରେ ନିଜକୁ ତିଳ ତିଳ କରି ମାରି , ସ୍ୱାର୍ଥ ରହିତ ତଥା ସ୍ୱାଭିମାନୀ ହୋଇ କିପରି ବଞ୍ଚିବୁ ?! ପୁଣି ସେ କହିଥାଏ, ହଉ ଭଲ କାମ କରୁଥା, ଭଲ କାମରେ ନିଶ୍ଚୟ ଭଲ ଫଳ ମିଳେ ବୋଲି ବିଶ୍ୱାସ ରଖିଥା। ଈଶ୍ୱରଙ୍କ ଠାରେ ଭକ୍ତି ରଖି ତାଙ୍କୁ ଆତ୍ମୀୟ ନିବେଦନ କଲେ ସବୁ ସମସ୍ୟାର ସମାଧାନ ମିଳିଥାଏ ବୋଲି ବୁଝାଇଥାଏ।

ଭାବୁଥିଲି, ବାପାବୋଉ, ହିତୈଷୀ ମାନଙ୍କର ଆଶୀର୍ବାଦ ଓ ଶ୍ରଦ୍ଧାରୁ ଅସମୟରେ ସେହି ଆତ୍ମୀୟ ସମ ସାଥୀ ସହଯୋଗୀ ସାକ୍ଷାତ ଦେବଦୂତ ଭଳି ମତେ ଶ୍ରଦ୍ଧା ଦେଇ ସାହା ହେବା ଘଟଣା ନିଶ୍ଚୟ ଭଗବାନଙ୍କ କୃପା ବ୍ୟତୀତ ଆଉ କିଛି ନୁହେଁ। ହେ ଈଶ୍ୱର, ଏଇ ଅଳୀକ ମଣିଷର ମନହୃଦୟରେ ମାନବିକତାର ପରମ ହିତୈଷୀ ଭାବକୁ ଜାଗରଣ କରାଅ। ଜ୍ଞାନୀ ମଣିଷଟିଏ ଆନ ମଣିଷ ଓ ଜୀବନ ପାଇଁ ଅନନ୍ୟ ଅନାବିଳ ଶ୍ରଦ୍ଧା ସାହାଚର୍ଯ୍ୟ ପ୍ରଦାନର ଆନ୍ତରିକତାକୁ ତାର କାର୍ଯ୍ୟକାରଣରେ ସର୍ବଦା ଭରିଦିଅ। ସମସ୍ତଙ୍କ ପାଇଁ ନିଃସ୍ୱାର୍ଥପର ସେବା ମନୋବୃତ୍ତି ରହିଲେ ମଣିଷର ମନହୃଦୟରେ ପବିତ୍ରତା ଭରିଯିବା ଥୟ। ଏଥିରେ ଆତ୍ମୀୟତା ରକ୍ଷା ହୋଇପାରିଲେ ସବୁ ସୁକର୍ମର ଫଳାଫଳ ସ୍ୱରୂପ ତାହା ପ୍ରତ୍ୟେକ ମଣିଷ ପାଇଁ ଆଶୁ ସଫଳତାର ମୂଳମନ୍ତ୍ର ଅଟେ।

**ମୋବାଇଲ୍: ୬୩୭୦୪୯୫୯୪୪**

# ସ୍ୱାଧୀନତାର ଅନ୍ୟନାମ ସଂଗ୍ରାମ



ସୁବାସ ଷଡଙ୍ଗୀ

୧୭୮୪ ମସିହାରେ ଇମାନୁଏଲ କାଂଟ ଏକ ପ୍ରବନ୍ଧରେ ଲେଖିଥିଲେ, ଯାହାର ଶିରୋନାମା ହେଲା, ' ହ୍ୱାଟ ଇଜ ଏନଲାଇନମେଣ୍ଟ'। ଏଇ ଲେଖାରେ ସେ ଆଲୋକପାତ କରିଥିଲେ 'ଆଲୋକପ୍ରାପ୍ତିର ସ୍ୱରୂପ ସମ୍ପର୍କରେ। ଏଇ ଆଲୋକ ପ୍ରାପ୍ତି ପାଇଁ ବିଶେଷ କିଛି ଦରକାର ପଡେନା। କେବଳ ଯାହା ସ୍ୱାଧୀନତା ଟିକକ ଦରକାର। ତାହାହେଲେ ମନ ଭିତରେ ସ୍ୱତଃ ପ୍ରଶ୍ନ ଉଠେ, ' ଏ ସ୍ୱାଧୀନତା ପୁଣି କିପରି ?' ସେମିତି କିଛି କ୍ଷତିକାରକ ନୁହେଁତ ? ମୋଟାମୋଟି କହିବାକୁ ଗଲେ ସାଧାରଣ ଲୋକଙ୍କ ଭିତରେ ସବୁ ବିଷୟରେ ଯୁକ୍ତି ଓ ବୁଦ୍ଧି ବ୍ୟବହାର କରିବାର ସ୍ୱାଧୀନତା। କିନ୍ତୁ ବାସ୍ତବ କ୍ଷେତ୍ରରେ କଣ ସେଇଆ ହେଉଛି? ଯେଉଁଠି କିଛି ଗୋଟାଏ ସମାଲୋଚନା ହେଉଛି, ସମସ୍ତଙ୍କର ଗୋଟାଏ ମତ, କଣ ପାଇଁ ଏତେ ବିତର୍କ? ସରକାରୀ ଅଫିସରଙ୍କ ଠାରୁ ଆରମ୍ଭ କରି ନେତା ଓ କିଛି ସମାଜସେବୀ ସମସ୍ତେ ଚାହାଁନ୍ତି, ସେମାନଙ୍କର ଇଛାକୁ ଲୋକଙ୍କ ଉପରେ ଲଦି ଦେବାକୁ। ମୋଟାମୋଟି କହିବାକୁ ଗଲେ, ଆମମାନଙ୍କର ସ୍ୱାଧୀନତା ଉପରେ ଆମକୁ ଛାଡି ଅନ୍ୟସମସ୍ତଙ୍କର ନିୟନ୍ତ୍ରଣ କରିବାର କ୍ଷମତା ରହିଛି।ଏଠାରେ ପ୍ରଶ୍ନ ଉଠିପାରେ କେଉଁଧରଣର ନିଷେଧ ଯୋଗୁଁ ଆମେ ଆମର ସ୍ୱାଧୀନତା ପାଇପାରୁ ନାହୁଁ। ବିତର୍କ ପାଇଁ ମୁକ୍ତ ପରିସର ପାଉନା। ଯିଏ କ୍ଷମତା ଦଖଲ କଲା, ସେ ହୋଇଗଲା ସର୍ବେସର୍ବା। ସେ ଯାହା କରିବ ବା କହିବ ସବୁ କିଛି ବେଦର ଗାର। ଆମେ କେବଳ ବଚସ୍କର ଭାବେ ତାହାକୁ ପାଳନ କରିବୁ ମାତ୍ର। ନହେଲେ ଆମକୁ କିଛି ଗୋଟାଏ ଘଟଣାର ଶିକାର ହେବାକୁ ହେବ।

କାଂଟ ଏକଥା ମଧ୍ୟ ତାଙ୍କ ଲେଖାରେ ଲେଖିଛନ୍ତି, ଏ ମଣିଷ ନିଜେ ମଧ୍ୟ ନିଜର ସ୍ୱାଧୀନତାକୁ ରଖିବାକୁ ଚାହେଁ ନାହିଁ। ସମାନ୍ୟ କିଛି ପ୍ରତିଶ୍ରୁତି ବଦଳରେ ଆମେ ସବୁକିଛି ଦେଇଦେଉ। ସେଇଥି ପାଇଁ ବେଧହୁଏ ଆମ ଦେଶରେ ସ୍ୱାଧୀନତା କଥା ବେଶି ଉଠେ। ସବୁ ବର୍ଗର ଲୋକ ସ୍ୱାଧୀନତା କଥା ଉଠାନ୍ତି, କିନ୍ତୁ ଅସଲବେଳ ଆସିଲେ କିଛି କହନ୍ତି ନାହିଁ।ଯାହ।ଫଳରେ ଆମେ ଆମ ବହୁମୂଲ୍ୟର ସ୍ୱାଧୀନତାକୁ ବାରମ୍ବାର ହରାଇ ବସୁଛୁ।

ଆଉ ଏକ କଥାହେଉଲା ସାର୍ବଭୌମତ୍ୱ। ଏଠାରେ ସ୍ୱଷ୍ଟ କରିଦେବା ଦରକାର ଯେ, ଆମେ ଯେଉଁ ସାର୍ବଭୌମତ୍ୱ କଥା କହୁଛୁ, ତାହା ହେଉଛି, ଜାତୀୟ ସାର୍ବଭୌମତ୍ୱର କଥା। ଆମକୁ ମନେ ରଖିବାକୁ ହେବ, ନାଗରିକମାନେ ସେମାନଙ୍କ ଅର୍ଜିତ ଓ ମଞ୍ଜିଭୁତ ସାର୍ବଭୌମତ୍ୱର କିଛି ଅଂଶ ରାଷ୍ଟ୍ରକୁ ଦାନ କରିଛନ୍ତି ବୋଲି, ରାଷ୍ଟ୍ରନାମକ ପ୍ରତିଷ୍ଠନଟି ଜନ୍ମ ନେଇଛି। ରାଷ୍ଟ୍ର ତ ନାଗରିକକୁ ଜନ୍ମ ଦେଇନି, ନାଗରିକମାନେ ରାଷ୍ଟ୍ର ସୃଷ୍ଟି କରିଛନ୍ତି। ଏହହିଁ ହେଉଛି ସତ୍ୟ। ଏଣୁ ରାଷ୍ଟ ନାଗରିକ ବାଛି ପାରେନା। ନାଗରିକ ତାର ଇଛା ମୁତାବକ ରାଷ୍ଟ୍ର ବାଛିପାରେ। ଏବେ ଯେଉଁ ସ୍ୱାଧରନତାର କଥା କୁହାଯାଉଛି, ତାହା ହେଉଛି ଭୋଟ ଜନିତ ସ୍ୱାଧୀନତା। ଏଭଳି ସ୍ୱାଧୀତା ଆମେ କେବଳ ଭୋଟ ସମୟରେ ବ୍ୟବହାର କରୁ। ଅନ୍ୟ ସମୟରେ ନୁହେଁ। କାରଣ ଭୋଟ ଦେବା ଯେଉଁ ଦଳ କ୍ଷମତାକୁ ଆସେ, ସେ ହି ହୋଇଯାଏ ପ୍ରକୃତ ଶାସକ। ଆଜିକାଲି ଗଣତନ୍ତ୍ର କେବଳ ପାଠ ବହିର ବିଷୟ। ସ୍ୱାଧୀନତା କହିଲେ ଆମେ ବୁଝୁ ଯେକୌଣସି ବିଷୟରେ ସରକାର ଓ ବିରୋଧୀ ଦଳର ଦୁଇଟି ମତ। ଆଉ କିଛି ନୁହେଁ। କାହା ମତକୁ ସାଧାରଣ ଲୋକ ଗ୍ରହଣ କରିବେ ?

ସ୍ୱାଧୀନତା ନେଇ ଯିଏ ଯାହା କହୁନା କାହିଁକି, ଏହା କେବଳ ଏକ ଫମ୍ପା ସ୍ଲୋଗାନ। ଗରିବ ଲୋକଙ୍କୁ କେବଳ ଦିଆଯିବ। ଧନୀ ଲୋକମାନଙ୍କୁ ଖୁସ କରାଯିବ ଆଉ ମଧ୍ୟ ବିତ? ସେମାନେ ଯେମିତିକୁ ସେମିତି। କାରଣ ସେମାନଙ୍କର କୌଣସି ସଂଗଠନ ନାହିଁ। ଚାରିଟା ଲୋକ ଏକାଠି ହେଲେ ରେଳ ରୋକ ହୋଇପାରିବ। କିନ୍ତୁ ଜଣକରେ ହୋଇପାରିବ ନାହିଁ। ଏଣୁ ଗରିବ ଲୋକ ଏକାଠି ହୋଇ ବସ୍ତି ଗଢନ୍ତି। ଭୋଟ ନଦେବାର ଧମକ ଦିଅନ୍ତି। ଏରୁ ସରକାରଙ୍କ ଠାରୁ ଅନେକ ସୁବିଧା ମାରି ନିଅନ୍ତି। ଜଣେ ସାଧାରଣ ଲୋକ ଚାରିହାତ ଜାଗା ମାଡି ବସିଲେ ତାକୁ ଅନେକ ସମସ୍ୟାର ଶିକାର ହେବାକୁ ପଡେ। ଏମିତି ଅନେକ କଥା। କହି ବସିଲେ କଥା ସରିବନି। କିନ୍ତୁ ନ କହିଲେ ରହିହେଉ ନାହିଁ। ଆମେ ଗରିବଙ୍କୁ ଯେଉଁ ସୁବିଧା ଦିଆଯାଉଛି, ତାହାକୁ ବିରୋଧ କରୁନା। କିନ୍ତୁ ଏଥିରେ ପରିବର୍ତନ ଦରକାର। ଏବେ ଅଦାଲତ କହିଲେ ସଂରକ୍ଷଣରୁ ଲହୁଣୀମାନଙ୍କୁ ବାଦ ଦେବାକୁ। ଯେଉଁମାନେ ସଂରକ୍ଷଣ ପାଉଛନ୍ତି, କେବଳ ସେଇମାନଙ୍କ ପରିବାର ପାଉଛନ୍ତି। ଗାଁ ଗହଳରେ ରହିଯାଉଥିବା ଗରିବ ଲୋକମାନେ ସେ ସୁବିଧା ପାଇପାରୁ ନାହାନ୍ତି।

ଏମିତ ଅନେକ କଥା ରହିଛି। ସ୍ୱାଧୀନତା ମାନେ ସେ ସବୁର ସମବଣ୍ଟନ ହେବା ଦରକାର। ନ ହେଲେ, ଲୋକମାନେ, ଯେମିତିକୁ ସେମିତି ରହିଯିବେ। ସେମାନଙ୍କର ବିକାଶ ହୋଇପାରିବ ନାହିଁ। ସ୍ୱାଧୀନତା ଦିବସ ଆସୁଥିବ, ନୂଆ ଦୁନିଆର ଭାଷଣ ଓ ସ୍ୱପ୍ନ ଦେଖାଯିବ। କିନ୍ତୁ କିଛି ଲାଭ ହେବ ନାହିଁ। ଗରିବ ଓ ମଧ୍ୟବିତ ଲୋକମାନେ ସବୁବେଳେ ଉନ୍ନତିର ସବା ପଛଧାଡିରେ ରହିଯିବେ। କାରଣ ସେମାନଙ୍କ ଉନ୍ନୟନ କେବଳ ଭୋଟ ରାଜନୀତିରେ ବନ୍ଧା। ସେଥିରୁ ଆମକୁ ମୁକୁଳିବାକୁ ହେବ।

**ମୋବାଇଲ୍: ୯୪୩୯୬୫୨୩୨୨**

# ଅଦାଲତକୁ ଲୋକେ କାହିଁକି ଡରୁଛନ୍ତି ?

ନିକଟରେ ଶେଷ ହୋଇଥିବା ଜିଲ୍ଲା ନ୍ୟାୟପାଳିକାର ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାହା କହିଛନ୍ତି ତାହା ଦେଶର ସମଗ୍ର ନ୍ୟାୟିକ ବ୍ୟବସ୍ଥା ପାଇଁ ବିପଦ ଘଣ୍ଟିଭାବେ ବିବେଚନା କରାଯାଇପାରେ। ଦେଶର ସାଧାରଣ ଲୋକଙ୍କୁ ସହଜରେ ନ୍ୟାୟ ପାଖରେ ପହଞ୍ଚିବା ପାଇଁ ନ୍ୟାୟପାଳିକା କୌଣସି ବାଟ ନ ଦେଲେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ରାଷ୍ଟ୍ରପତି ସ୍ମରଣ କରାଇ ଦେଇଛନ୍ତି।

ସାଧାରଣ ଭାରତୀୟଙ୍କ ଜୀବନ ଓ ଦୁଃଖ ଓ ସଂଘର୍ଷ ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ୍ତ ସମ୍ପର୍କର ଏହା ପ୍ରମାଣଭାବେ ବିବେଚନା କରିବାକୁ ହେବ ଯେ ସେ ନ୍ୟାୟପାଳିକା ପ୍ରତି ଲୋକଙ୍କ ଭାବନାକୁ ସହଜରେ ପ୍ରକାଶ କରିଥିଲେ। ରାଷ୍ଟ୍ରପତି ସଠିକ୍ ଭାବରେ କହିଛନ୍ତି ଯେ ସାଧାରଣ ଲୋକ ବିଚାରପତିମାନଙ୍କୁ ଭଗବାନ ଭାବରେ ଦେଖନ୍ତି ଯିଏ ନ୍ୟାୟ ଦିଅନ୍ତି କିନ୍ତୁ ତଥାପି ଅଦାଲତର ନାମ ଶୁଣିଲେ ଭୟ କରନ୍ତି । ସେଠାକୁ ନ ଯିବା ପାଇଁ ସେମାନେ ନିଜ ଜୀବନରେ ଅନେକ ପ୍ରକାର ଅନ୍ୟାୟକୁ ଚୁପ୍ ଚାପ୍ ସହ୍ୟ କରିଥାନ୍ତି। ଏହା ପଛରେ ଦୁଇଟି ବଡ଼ କାରଣ ରହିଛି। ପ୍ରଥମତଃ, ଅଦାଲତରୁ ନ୍ୟାୟ ପାଇବା ପ୍ରକ୍ରିୟା ଅତ୍ୟନ୍ତ ବ୍ୟୟବହୁଳ ଏବଂ ଦ୍ୱିତୀୟତଃ ଏଥିପାଇଁ ବହୁତ ସମୟ ଲାଗିଥାଏ। ଏହି ଦୁଇଟି ଯାକର ପରିଣାମ ଏଭଳି ରୂପରେ ସାମ୍ନାକୁ ଆସିଥାଏ ଯେ ନ୍ୟାୟ ଆଶାରେ ଅଦାଲତରେ ପହଞ୍ଚିଥିବା ବ୍ୟକ୍ତି ରାୟ ଆସିବାବେଳକୁ ଭାଙ୍ଗି ଯାଇଥାନ୍ତି । ରାଷ୍ଟ୍ରପତି ସଠିକ୍ ଭାବରେ ଦର୍ଶାଇଛନ୍ତି ଯେ ଯେତେବେଳେ କୌଣସି ଗମ୍ଭୀର ଅପରାଧ ସହ ଜଡିତ ମାମଲାର ନିଷ୍ପତ୍ତି ନେବାକୁ ୩୨ ବର୍ଷ ସମୟ ଲାଗିଥାଏ, ସେତେବେଳେ ଲୋକମାନେ ଅନୁଭବ କରିବା ଅସ୍ୱାଭାବିକ ନୁହେଁ ଯେ ବୋଧହୁଏ ଅଦାଲତ ଏଭଳି ମାମଲା ପ୍ରତି ସମ୍ବେଦନଶୀଳ ନୁହଁନ୍ତି।

ରାଷ୍ଟ୍ରପତି କୌଣସି ନିର୍ଦ୍ଦିଷ୍ଟ ମାମଲା ଉଲ୍ଲେଖ କରିନଥିଲେ ମଧ୍ୟ ଅଗଷ୍ଟ ୨୦ ରେ ଅଜମେରର ପୋକ୍ସୋ ଅଦାଲତ ଦେଇଥିବା ରାୟ ବିଷୟରେ ଉଲ୍ଲେଖ କରିଥିଲେ। ଏକ ପ୍ରସିଦ୍ଧ ସେକ୍ସ ସ୍କାଣ୍ଡଲ ସହ ଜଡ଼ିତ ଏହି ମାମଲାରେ ୬ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାକୁ ୩୨ ବର୍ଷ ସମୟ ଲାଗିଥିଲା। ଏହା କୌଣସି ଅଲଗା ମାମଲା ନୁହେଁ। ଅତ୍ୟନ୍ତ ଗମ୍ଭୀର ଓ ଜଘନ୍ୟ ଅପରାଧର ଶହ ଶହ ମାମଲା ବର୍ଷ ବର୍ଷ ଧରି ଅଦାଲତରେ ବିଚାରାଧୀନ ରହିଛି।

# ମାତୃଭାଷାର ସୁରକ୍ଷା

କନକ ଲତା ମହାସୁଆର

ମାତୃଭୂମି ଭଳି ମାତୃଭାଷା ହେଉଛି ପ୍ରତ୍ୟେକଙ୍କର ସ୍ୱାଭିମାନ ଏବଂ ସମ୍ମାନର ପ୍ରଶ୍ନ। ମାତୃଭାଷା ହେଉଛି ମଣିଷର ସବୁଠାରୁ ବଡ଼ ପରିଚୟ। ମାତୃଭାଷାର ସମ୍ମାନ ପ୍ରତି ଆଞ୍ଚ ଆସିଲେ ଏହାକୁ କେହି ବରଦାସ୍ତ କରିବା ଅନୁଚିତ। ଠିକ ଏହି କାରଣରୁ ପାକିସ୍ତାନର ବିଭାଜନ ହୋଇଥିଲା ଏବଂ ପୂର୍ବ ପାକିସ୍ତାନ ବାଂଲାଦେଶ ନାମରେ ନାମିତ ହୋଇ ଏକ ନୂତନ ରାଷ୍ଟ୍ରଭାବେ ଜନ୍ମ ନେଇଥିଲା। ପଶ୍ଚିମ ପାକିସ୍ତାନବାସୀ ସେତେବେଳେ ପୂର୍ବ ପାକିସ୍ତାନବାସୀଙ୍କ ଉପରେ ଯେତେବେଳେ ଯୋର ଜବରଦସ୍ତ ଉର୍ଦ୍ଦୁ ଭାଷା ଲଦି ଦେବାକୁ ଚାହିଁଲେ ଏବଂ ବଙ୍ଗଳା ଭାଷାର ବିଲୋପ ଉଦ୍ୟମ କରୁଥିଲେ। ଏହାକୁ ସ୍ୱାଭିମାନୀ ବାଂଲାଦେଶୀ ମାନେ ବରଦାସ୍ତ କରିନଥିଲେ ଏବଂ ପାକିସ୍ତାନ ବିରୋଧରେ ସଂଗ୍ରାମ କରିଥିଠଲେ। ଏହାକୁ ଦମନ କରିବାକୁ ଯେରେ ପ୍ରଚେଷ୍ଟା କଲେ ମଧ୍ୟ ତାହା ସଫଳ ହୋଇନଥିଲା। ଶେଷରେ ଲଢ଼େଇରେ ବଙ୍ଗଳା ଭାଷାଭାଷୀଙ୍କ ବିଜୟ ହୋଇଥିଲା ଏବଂ ବାଂଲାଦେଶ ଗଠିତ ହୋଇଥିଲା। ବିଶ୍ୱ ଇତିହାସରେ ଏଭଳି ଅନେକ ଉଦାହରଣ ରହିଛି। ଭାଷାକୁ ନେଇ ଲଢ଼େଇର ଇତିହାସରେ ଓଡ଼ିଶା ଅଗ୍ରଣୀ ଭାବେ ଚର୍ଚ୍ଚିତ। ଓଡ଼ିଶା ହେଉଛି ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗେ୍ୗରବର ବିଷୟ। ଓଡ଼ିଆ ଭାଷା ହେଉଛି ବିଶ୍ୱର ଏକ ବହୁ ପୁରାତନ ଏବଂ ସମୃଦ୍ଧ ଭାଷା। ଭାରତର ଅନ୍ୟ ଭାଷା ତୁଳନାରେ ଓଡ଼ିଆରେ ଅନେକ ମୂଲ୍ୟବାନ ଏବଂ ପ୍ରାଚୀନ ଗ୍ରନ୍ଥ ରହିଛି ଯାହା ବିଶ୍ୱର ଅନ୍ୟ ଯେକୌଣସି ସମୃଦ୍ଧ ଭାଷାଠାରୁ ଉନ୍ନତ। କିନ୍ତୁ ପ୍ରାକ୍ ସ୍ୱାଧୀନତା କାଳରେ ଓଡ଼ିଆ ଭାଷାକୁ ବିଲୁପ୍ତ କରିବା ନିମନ୍ତେ ବହୁ ପ୍ରୟାସ ଏବଂ ଷଡ଼ଯନ୍ତ୍ର ହୋଇଛି। ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ବଙ୍ଗାଳୀମାନେ ଦାବି କରିଥିଲେ। କିନ୍ତୁ ଧନ୍ୟବାଦ ଦେବାକୁ ହେବ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାନ ସଂଗ୍ରାମୀ ମାନଙ୍କୁ। ଉତ୍କଳ ଗେ୍ୗରବ ମଧୁସୂଦନ ଦାସ, କର୍ମବୀର ଗୌରୀ ଶଙ୍କରଙ୍କ ଲଢ଼େଇ, ଓଡ଼ିଆ ଭାଷା ପ୍ରତି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅବଦାନକୁ ଭୁଲି ହେବ ନାହିଁ। ସେଥିପାଇଁ ବଙ୍ଗ, ବିହାର, ତତ୍କାଳିନ ଅବିଭକ୍ତ ମାଡ୍ରାସ ପ୍ରଦେଶର ଓଡ଼ିଆ ଭାଷାଭାଷି ଅଞ୍ଚଳକୁ ନେଇ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା। ଆଉ ମାତ୍ର ୧୨ ବର୍ଷ ପରେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବାକୁ ଯାଉଛୁ। ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ତେବେ ଦୁର୍ଭାଗ୍ୟର ବିଷୟ ହେଲା ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ଏବେ ବି ପଡ଼ୋଶୀ ରାଜ୍ୟରେ ରହିଯାଇଛି। ଏହାକୁ ଓଡ଼ିଶାରେ ମିଶାଇବା ଆଉ ହୁଏତ ସମ୍ଭବ ହୋଇନପାରେ। କିନ୍ତୁ ଅନ୍ୟ ରାଜ୍ୟର ଓଡ଼ିଆ ଭାଷାଭାଷି ଅଞ୍ଚଳରେ ଓଡ଼ିଆ ଭାଷା କିପରି ବଞ୍ଚି ରହିବ ତାହା ଏକ ବଡ଼ ପ୍ରଶ୍ନ ଏବଂ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ। କେବଳ ଭାରତର ବିଭିନ୍ନ ରାଜ୍ୟ ନୁହେଁ, ବିଶ୍ୱର ବହୁ ଦେଶରେ ଅନେକ ଓଡ଼ିଆ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ଏବେ ବି ଓଡ଼ିଆତ୍ୱ ବଞ୍ଚି ରହିଛି। ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଉତ୍ସବକୁ ସେମାନେ ପାଳନ କରନ୍ତି। ଅନେକ ଓଡ଼ିଆ ଦେଶବିଦେଶରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ସେମାନଙ୍କ ପାଇଁ ଓଡ଼ିଶାବାସୀ ଗର୍ବ ଅନୁଭବ କରିବା ଉଚିତ। ତେବେ ଏସବୁ ସତ୍ତ୍ୱେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ପ୍ରତି ବିପଦ ସୃଷ୍ଟି ହୋଇଥିବା ଅନୁଭବ କରାଯାଉଛି। ଇଂରାଜୀ ଭାଷାର ପ୍ରଭାବରେ ଓଡ଼ିଆ ସାହିତ୍ୟର ଅସ୍ତିତ୍ୱ ପ୍ରତି ଆଜି ବିପଦ ଘନେଇ ଆସୁଛି। ପରିସ୍ଥିତି ଏପରି ହୋଇଛି ଯେ, ଆଉ କିଛି ବର୍ଷ ଭିତରେ ଓଡ଼ିଆ କେବଳ ଏକ କଥିତ ଭାଷାରେ ପରିଣତ ହୋଇଯିବ। ଇତିମଧ୍ୟରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଆଜି ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେଉଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉଦ୍ଦେଶ୍ୟ କେବଳ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ନୁହେଁ, ଓଡ଼ିଆ ଭାଷାର ମହତ୍ୱକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା। ଓଡ଼ିଆ ଭାଷା ଏକ ସମୃଦ୍ଧ ଏବଂ ପ୍ରାଚୀନ ଭାଷା ତାହାକୁ ପ୍ରମାଣିତ କରିବା। ଓଡ଼ିଆ ଭାଷା ଆମ ଅସ୍ମିତାର ପ୍ରତୀକ। ଏହାର ସୁରକ୍ଷା ଜରୁରୀ। ଏଥିପାଇଁ ସ୍କୁଲ ସ୍ତରରେ ଓଡ଼ିଆ ଭାଷାରେ ଶିକ୍ଷାଦାନକୁ ଗରୁତ୍ୱ ଦିଆଯିବା ସହିତ ଉନ୍ନତ ମାନର ଓଡ଼ିଆ ପୁସ୍ତକ ପ୍ରକାଶିତ ହେବା ଜରୁରୀ। ଆଜି ଓଡ଼ିଆ ଭାଷାକୁ ଯଦି କେହି ବଞ୍ଚାଇରଖିଥାଏ ତେବେ ତାହା ହେଉଛି ଓଡ଼ିଆ ସମ୍ବାଦପତ୍ର। ଯେ ପର୍ଯ୍ୟନ୍ତ ଓଡ଼ିଆ ସମ୍ବାଦପତ୍ର ବଞ୍ଚି ରହିଥିବ ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷା ମୁଣ୍ଡଟେକି ଠିଆ ହୋଇଥିବ। ଆଜିକୁ ଶହ ଶହ ବର୍ଷ ହେବ ଓଡ଼ିଶାର ବହୁ ଯୋଜଜନ୍ମା ପୁରୁଷ ଜନ୍ମ ନେଇ ଓଡ଼ିଆ ସାହିତ୍ୟକୁ ସେମାନଙ୍କ ଲେକନୀ ମାଧ୍ୟମରେ ସମୃଦ୍ଧ କରିଛନ୍ତି। ଆଜିର ଯୁବପୀଢ଼ିକୁ ସେମାନଙ୍କ ସାଧନା ଏବଂ ସିଦ୍ଧି ସମ୍ପର୍କରେ ଅବଗତ କରାଇବା ଉଚିତ। ଓଡ଼ିଆ ଭାଷା ବଞ୍ଚି ରହିବାର ଏକ ପ୍ରମୁଖ କାରଣ ହେଲା ଜଗନ୍ନାଥ ସଂସ୍କୃତି। ଓଡ଼ିଆ ଭାଷା ଏବଂ ଜାତିର ଇତିହାସ ସହ ଶ୍ରୀଜଗନ୍ନାଥ ସଂସ୍କୃତି ଅନେକାଂଶରେ ଜଡ଼ିତ। ଏହାକୁ ମଧ୍ୟ ବଞ୍ଚାଇ ରଖିବା ସହିତ ବିଶ୍ୱ ସ୍ତରରେ ଏହାର ବ୍ୟାପକ ପ୍ରଚାର ପ୍ରସାର ଜରୁରୀ। ଆଶା କରାଯାଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପ୍ରତି ସମୁଚିତ ଦୃଷ୍ଟି ଦେବେ। ସନ୍ଥ କବି ଭୀମଭୋଇଙ୍କ ମାନବବାଦ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱାଭିମାନ, ଫକୀର ମୋହନ ସେନାପତିଙ୍କ ଓଡ଼ିଆ ଭାଷାର ସମ୍ମାନ ଏବଂ ସୁରକ୍ଷା ନିମନ୍ତେ ଲଢ଼େଇକୁ ଆମ ପିଲାମାନଙ୍କୁ ଅବଗତ କରାଯିବା ଉଚିତ। ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଅତିବଡ଼ି ଜଗନ୍ନାଥ ଦାଶ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଗୋପାଳକୃଷ୍ଣ ପଟ୍ଟନାୟକ, ସଚ୍ଚି ରାଉତରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଧାମୋହନ ଗଡ଼ନାୟକ, ଉତ୍କଳମଣି ଗୋପବନ୍ଧୁ ଦାଶ, କବିବର ରାଧାନାଥ ରାଓ ପ୍ରମୁଖଙ୍କ ଅବଦାନକୁ ଭୁଲି ହେବ ନାହିଁ। ସେମାନଙ୍କୁ ସ୍ମରଣ କରିବା ଏବଂ ସେମାନଙ୍କୁ ପରବର୍ତ୍ତୀ ପୀଢ଼ି ସହ ପରିଚିତ କରାଇବା ଆମର ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ।

# ୟେଚୁରୀ: ସିଏମ୍‌ପିର ପ୍ରମୁଖ ବିନ୍ଧାଣି



୧୯୫୨ ଅଗଷ୍ଟ ୧୨-୨୦୨୪ ସେପ୍ଟେମ୍ବର ୧୨

ନୂଆଦିଲ୍ଲୀ, ୧୨।୯: ସିପିଏମ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କର ପରଲୋକ ହୋଇଯାଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଶ୍ୱାସନଳୀ ସଂକ୍ରମଣ ଯୋଗୁ ସେ ଅଗଷ୍ଟ ୧୯ରୁ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେଠାରେ ଡାକ୍ତରଙ୍କ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ଆଜି ସୀତାରାମ ୟେଚୁରୀ ଆଖି ବୁଜିଛନ୍ତି। ୟେଚୁରୀ ୨୦୦୫ରୁ ୨୦୧୭ ଯାଏ ରାଜ୍ୟସଭାର ସାଂସଦ ଭାବେ କାର୍ଯ୍ୟ କରିଥିଲେ।

ଅଗଷ୍ଟ ୧୯ ତାରିଖ ସନ୍ଧ୍ୟାରେ ନିମୋନିଆ ଯୋଗୁ ତାଙ୍କୁ ଏମ୍ସର ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ଆଇସିୟୁ ଓ ପରେ ଶ୍ୱାସକ୍ରିୟା ମେସିନ ଦ୍ୱାରା ତାଙ୍କୁ ଅମ୍ଳଜାନ ଯୋଗାଇ ଦିଆଯାଉଥିଲା। ଏହାପୂର୍ବରୁ ୟେଚୁରୀଙ୍କ ମୋତିଆ ବିନ୍ଦୁ ଅପରେସନ ମଧ୍ୟ ହୋଇଥିଲା।

ସୀତାରାମ ୟେଚୁରୀ ସିପିଆଇ (ଏମ୍)ର ବରିଷ୍ଠ ସଦସ୍ୟ। ସେ ୧୯୯୬ ମସିହାରେ ୟୁନାଇଟେଡ୍ ଫ୍ରଣ୍ଟ ସରକାର ପାଇଁ କମନ୍ ମିନିମମ୍ ପ୍ରୋଗ୍ରାମ୍ ପ୍ରସ୍ତୁତ କରିବାରେ ପି ଚିଦାମ୍ବରମଙ୍କ ସହ ସହଯୋଗ କରିଥିଲେ। ୨୦୦୪ରେ ୟୁପିଏ ଗଠନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦିଲ୍ଲୀର ସେଣ୍ଟ ଷ୍ଟେଫେନ କଲେଜ ଓ ଜେଏନୟୁର ପୂର୍ବତନ ଛାତ୍ର ୟେଚୁରୀଙ୍କ ରାଜନୀତିକ ଯାତ୍ରା ବେଶ ଲମ୍ବା। ସେ ନିଜର ରାଜନୀତିକ ଯାତ୍ରା ଷ୍ଟୁଡେଣ୍ଟ ଫେଡେରେସନ ଅଫ ଇଣ୍ଡିଆରୁ ଆରମ୍ଭ କରିଥିଲେ ଓ ୧୯୭୫ରେ ସିପିଆଇଏମରେ ଯୋଗ ଦେଇଥିଲେ।

୧୯୭୫ରେ ଇନ୍ଦିରା ଗାନ୍ଧି ଏମର୍ଜେନ୍ସି ଲାଗୁ କରିବା ବେଳେ ସେ ଜେଏନୟୁରେ ଅର୍ଥନୀତିରେ ଡକ୍ଟରେଟ କରୁଥିଲେ। ଏହି ସମୟରେ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଅନେକ ରାଜନେତାଙ୍କ ସହ ୟେଚୁରୀ ମଧ୍ୟ ଗିରଫ ହୋଇଥିଲେ। ଗିରଫ ହେବାରୁ ତାଙ୍କ ପିଏଚଡି ପାଠପଢ଼ା ଅଧାରେ ରହି ଯାଇଥିଲା। ଜେଲରୁ ବାହାରିବା ପରେ ସେ ଗୋଟିଏ ବର୍ଷରେ ୩ ଥର ଜେଏନୟୁର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ତାଙ୍କର ଦେଖା କମରେଡ ପ୍ରକାଶ କରାତଙ୍କ ସହ ହୋଇଥିଲା।

୧୯୯୨ରେ ସେ ପଲିଟବ୍ୟୁରୋ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ୪ ବର୍ଷ ପରେ ଅର୍ଥାତ ୧୯୯୬ ମସିହାରେ ୟୁନାଇଟେଡ୍ ଫ୍ରଣ୍ଟ ସରକାର ପାଇଁ କମନ୍ ମିନିମମ୍ ପ୍ରୋଗ୍ରାମ୍ ପ୍ରସ୍ତୁତ କରିବାରେ ପି ଚିଦାମ୍ବରମଙ୍କ ସହ ସହଯୋଗ କରିଥିଲେ। ୨୦୦୪ରେ ୟୁପିଏ ଗଠନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହାଇଦ୍ରାବାଦ ଏବଂ ଦିଲ୍ଲୀରେ ପାଠ ପଢ଼ିବା ପରେ ୟେଚୁରୀ ୧୯୭୫ରେ ଜରୁରୀ ପରିସ୍ଥିତି ସମୟରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ସେ ଅନେକ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରେ ୟୁପିଏ ଗଠନରେ ସେ ପ୍ରମୁକ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରାହୁଲ ତାଙ୍କ ଶୋକ ବାର୍ତ୍ତାରେ ସ୍ୱଗତ ୟେଚୁରୀଙ୍କୁ ତାଙ୍କର ବନ୍ଧୁ ବୋଲି ବର୍ଣ୍ଣନା କରିବା ସହ ଦେଶର ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କର ବିଶେଷ ଜ୍ଞାନ ଥିଲା ବୋଲି କହିଛନ୍ତି। ସିପିଏମ ପଲିଟବ୍ୟୁରା ପକ୍ଷରୁ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ଦଳୀୟ ପତାକାକୁ ଅର୍ଦ୍ଧନମିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି।



## ପ୍ରଧାନ ବିଚାରପତିଙ୍କ ଘରେ ପ୍ରଧାନମନ୍ତ୍ରୀ
# ବିରୋଧୀଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଗଣେଶ ପୂଜା ପାଇଁ ଯିବା ଏବଂ ଏହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏହାର ଔଚିତ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦେଶର ପ୍ରଧାନମନ୍ତ୍ରୀ ପ୍ରଧାନ ବିଚାରପତିଙ୍କ ଘରକୁ ଯିବା ଏକ ଖରାପ ପରମ୍ପରା ସୃଷ୍ଟି କରିପାରେ ଏବଂ ଏହା ଏକ ଭୁଲ ବାର୍ତ୍ତା ପଠାଉଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ବିଜେପି ଏହାର ଜବାବ ଦେଇ କହିଛି ଯେ, ଗଣେଶ ପୂଜାରେ ପ୍ରଧାନମନ୍ତ୍ରୀ ସାମିଲ ହେବା ଏକ ଅପରାଧ ନୁହେଁ। ଦ୍ୱିତୀୟରେ ଅନେକ କ୍ଷେତ୍ରରେ ବିଚାରପତି ଓ ରାଜନେତା ଏକାଠି ହେବାର ଅନେକ ନଜିର ହିଛି। ପ୍ରଧାନମନ୍ତ୍ରୀ ହେଉଛି ଦେଶର ନେତା। ସେ କୌଣସି ଦଳର ନୁହଁନ୍ତି। ଦେଶର ପ୍ରଧାନମନ୍ତ୍ରୀ ଗଣେଶ ପୂଜା ପାଇଁ ପ୍ରଧାନବିଚାରପତିଙ୍କ ଘରକୁ ଯିବାରେ ଅସୁବିଧା କ'ଣ ରହିଲା ବୋଲି ବିଜେପି ପ୍ରଶ୍ନ କରିଛି।

ଶିବସେନା ନେତା, ରାଜ୍ୟସଭା ସଦସ୍ୟ ସଞ୍ଜୟ ରାଉତ କହିଛନ୍ତି ଯେ, ଅନେକ ଲୋକଭକ୍ତ ଗରେ ଗଣେଶ ପୂଜା ହେଉଛି। ପ୍ରଧାନମନ୍ତ୍ରୀ କାହିଁକି ପ୍ରଧାନ ବିଚାରପତିଙ୍କ ଗରକୁ ଯାଇ ଗଣେଶ ପୂଜା କରିବାକୁ ଚାହିଁଲେ। ଅନେକ ରାଜନୈତିକ ବିବାଦ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ରହିଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନି ବିଚାରପତି ପ୍ରଭାବିତ ହେବେ ନି ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଅନୁରୂପ ମତବ୍ୟକ୍ତ କରିଛନ୍ତି। ଆରଜେଡି ନେତା ମନୋଜ ଝା ମଧ୍ୟ ଏହା ଏକ ଖରାପ ପରମ୍ପରା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ କରିଥିବା ବିଜେପି ମୁଖପାତ୍ର ସେହଜାଦ ପୁନାୱାଲା ଏହାର ଜବାବ ଦେଇ କହିଛନ୍ତି ଯେ, ଦେଶର ପ୍ରଧାନମନ୍ତ୍ରୀ କୌଣସି ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବାରେ କିଛି ବାଧା ନାହିଁ। ଏହାକୁ ନେଇ ସନ୍ଦେହ ଏବଂ ସମାଲୋଚନା ସଂକୀର୍ଣ୍ଣ ମନୋଭାବର ପରିଚାୟକ ବୋଲି ସେ କହିଛନ୍ତି।

# ମହାକାଶରେ ୫୯ତମ ଜନ୍ମଦିନ ପାଳିବେ ସୁନୀତା



ୱାଶିଂଟନ୍, ୧୨।୯: ନାସା ଆଷ୍ଟ୍ରୋନଟ୍ ସୁନୀତା ୱିଲିୟମ୍ସ ସେପ୍ଟେମ୍ବର ୧୯ରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରେ ନିଜ ୫୯ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ମହାକାଶରେ ଏହା ହେବ ତାଙ୍କର ଦ୍ୱିତୀୟ ଜନ୍ମଦିନ ପାଳନ। ଗତ ଜୁନ୍ ୬ରେ ମହାକାଶଯାତ୍ରୀ ବେରି ୱିଲ୍‌ମୋରଙ୍କ ସହ ଆଇଏସ୍ଏସ୍‌କୁ ଯାତ୍ରା କରିଥିବା ସୁନୀତା ବୋଇଂ ଷ୍ଟାରଲାଇନର ସ୍ପେସ୍‌କ୍ରାଫ୍ଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସେଠାରେ ଫସିରହିଛନ୍ତି। ଉଭୟେ ୨୦୨୫ ଫେବୃଆରୀରେ ସ୍ପେସେକ୍ସର ଡ୍ରାଗନ୍ କ୍ରିଉ କ୍ୟାପ୍‌ସୁଲରେ ପୃଥିବୀ ପୃଷ୍ଠକୁ ଫେରିବେ ବୋଲି ନାସା ପକ୍ଷରୁ କୁହାଯାଇଛି। ସେପ୍ଟେମ୍ବର ୧୯ରେ ଆମେରିକାର ଅହିଓସ୍ଥିତ ଇଉକ୍ଲିଡ୍‌ରେ ଜନ୍ମିତ ସୁନୀତାଙ୍କ ବାପାଙ୍କ ଡ. ଦୀପକ ପାଣ୍ଡ୍ୟା ଓ ମା' ବୋନ୍ନିଏ। ଏହି ଭାରତୀୟ ବଂଶୋଦ୍ଭବ ଏକଦା ମହାକାଶ ଯାତ୍ରାବେଳେ ସାଙ୍ଗରେ ଭଗବତଗୀତା, ସିଙ୍ଗଡ଼ା ଓ ଗଣେଶ ମୂର୍ତ୍ତି ନେଇଯାଇଥିଲେ। ବର୍ତ୍ତମାନ ସୁଦ୍ଧା ସୁନୀତା ମହାକାଶରେ ମୋଟ ୩୨୨ ଦିନ ବିତାଇସାରିଲେଣି।

## ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଦରଘାରେ ୪ହଜାର କିଲୋର ନିରାମିଷ ଭୋଜନ



ନୂଆଦିଲ୍ଲୀ, ୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସେପ୍ଟମ୍ବର ୧୭ରେ ନିଜର ୭୪ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ଏହି ଉପଲକ୍ଷେ ରାଜସ୍ଥାନର ଏକ ଲୋକପ୍ରିୟ ଦରଘା ୪ହଜାର କିଲୋର ଶାକାହାରି ଭୋଜନ ବିତରଣ କରିବାକୁ ଯାଉଛି। ଦରଘା ଦ୍ୱାରା ଦିଆଯାଇଥିବା ବୟାନନୁସାରେ, ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ଐତିହାସିକ ଓ ବିଶ୍ୱ ପ୍ରସିଦ୍ଧ ବିଗ୍ ସାହି ଡେଗ୍ ପକ୍ଷରୁ ୪ହଜାର କିଲୋର 'ଲଙ୍ଗର' ପ୍ରସ୍ତୁତ ହେବ। ଏହି ଶାକାହାରି ଭୋଜନରେ ଅର୍ଣ୍ଣ ସହ ସୁଦ୍ଧ ଘିଅ ଓ ଇଝିଲା ମୈବା ସାମିଲ୍ ରହିବ।



## ଖାଲିଦା ଜିଆ ଅସୁସ୍ଥ, ହସ୍ପିଟାଲରେ ଭର୍ତ୍ତି

ଢାକା, ୧୨।୯: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କୁ ଗୁରୁବାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୭୯ ବର୍ଷିୟ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ଅଧ୍ୟକ୍ଷ ଗୁଲଶାନସ୍ଥିତ ବାସଭବନରୁ ସକାଳ ପ୍ରାୟ ୧ଟା ୪୦ରେ ଏଭରକେୟାର ହସ୍ପିଟାଲରେ ପହଞ୍ଚିଥିଲେ। ବିଏନପି ମିଡିଆ ସେଲ ସଦସ୍ୟ ସାୟରୁଲ କବୀର ଖାନ ଏହି ସୂଚନା ଦେଇଛନ୍ତି। ତାଙ୍କର ଚିକିତ୍ସକ ପ୍ରଫେସର ଏଜିଏମ ଜାହିଦ ହୁସେନ କହିଛନ୍ତି ଯେ ମେଡିକାଲ ବୋର୍ଡ ତାଙ୍କୁ କିଛି ପରୀକ୍ଷା ଦେବାକୁ କହିଛି। ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ତାଙ୍କୁ ଏକ ଘରୋଇ କ୍ୟାବିନରେ ରଖାଯାଇଛି। ଟେଷ୍ଟ ରିପୋର୍ଟ ସମୀକ୍ଷା କରିବା ପରେ ତାଙ୍କର ଚିକିତ୍ସା ତାରିଖ ସ୍ଥିର କରାଯିବ ବୋଲି ଡାକ୍ତର କହିଛନ୍ତି। ଅଗଷ୍ଟ ୨୧ ରେ, ଖାଲିଦା ଜିଆ ୪୬ ଦିନର ଚିକିତ୍ସା ପରେ ଘରକୁ ଫେରିଥିଲେ। ସୂଚନାଯୋଗ୍ୟ, ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଗତ ପାଞ୍ଚ ବର୍ଷ ଧରି ନଜରବନ୍ଦୀ ଥିଲେ। ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଚଳିତ ବର୍ଷ ଅଗଷ୍ଟ ୬ରେ ମୁକ୍ତ କରାଯାଇଥିଲା।

# ଅଚିହ୍ନା ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାର

ଲକ୍ଷ୍ନୌ, ୧୨।୯: ଉତ୍ତରପ୍ରଦେଶ କାନପୁର ଗୁଜୈନିରେ ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ଅଚିହ୍ନା ମହିଳାଙ୍କ ମୁଣ୍ଡ ବିହୀନ ଶବ ମିଳିଛି। ମହିଳା ଜଣକ ସମ୍ପୂର୍ଣ୍ଣ ବିବସ୍ତ୍ର ଥିଲେ। ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ହତ୍ୟା ପରେ ତାଙ୍କ ଶବକୁ ହତ୍ୟାକାରୀ ରାସ୍ତାରେ ଫିଙ୍ଗି ଦେଇଥାଇପାରନ୍ତି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ମହିଳାଙ୍କ ପରିଚୟ ପାଇବାରେ ସମର୍ଥ ହୋଇନାହିଁ କିମ୍ବା ହତ୍ୟା ରହସ୍ୟ ଉନ୍ମୋଚନରେ ସକ୍ଷମ ହୋଇନାହିଁ। ଏହି ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ଏବଂ ବିରୋଧୀ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସମାଜବାଦୀ ପାର୍ଟୀ ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ ପାଇଁ ପୋଲିସ ୩ଟି ଟିମ ଗଠନ କରିଛି। ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜକୁ ପୋଲିସ ଯାଞ୍ଚ କରି ମହିଳାଙ୍କ ପରିଚୟ ଜାଣିବାକୁ ପ୍ରୟାସ କରୁଛି। ହତ୍ୟାକାରୀକୁ ଧରିବା ଲାଗି ମହିଳାଙ୍କ ପରିଚୟ ପ୍ରଥମେ ଜାଣିବା ନିହାତି ଜରୁରୀ ବୋଲି ପୋଲିସ କହିଛି। ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜିଲ୍ଲାର କୌଣସି ଥାନାରେ କୌଣସି ମହିଳା ନିଖୋଜ ସମ୍ପର୍କିତ ଅଭିଯୋଗ ନାହିଁ। ଫୋରେନସିକ ଟିମ ପକ୍ଷରୁ ମହିଳାଙ୍କ ହାଡ଼ ଏବଂ ଦାନ୍ତ ସଂଗ୍ରହ କରାଯାଇ ଏହାକୁ ଟେଷ୍ଟ ପାଇଁ ଲ୍ୟାବକୁ ପଠାଯାଇଛି।

## ଥମୁନି ଗଧିଆ ଆତଙ୍କ
# ପୁଣି ଜଣେ ମହିଳା ଲହୁଲୁହାଣ

**ଲକ୍ଷ୍ନୌ, ୧୨।୯:** ପ୍ରଦେଶ ବାହରାଇଚ୍‌ରେ ବାହାରେ ବୁଲୁଥିବା ଏକମାତ୍ର ଗଧିଆ ଅଧିକ ଆକ୍ରାମକ ହୋଇ ଉଠିଛି। ଏଯାବତ ବନ ବିଭାଗ ୫ଟି ଗଧିଆଙ୍କୁ କାବୁ କରି ସାରିଥିବା ବେଳେ ସେମାନଙ୍କ ସର୍ଦ୍ଦାର ଛୋଟା ଗଧିଆଟି ଭୟଙ୍କର ହୋଇଉଠିଛି। ଗତ ୨ ଦିନ ମଧ୍ୟରେ ସର୍ଦ୍ଦାର ଗଧିଆଟି ୩ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଛି। ସେମାନଙ୍କ ମଧ୍ୟରେ ଦୁଇ ନାବାଳିକା ଓ ଜଣେ ମହିଳା ଅଛନ୍ତି। ବାହରାଇଚ୍‌ର ମହସୀ ଅଞ୍ଚଳରେ ଗଧିଆଟି ଆତଙ୍କ ଖେଳାଇ ରଖିଛି। ଗତ ୧୦ ତାରିଖରେ ବନ ବିଭାଗ ପଞ୍ଚମ ଗଧିଆକୁ ଧରିଥିଲେ। ଏହାପରେ ବାହାରେ ରହି ଯାଇଥିବା ଏକମାତ୍ର ଗଧିଆ ଉତ୍ତ୍ୟକ୍ତ ହେବା ସହ ଭୟଙ୍କର ହୋଇ ଉଠିଛି। ଗତକାଲି ରାତିରେ ଗଧିଆଟି ଜଣେ ମହିଳାଙ୍କୁ ଆକ୍ରମଣ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତୁରନ୍ତ ଗଧିଆ କବଳରୁ ତାଙ୍କୁ ରକ୍ଷା କରିଥିଲେ। ଏହାପରେ ତୁରନ୍ତ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହାପୂର୍ବରୁ ଗଧିଆ ଆକ୍ରମଣରେ ୨ ନାବାଳିକା ଗୁରୁତର ହୋଇ ଏବେବି ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ଏବେ ସୁଦ୍ଧା ବାହରାଇଚ୍‌ରେ ଗଧିଆ ଆକ୍ରମଣରେ ୮ ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଜଣ ଗୁରୁତର ଆହତ ହୋଇଛନ୍ତି।



# ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରୁ ମିଳିଲା ସନ୍ଦିଗ୍ଧ ବ୍ୟାଗ

**କୋଲକାତା, ୧୨।୯:** ପୁଣି ଚର୍ଚ୍ଚାରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ। ଏଠାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାକୁ ନେଇ ତମ୍ବିତୋଫାନ ଲାଗି ରହିଥିବା ବେଳେ ଆଜି ଏହାର ପରିସରରୁ ମିଳିଛି ଗୋଟିଏ ସନ୍ଦିଗ୍ଧ ବ୍ୟାଗ।

ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ଡାକ୍ତରମାନେ ଯେଉଁ ସ୍ଥାନରେ ବିକ୍ଷୋଭ କରୁଥିଲେ, ସେଠାରୁ ସନ୍ଦେହଜନକ ଅବସ୍ଥାରେ ବ୍ୟାଗକୁ ଠାବ କରାଯାଇଛି। ଗୋଟିଏ ବେଞ୍ଚ ଉପରେ ଏହା ରହିଥିବା ଜଣାପଡ଼ିବା ପରେ ଆତଙ୍କ ଖେଳି ଯାଇଛି। ଏଥିରେ ବୋମା ଥିବା ଆଶଙ୍କାରେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି। ଅଧିକାରୀମାନଙ୍କ ସୂଚନା ଅନୁଯାୟୀ, ସନ୍ଦେହଜନକ ଅବସ୍ଥାରେ ବ୍ୟାଗ ମିଳିବା ପରେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଟିମ ଓ ଡଗ ସ୍କ୍ୱାଡକୁ ମଧ୍ୟ ପହଞ୍ଚିଛନ୍ତି। ବର୍ତ୍ତମାନ ଯାଞ୍ଚ ଚାଲିଛି। ତେବେ ଅଧିକାରୀ ଜଣଙ୍କ ବ୍ୟାଗ ଭିତରୁ କ'ଣ ମିଳିଛି, ସେକଥା କହି ନାହାନ୍ତି। ତେବେ ସନ୍ଦିଗ୍ଧ ବ୍ୟାଗଟି ମିଳିଥିବା ସ୍ଥାନ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ସେଠାରେ ପୂର୍ବରୁ ଆନ୍ଦୋଳନ ହେଉଥିଲା। କିନ୍ତୁ ଏବେ ସେଠାରେ କୌଣସି ପ୍ରକାରର ଆନ୍ଦୋଳନ ହେଉ ନଥିଲା। କାରଣ ଅଗଷ୍ଟ ୯ ତାରିଖ ହରର ବିରୋଧରେ ଜୁନିୟର ଡାକ୍ତରମାନେ କରୁଥିବା ବିକ୍ଷୋଭ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗ ଅଫିସ ସାମ୍ନାରେ ଚାଲିଛି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଭବନ ବାହାରେ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ଜୁନିୟର ଡାକ୍ତରମାନେ ଆନ୍ଦୋଳନ କରୁଥିବାରୁ ପଶ୍ଚିମବଙ୍ଗ ସରକାର ସେମାନଙ୍କୁ ଆଲୋଚନାକୁ ଡାକିଛନ୍ତି। ତେବେ ଏଯାଏ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଆରମ୍ଭ ହୋଇନାହିଁ। ସମ୍ଭବତଃ ଆଜି ସନ୍ଧ୍ୟାରେ ଆଲୋଚନା ହୋଇପାରେ।

# ଭୁଶୁଡ଼ି ପଡ଼ିଲା ୪୦୦ ବର୍ଷ ପୁରୁଣା ଦୁର୍ଗର ପାଚେରୀ




ମୁମ୍ବାଇ, ୧୨।୯: ମଧ୍ୟପ୍ରଦେଶର ଦାତିଆ ଜିଲ୍ଲାରେ ଘଟିଛି ବଡ଼ ଅଘଟଣ। ଏଠାରେ ଥିବା ୪୦୦ ବର୍ଷ ପୁରୁଣା ଦୁର୍ଗର ପାଚେରୀ ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ପାଚେରୀ ନିକଟରେ ଘର କରି ରହୁଥିବା ଗୋଟିଏ ପରିବାରର ସବୁ କିଛି ଉଜିଡ଼ି ଯାଇଛି। ସେମାନଙ୍କ ଘର ମାଟିରେ ମିଶି ଯାଇଥିବା ବେଳେ ଧ୍ୱଂସାବଶେଷ ତଳୁ ପରିବାରର ୭ ଜଣଙ୍କ ମୃତଦେହ ମିଳିଛି।

ସେହିପରି ଧ୍ୱଂସାବଶେଷ ତଳୁ ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂରା ଘଟଣା ଆଜି ଭୋର ୩.୩୦ରେ ଘଟିଥିଲା। ଦୀର୍ଘ ୭ ଘଣ୍ଟା କାଳ ଉଦ୍ଧାରକାରୀ ଟିମ ଅକ୍ଳାନ୍ତ ପରିଶ୍ରମ କରି ଧ୍ୱଂସାବଶେଷ ତଳୁ ମଧ୍ୟାହ୍ନ ସୁଦ୍ଧା ୭ ଜଣଙ୍କ ମୃତଦେହ ବାହାର କରିଛନ୍ତି। ସୂତ୍ର ଅନୁସାରେ, ପଡ଼ୋଶୀମାନେ ହିଁ ଧ୍ୱଂସାବଶେଷ ତଳୁ ୨ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ।

## ଗୋଟିଏ ପରିବାରର ୭ ମୃତ

ଉଦ୍ଧାରକାରୀ ଦଳ ଘଟଣାର ପ୍ରାୟ ୧ ଘଣ୍ଟା ପରେ ଆସିଥିଲେ। ସେମାନେ ଦିନ ୧୨ଟା ସୁଦ୍ଧା ୫ ଜଣଙ୍କ ମୃତଦେହକୁ ଧ୍ୱଂସାବଶେଷ ତଳୁ ବାହାର କରିଥିଲେ। ଏହାପରେ ଆଉ ୨ ଜଣଙ୍କ ମୃତଦେହ ମିଳିଛି। ତେବେ ପାଚେରୀ ଭୁଶୁଡ଼ିବା ଯୋଗୁ ହୋଇଥିବା ଶବ୍ଦ ଶୁଣି ପଡ଼ୋଶୀମାନେ ହିଁ ପ୍ରଥମେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଦତିଆ ବିଧାୟକ ରାଜେନ୍ଦ୍ର ଭାରିତୀ ଜିଲ୍ଲା ପ୍ରଶାସନକୁ ସମାଲୋଚନା କରିବା ସହ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଓ ଆହତଙ୍କ ପାଇଁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ତୁରନ୍ତ ରିଲିଜ କରିବାକୁ କହିଛନ୍ତି।

# ଟ୍ରେନି ଆର୍ମି ଅଧିକାରୀଙ୍କୁ ଲୁଟ୍, ବାନ୍ଧବୀଙ୍କୁ ଗଣଦୁଷ୍କର୍ମ

**ମୁମ୍ବାଇ, ୧୨।୯:** ବନ୍ଧୁକ ମୁନରେ ଦୁଇଜଣ ଯୁବ ସେନା ଅଧିକାରୀଙ୍କୁ ଲୁଟ୍ ପରେ ସେମାନଙ୍କ ବାନ୍ଧବୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି ଏହି ଘଟଣା।

ସୂଚନା ଅନୁସାରେ, ଇନ୍ଦୋର ନିକଟସ୍ଥ ମହୋ ଆର୍ମି କଲେଜରେ ଟ୍ରେନିଂ ନେଉଥିବା ଦୁଇ ଅଧିକାରୀ ଦୁଇ ଜଣ ବାନ୍ଧବୀଙ୍କ ସହ ଛୋଟି ଜାମକୁ ପିକିନକ କରିବାକୁ ଯାଇଥିଲେ। ଏହି ସମୟରେ ଆଠ ଜଣ ଦୁର୍ବୃତ୍ତ ସେମାନଙ୍କ ଗାଡ଼ି ଉପରେ ହମଲା କରିବା ସହ ବନ୍ଧୁକ ଏବଂ ଛୁରୀ ଦେଖାଇ ଭୟଭୀତ କରିଥିଲେ। ଏପରିକି ସେମାନଙ୍କୁ ମାଡ଼ ମାରି ଅନ୍ୟ ଏକ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷ ଦେବାକୁ ବାଧ୍ୟ କରିଥିଲେ। ଜଣେ ଯୁବକ ଏବଂ ଯୁବତୀ ୧୦ ଲକ୍ଷ ଟଙ୍କା ଦେବାରୁ ସେମାନଙ୍କୁ ଛାଡ଼ି ଦେଇଥିଲେ। ଉଭୟ ତୁରନ୍ତ ୟୁନିଟକୁ ଫେରି କମାଣ୍ଡିଂ ଅଫିସରଙ୍କୁ ଜଣାଇଥିଲେ। ସେମାନେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଜଣେ ଯୁବକ ଏବଂ ଯୁବତୀଙ୍କୁ ଉଦ୍ଧାର କରିଛି। ସମସ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଜଣେ ଯୁବତୀ ଦୁଷ୍କର୍ମର ଶିକାର ହୋଇଥିବା ଜଣାପଡ଼ିଛି। ସେପଟେ ପୁଲିସ ଗାଡ଼ି ଦେଖି ଫେରାର୍ ହୋଇ ଯାଇଥିବା ଦୁର୍ବୃତ୍ତଙ୍କ ମଧ୍ୟରୁ ପୁଲିସ ୨ ଜଣଙ୍କୁ ଗିରଫ କରିଛି।



# ଇଡି ସ୍କାନରରେ ସନ୍ଦୀପ ଘୋଷ, ଆଜି ୪ଟି ସ୍ଥାନରେ ରେଡ୍

କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆର୍ଥିକ ହେରଫେର ଅଭିଯୋଗରେ ବନ୍ଧା ହୋଇଥିବା ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷ ଏବେ ଇଡି ସ୍କାନରରେ। ଇଡି ପକ୍ଷରୁ ଆଜି ସନ୍ଦୀପ ଘୋଷଙ୍କ ଘର ସମେତ ସମୁଦାୟ ୪ଟି ଜାଗାରେ ଚଢ଼ାଉ କରାଯାଇଛି। ସେଥିମଧ୍ୟରୁ ଦୁଇଟି ସ୍ଥାନ ସନ୍ଦୀପ ଘୋଷଙ୍କ ସମ୍ପର୍କୀୟଙ୍କର ବୋଲି ଜଣାଯାଇଛି। ଏହାବାଦ ଜଣେ ମେଡିକାଲ ଉପକରଣ ବିକ୍ରେତାଙ୍କ କାର୍ଯ୍ୟାଳୟ ଓ ଘର ଉପରେ ଚଢ଼ାଉ କରାଯାଇଛି।

ସନ୍ଦୀପ ଘୋଷଙ୍କ ନାଁରେ ପୂର୍ବରୁ ହସ୍ପିଟାଲରେ ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୂର୍ବରୁ ଇଡି ବିଭିନ୍ନ ସ୍ଥାନରେ ରେଡ କରି ସାରିଥିବା ବେଳେ ଆଜି ସନ୍ଦୀପ ଘୋଷଙ୍କ ପିତାଙ୍କ ଘର ସମେତ ୪ ଜାଗାରେ ରେଡ କରିଛି।

ଆଜି କୋଲକାତା ଚିନ୍ନାର ପାର୍କ ସ୍ଥିତ ସନ୍ଦୀପଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ାଉ କରିଛି। ସନ୍ଦୀପଙ୍କ ବାପା ସତ୍ୟ ପ୍ରକାଶ ଘୋଷଙ୍କ ବାସଭବନରେ ଇଡି ସର୍ଚ୍ଚ ଅପରେସନ ଚଳାଇଛି। ଏହାବାଦ ସନ୍ଦୀପଙ୍କ ସହଯୋଗୀ କୁହାଯାଉଥିବା ଜଣେ ବ୍ୟବସାୟୀଙ୍କ ଘରେ ବି ଇଡି ରେଡ୍ କରିଛି। ସଂପୃକ୍ତ ବ୍ୟବସାୟୀ ଜଣକ ଆର.ଜି କର ମେଡିକାଲରେ ବିଭିନ୍ନ ଟେଣ୍ଡର ସହ ସଂପୃକ୍ତ ଥିବା ଜଣାପଡ଼ିଛି।

ଗତ ୬ ତାରିଖରେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସନ୍ଦୀପଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ରେଡ୍ କରିଥିଲା। ଚଢ଼ାଉ ବେଳେ ଅନେକ ଡିଜିଟାଲ ପ୍ରମାଣ ଇଡି ହାତରେ ଲାଗିଥିବା କୁହାଯାଉଛି।

## ୱାୟନାଡ ଭୂସ୍ଖଳନରେ ଭାସି ଯାଇଥିଲା ପରିବାର
# ଏବେ ଚାଲିଗଲେ ଭାବି ସ୍ୱାମୀ



ନୂଆଦିଲ୍ଲୀ, ୧୨।୯: ଦୁଃଖ ଯେତେବେଳେ ଆସେ ସାଥିରେ ଭାଇବନ୍ଧୁଙ୍କୁ ବି ଆଣିଥାଏ। ଜଣଙ୍କ ଉପରେ ଦୁଃଖର ପାହାଡ଼ ଲଦି ହୋଇଥିବା ବେଳେ ପୁଣି ଥରେ ମିଳେ ସାଂଘାତିକ ଝଟକା। ଛାରଖାର ହୋଇଯାଏ ସବୁ କିଛି, ଉଜୁଡ଼ିଯାଏ ହସଖୁସିର ସଂସାର। ଭାଗ୍ୟର କୁଠାରଘାତ ଆଗରେ ସବୁକିଛି ଅନ୍ଧକାର ଲାଗେ, ସ୍ୱପ୍ନ ଦେଖିବାକୁ ବି ଡର ଲାଗେ। ଏପରି ଦୁଃଖର ପାହାଡ଼ ତଳେ ଚାପି ହୋଇ ଯାଇଛନ୍ତି କେରଳର ୨୪ ବର୍ଷୀୟା ଶ୍ରୁତି। କେରଳ ୱାୟନାଡ଼ରେ ହୋଇଥିବା ଭୟଙ୍କର ଭୂସ୍ଖଳନରେ ଶ୍ରୁତି ନିଜର ସମସ୍ତ ପରିବାର ସଦସ୍ୟଙ୍କୁ ହରାଇଥିବା ବେଳେ ଏବେ ଏକ ଦୁର୍ଘଟଣାରେ ତାଙ୍କ ଭାବି ସ୍ୱାମୀଙ୍କୁ ହରାଇଛନ୍ତି। କେରଳ ୱାୟନାଡରେ ହୋଇଥିବା ଭୟଙ୍କର ଭୂସ୍ଖଳନରେ ଶ୍ରୁତି ନିଜ ପୂରା ପରିବାରକୁ ହରାଇଥିଲେ। କାଳର କରାଳ ଆଗରେ ଛାରଖାର ହୋଇଗଲା ତାଙ୍କ ପୂରା ପରିବାର। ପରିବାରର ୯ ସଦସ୍ୟ ପ୍ରଳୟଙ୍କାରୀ ଭୂସ୍ଖଳନରେ ଆଖି ବୁଜିଥିଲେ। ଏତେ ବଡ଼ ଦୁନିଆରେ ଶ୍ରୁତି ପୂରା ଏକା ହୋଇ ଯାଇଥିବା ବେଳେ ତାଙ୍କୁ ସାହାରା ଦେଇଥିଲେ ଜେନ୍ସନ। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ହେଲା ପ୍ରେମ ସମ୍ପର୍କ ଥିବା ବେଳେ ଆସନ୍ତା ଡିସେମ୍ବରରେ ଉଭୟ ବେଶ୍ ଧୁମଧାମରେ ବିବାହ କରିଥାନ୍ତେ। ମାତ୍ର ପରିବାରର ସମସ୍ତେ ଚାଲିଯିବା ପରେ ଚଳିତ ମାସ ସେମାନେ କୋର୍ଟ ମ୍ୟାରେଜ କରିବାକୁ ସ୍ଥିର କରିଥିଲେ। ମାତ୍ର ଭଗବାନ ଶ୍ରୁତିଙ୍କ ଖୁସି ସହି ପାରିଲେନି। ଏକ ଦୁର୍ଘଟଣାରେ ଆଖି ବୁଜିଛନ୍ତି ଜେନ୍ସନ। ଫଳରେ ଏତେ ବଡ଼ ଦୁନିଆରେ ସମ୍ପୂର୍ଣ୍ଣ ଏକାକୀ ହୋଇ ପଡ଼ିଛନ୍ତି ଶ୍ରୁତି। ଗତକାଲି ଶ୍ରୁତି ଓ ଜେନ୍ସନ ନିଜର କିଛି ସମ୍ପର୍କୀୟଙ୍କ ସହ ଯାଉଥିବା ବେଳେ ସେମାନଙ୍କ କାର୍‌କୁ ଏକ ଟ୍ରକ୍ ପିଟିଥିଲା। ଏହି ଦୁର୍ଘଟଣାରେ ଅନ୍ୟମାନେ ଆହତ ହୋଇଥିବା ବେଳେ ଜେନ୍ସନଙ୍କ ଅବସ୍ଥା ଗୁରୁତର ଥିଲା। ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ମାତ୍ର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ଜେନ୍ସନଙ୍କ ମୃତ୍ୟୁ ଘଟିଥିଲା। ଜେନ୍ସନଙ୍କ ମୃତ୍ୟୁକୁ ଶ୍ରୁତି ବିଶ୍ୱାସ କରୁ ନ ଥିବା ବେଳେ ତାଙ୍କୁ ଗଭୀର ମାନସିକ ଆଘାତ ଲାଗିଛି। ଏପରି ସମୟରେ କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଶ୍ରୁତିଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ହୋଇଥିବା କ୍ଷତିର କେହି ବି ଭରଣା କରିପାରିବେନି। କିନ୍ତୁ ଏହି ରାଜ୍ୟବାସୀ ଏପରି ଦୁଃଖ ସମୟରେ ଆପଣଙ୍କ ସହ ଛିଡ଼ା ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୁତିଙ୍କୁ ଆଶ୍ୱାସନା ଦେଇଛନ୍ତି।

### ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ଭାରତର କ୍ରମାଗତ ଚତୁର୍ଥ ବିଜୟ

## ୧-୩ରେ ହାରିଲା ଦକ୍ଷିଣ କୋରିଆ






ହୁଲୁନବୁଇର (ଚୀନ୍), ୧୨।୯: ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ହିରୋ ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଗୁରୁବାର କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଅଧିନାୟକ ହରମନପ୍ରୀତ ସିଂହଙ୍କ ଦୁଇ ଓ ପ୍ରତିଭାଶାଳୀ ଷ୍ଟ୍ରାଇକର୍ ଅରାଇଜିତ୍ ସିଂହ ହୁଣ୍ଡାଲଙ୍କ ଗୋଟିଏ ଗୋଲ୍ ବଳରେ ଟିମ୍ ୩-୧ରେ ଦକ୍ଷିଣ କୋରିଆକୁ ମାତ୍ ଦେଇଛି।

ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛି ଏବଂ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହା ପୂର୍ବରୁ ହରମନପ୍ରୀତଙ୍କ ଟିମ୍ ମାଲେସିଆକୁ ୮-୧, ଜାପାନକୁ ୫-୧ ଓ ଆୟୋଜକ ଚୀନ୍‌କୁ ୩-୦ରେ ହରାଇଥିଲା। ଟୁର୍ଣ୍ଣାମେଣ୍ଟରେ ଛଅ ଟିମ୍ ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ଖେଳୁଛନ୍ତି। ଶୀର୍ଷ ଚାରି ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କରିବେ, ଯାହା ସେପ୍ଟେମ୍ବର ୧୬ରେ ଆୟୋଜିତ ହେବ। ୧୭ରେ ଫାଇନାଲ୍ ମୁକାବିଲା ଖେଳାଯିବ।

ଏବେ ପଏଣ୍ଟ ଟେବୁଲ୍‌ରେ ଭାରତ ୧୨ ପଏଣ୍ଟ ସହ ସର୍ବାଗ୍ରେ ରହିଛି। ପାକିସ୍ତାନ ତିନି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ୫, ଦକ୍ଷିଣ କୋରିଆ ଚାରି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ୫, ମାଲେସିଆ ଚାରି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ୪, ଚୀନ୍ ତିନି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ୩ ଓ ଜାପାନ ଚାରି ମ୍ୟାଚ୍‌ରୁ ୧ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟରୁ ଷଷ୍ଠ ସ୍ଥାନ ମଧ୍ୟରେ ରହିଛନ୍ତି।

ଭାରତୀୟ ଟିମ୍ କୋରିଆ ଠାରୁ ଟୁର୍ଣ୍ଣାମେଣ୍ଟର ପ୍ରଥମ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହୋଇଥିଲା, ଯିଏ ଚାରି ଥର ବିଜେତାକୁ କଡ଼ା ଚାଲେଞ୍ଜ ଦେଇଥିଲା। ମ୍ୟାଚ୍‌ର ଅଷ୍ଟମ ମିନିଟ୍‌ରେ ଅରାଇଜିତ୍ ଭାରତକୁ ଅଗ୍ରଣୀ କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ହରମନପ୍ରୀତ (ନବମ ମିନିଟ୍) ଏକ ନୋଲ୍ଟି କର୍ଣ୍ଣର୍‌ରୁ ଗୋଲ୍ ଦେଇ ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ଦ୍ୱିତୀୟ କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ରହିଥିଲା। ୩୦ତମ ମିନିଟ୍‌ରେ ଜିହୁନ ୟାଙ୍ଗ୍ ଏକ ପିସିକୁ ଗୋଲ୍‌ରେ ପରିଣତ କରି ସ୍କୋର୍ ବ୍ୟବଧାନ ହ୍ରାସ କରିଥିଲେ। ମଧ୍ୟାନ୍ତର ସୁଦ୍ଧା ଭାରତ ୨-୧ରେ ଆଗରେ ଥିଲା।

ପାର୍ଶ୍ୱ ପରିବର୍ତ୍ତନ ପରେ ହରମନପ୍ରୀତ ସିଂହ ୪୩ତମ ମିନିଟ୍‌ରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେବା ଫଳରେ ଭାରତ (୩-୧) ପୁଣି ଦୁଇ ଗୋଲ୍ ବ୍ୟବଧାନରେ ଆଗରେ ରହିଥିଲା। ଏହି ସ୍କୋର୍ ନିର୍ଣ୍ଣାୟକ ହୋଇଥିଲା। ଅନ୍ତିମ କ୍ୱାର୍ଟର୍‌ରେ କେହି କାହାରି ବିପକ୍ଷରେ ଗୋଲ୍ କରିପାରି ନ ଥିଲେ।



### ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ଟେଷ୍ଟ

## ଚତୁର୍ଥ ଦିନର ଖେଳ ବି ବାତିଲ୍

**ନୋଏଡ଼ା, ୧୨।୯:** ଗ୍ରେଟର୍ ନୋଏଡ଼ା ଠାରେ ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ବି ଖେଳ ସମ୍ଭବ ହୋଇପାରି ନାହିଁ। ଗୁରୁବାର ସକାଳୁ ଏନ୍‌ସିଆର୍, ଗ୍ରେଟର୍ ନୋଏଡ଼ା ସମେତ ଦିଲ୍ଲୀର କେତେକ ସ୍ଥାନରେ ବି ବର୍ଷା ହୋଇଛି। ଷ୍ଟାଡିୟମ୍ ପଡ଼ିଆର ବିଭିନ୍ନ ସ୍ଥାନରେ ପାଣି ଜମିରହିଛି। ଏହି କାରଣରୁ ଅମ୍ପାୟାର୍‌ମାନେ ଚତୁର୍ଥ ଦିନର ଖେଳକୁ ବି ବାତିଲ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଯଦି ଆକାଶ ସଫା ରହେ, ତା’ ହେଲେ ଶୁକ୍ରବାର ସକାଳେ ପୁଣି ଥରେ ଗ୍ରାଉଣ୍ଡକୁ ପରିଦର୍ଶନ କରାଯିବ। ତେବେ ପଞ୍ଚମ ଦିନ ମଧ୍ୟ ଖେଳ ହେବାର ସମ୍ଭାବନା କମ୍। କିଛି ଦିନ ଯାଏଁ ପଡ଼ିଆକୁ ଶୁଖାଇବା କଷ୍ଟ ବୋଲି କୁହାଯାଉଛି। ମ୍ୟାଚ୍‌ରେ ଏ ଯାବତ୍ ଟସ୍ ବି ପଡ଼ିପାରି ନାହିଁ। ବର୍ଷା ଓ ଓଦା ଆଉଟ୍‌ଫିଲ୍ଡ ଯୋଗୁଁ ପ୍ରଥମ ତିନି ଦିନର ଖେଳକୁ ବି ବାତିଲ୍ କରିବାକୁ ପଡ଼ିଥିଲା।

### ଦୁଲୀପ ଟ୍ରଫି କ୍ରିକେଟ

## ଇଶାନ କିଶନଙ୍କ ଶତକ

**ଅନନ୍ତପୁର, ୧୨।୯:** ଏଠାରେ ଚାଲିଥିବା ଦୁଲୀପ ଟ୍ରଫି କ୍ରିକେଟର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚରେ ଇଶାନ କିଶନଙ୍କ ଶତକ ବଳରେ ଇଣ୍ଡିଆ-ବି ବିପକ୍ଷରେ ଇଣ୍ଡିଆ-ସି ଏହାର ପ୍ରଥମ ଇନିଂସରେ ବିଶାଳ ରନ ସଂଗ୍ରହ ଦିଗରେ ଗତି କରୁଛି। ଏହି ଖବର ଲେଖାଯିବା ବେଳକୁ ଇଣ୍ଡିଆ ସି’ ୩ ୱିକେଟ ହରାଇ ୨୮୪ ରନ ସଂଗ୍ରହ କରିଛି। ଇଶାନ କିଷନ ୧୨୬ ବଲରେ ୧୪ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୧୧୧ ରନ କରି ଆଉଟ ହୋଇଛନ୍ତି। ବାବା ଇନ୍ଦ୍ରଜିତ ୭୦ ରନ କରି ଅପରାଜିତ ରହିଥିବେଳେ ରୁତୁରାଗ ଗାଏକୱାଡ ୪ରନ, ସାଇ ସୁଦର୍ଶନ ୪୩ ଏବଂ ରଜତ ପଟ୍ଟିଦାର ୪୦ ରନ କରିଥିବା ବେଳେ ଇଣ୍ଡିଆ-ବି ପକ୍ଷରୁ ମୁକେଶ କୁମାର ୨ଟି ୱିକେଟ ଦଖଲ କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚରେ ପ୍ରଥମ ବ୍ୟାଟିଂ କରି ଇଣ୍ଡିଆ-ଏ’ପ ୮ ୱିକେଟ ହରାଇ ୨୭୮ ରନ ସଂଗ୍ରହ କରିଛି। ଇଣ୍ଡିଆ-ଡି ଟସ ଜିତି ପ୍ରତିପକ୍ଷ ଇଣ୍ଡିଆ-ଏକୁ ପ୍ରଥମେ ବ୍ୟାଟିଂ ପାଇଁ ସୁଯୋଗ ଦେଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ଶାମା ମୁଲାନି ଏବଂ ତନୁଷ କୋଟିଆ ଅର୍ଦ୍ଧ ଶତକ ହାସଲ କରି ଦଳକୁ ବିପଦ ମୁକ୍ତ କରିଥିଲେ। ମୁଲାନି ୮୬ ରନ କରି ବ୍ୟାଟିଂ ଜାରି ରକିଛନ୍ତି ଏବଂ ଏକ କୃତିତ୍ୱପୂର୍ଣ୍ଣ ଶତକ ଦିଗରେ ଅଗ୍ରସର ହେଉଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାପା ମା’ଙ୍କ...

ଥିବା ପିତାମାତାଙ୍କ ମୃତ୍ୟୁ ହେଲେ ତାଙ୍କ ଉପରେ ନିର୍ଭରଶୀଳ ଥିବା ବିବାହିତା ଝିଅ ଓ ସାବତ ଝିଅଙ୍କୁ ମଧ୍ୟ ଅନୁକମ୍ପାମୂଳକ ନିଯୁକ୍ତି ମିଳିବାର ମାର୍ଗ ପ୍ରଶସ୍ତ ହୋଇଛି ।

ଏହାବ୍ୟତୀତ ରାଜ୍ୟ କ୍ୟାବିନେଟ ଆଜି ଗୋପାଳପୁର ବନ୍ଦର ମାଲିକାନା ସତ୍ତ୍ୱ ହସ୍ତାନ୍ତର ଓ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରିଛନ୍ତି। ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରି ରାଜ୍ୟ କ୍ୟାବିନେଟ୍ ଶାପୁରଜୀ ପାଲୋଞ୍ଜି ପୋର୍ଟ ମେଂଟନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡରୁ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳ ଲିମିଟେଡ(ଏସଇଜେଡ) କୁ ଅଂଶଧନ ହସ୍ତାନ୍ତର ଓ ସଂଶୋଧିତ ରିହାତି ଚୁକ୍ତିନାମାକୁ ମଞ୍ଜୁର କରିଛନ୍ତି।

ଗୋପାଳପୁର ପୋର୍ଟସ୍ ଲିମିଟେଡରେ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ, ନେବୋଲ ଗ୍ରୁପ୍ ଓ ସାରା ଇଂଟରନ୍ୟାସନାଲର ଯଥାକ୍ରମେ ୩୪,୩୩ ଓ ୩୩ ପ୍ରତିଶତ ଲେଖାଏଁ ଅଂଶଧନ ଥିଲା । ୨୦୧୦ ଓ ୨୦୧୭ ମସିହାରେ ଏହି ବନ୍ଦରର ଅଂଶଧନରେ ପରିବର୍ତ୍ତନ ହୋଇଥିଲା ।

ତେବେ ପରେ ଏହି ଅଂଶଧନରେ ସଂଶୋଧନ ହୋଇଥିଲା । ଏହି ବନ୍ଦରର ବିକାଶ ତଥା ସମ୍ପ୍ରସାରଣ ନିମନ୍ତେ ଗୋପାଳପୁର ପୋର୍ଟସ ଲିମିଟେଡ ଏହାର ୯୫ ପ୍ରତିଶତ ଅଂଶଧନ ଆଦାନୀ ବନ୍ଦର ଓ ଏସଇଜେଡ୍‌କୁ ହସ୍ତାନ୍ତର ନିମନ୍ତେ ରାଜ୍ୟ ସରକାରଙ୍କ ସମ୍ମତି ମାଗିଥିଲେ। ଏହି ଅଂଶଧନରେ ୫୬ପ୍ରତିଶତ ଶାପୁରଜୀ ପାଲୋଞ୍ଜି ପୋର୍ଟ ମେଂଟନାନ୍ସ ଓ ୩୯ ପ୍ରତିଶତ ଓଡ଼ିଶା ଷ୍ଟିଭେଡର୍ସ ଲମିଟେଡର ରହିଥିଲା । ତେବେ ଏହି ଦୁଇ କମ୍ପାନୀର ସମସ୍ତ ଅଂଶଧନକୁ ଆଦାନୀ ବନ୍ଦର ଅଧିଗ୍ରହଣ କରିସାରିଛି ।

ସୂଚନାଯୋଗ୍ୟ ଏହି ଗୋପାଳପୁର ବନ୍ଦରକୁ ପିପିପି ମୋଡରେ ବିକାଶ ନିମନ୍ତେ ରାଜ୍ୟ ସରକାର ଗୋପାଳପୁର ପୋର୍ଟସ ଲିମିଟେଡକୁ ଏକ ଆନ୍ତର୍ଜାତିକ ପ୍ରତିଯୋଗିତାମୂଳକ ବିଡିଂ ପ୍ରକ୍ରିୟାରେ ଚୟନ କରାଯାଇଥିଲା

## ୨୦୨୯ରେ...

ପାଇଁ ମୋଦୀ ସରକାର ଗଠନ କରିବେ।

ନିକଟରେ ଶେଷ ହୋଇଥିବା ୨୦୨୪ ଲୋକସଭା ନିର୍ବାଚନରେ ଯେତେବେଳେ ବିଜେପି କିଛି ଆସନ ହରାଇଲା, ସେତେବେଳେ ବିଜେପିର ସାଧାରଣ କର୍ମକର୍ତ୍ତା ଆତଙ୍କିତ ଅବସ୍ଥାକୁ ଚାଲିଯାଇଥିଲେ, କିନ୍ତୁ ସଂଘ ଅବିଚଳିତ ରହି ଭବିଷ୍ୟତ ପାଇଁ ଯୋଜନା ଆରମ୍ଭ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସଂଘ ମିଳିତ ଭାବରେ ଏକ ମେଗା ପ୍ଲାନ୍ କରିଛନ୍ତି। ଯୋଜନାନୁସାରେ ଏବେଠାରୁ ସଂଗଠନ ଆରମ୍ଭ ହେବ। ମୋଦୀ ୨୦୨୯ ନିର୍ବାଚନରେ ମଧ୍ୟ ନେତୃତ୍ୱ ନେବେ।

କେରଳରେ ହୋଇଥିବା ବୈଠକରେ ସଂଘ ସହ ଜଡ଼ିତ ୩୨ଟି ସଂଗଠନର ୩୦୦ ଜଣ ଅଧିକାରୀ ଉପସ୍ଥିତ ଥିଲେ। ୨୦୨୯ ନିର୍ବାଚନ ପାଇଁ ଏହି ବୈଠକରୁ ୫ଟି ପଏଣ୍ଟ ବାହାରିଛି। ପ୍ରଥମେ ହିନ୍ଦୁ ଧର୍ମର ସମସ୍ତ ଜାତିରେ ପ୍ରବେଶ କରିବା, ଜାତି ଜନଗଣନା ପ୍ରସଙ୍ଗ, ଦ୍ୱିତୀୟ, କୁଟୁମ୍ବ ପ୍ରବନ୍ଧନ ମାଧ୍ୟମରେ ୩୦ କୋଟି ପରିବାରରେ ପହଞ୍ଚିବା, ତୃତୀୟ, ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣର ଶୀଘ୍ର କାର୍ଯ୍ୟକାରିତା, ଚତୁର୍ଥ, ବିଜେପି ସଂଘର ଛତ୍ରଛାୟା ତଳେ କାମ କରିବ ଏବଂ ପଞ୍ଚମ ସଂଘ ଓ ସରକାର ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ।

ଲୋକସଭା ନିର୍ବାଚନ ସମୟରେ ରାହୁଲ ଗାନ୍ଧି ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇ ବାରମ୍ବାର ଏହାକୁ ନେଇ ଚର୍ଚ୍ଚା କରୁଛନ୍ତି। ଜାତିଗତ ଜନଗଣନାକୁ ନେଇ ବିଜେପି ଖୋଲାଖୋଲି କିଛି କହିପାରିନଥିଲା, କିନ୍ତୁ ଏବେ ସଂଘ ବୈଠକରେ ଜାତିଗତ ଜନଗଣନା ପ୍ରସଙ୍ଗରେ ବିଜେପିର ଦ୍ୱନ୍ଦ୍ୱ ଦୂର କରିଛି।

ଜାତିଗତ ଜନଗଣନା ପ୍ରସଙ୍ଗକୁ ସମର୍ଥନ କରି ସଂଘ କହିଛି ଯେ ସଂଘ ଏହା ସପକ୍ଷରେ ଅଛି କିନ୍ତୁ ଏହାକୁ ନିର୍ବାଚନ ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ। ସଂଘ ଅନୁଯାୟୀ ଜାତିଗତ ଜନଗଣନାର ତଥ୍ୟ ସଂଘ ପାଖରେ ରହିଛି। ସରକାରୀ ତଥ୍ୟକୁ ଅପେକ୍ଷା କରାଯାଇଛି। ଜାତିଗତ ଜନଗଣନା ଜରିଆରେ ହିନ୍ଦୁମାନଙ୍କର ପ୍ରତ୍ୟେକ ଜାତି ପାଖରେ ବିଜେପି ସହଜରେ ପହଞ୍ଚିପାରିବ। ୨୦୨୯ ସୁଦ୍ଧା ହିନ୍ଦୁ ଧର୍ମ ଅନୁସରଣ କରୁଥିବା ପ୍ରତ୍ୟେକ ଜାତିରେ ପହଞ୍ଚିବା ଏବଂ ପ୍ରତ୍ୟେକ ଜାତିକୁ ପ୍ରତିନିଧିତ୍ୱ ଦେବା। ଲୋକସଭା ନିର୍ବାଚନରେ ଅଡୁଆ କରୁଥିବା ଏହି ପ୍ରସଙ୍ଗରେ ବିଜେପିର ଦ୍ୱନ୍ଦ୍ୱକୁ ସଂଘ ଏବେ ଶେଷ କରିଛି।

ଜାତିଗତ ଜନଗଣନା ପ୍ରସଙ୍ଗରେ ସରକାର କିପରି ଆଗକୁ କାମ କରିବେ ତାହା ସରକାରଙ୍କ ଅଦାଲତରେ ରହିଛି। ଜାତିଗତ ଜନଗଣନାକୁ ନେଇ ସମାଜରେ କୌଣସି ପ୍ରକାର ସଂଘର୍ଷ ହେବା ଉଚିତ ନୁହେଁ। ତେଣୁ ସଂଘ ଏଥିପାଇଁ ନୀତିଗତ ସହମତି ଦେଇଛି। ସଂଘ ସବୁଜ ସଙ୍କେତ ଦେବା ପରେ ଜାତିଗତ ଜନଗଣନା ପ୍ରସଙ୍ଗ ଇଣ୍ଡି ମେଣ୍ଟର ହାତ ବାହାରେ ରହିବ। ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଓବିସି ସମ୍ପ୍ରଦାୟରୁ ଆସିଛନ୍ତି, ଏଭଳି ପରିସ୍ଥିତିରେ ଯଦି ମୋଦୀ ସରକାର ଜାତିଗତ ଜନଗଣନା ଉପରେ ଆଗେଇ ଯାଆନ୍ତି ତେବେ ଏହା ଏକ ବଡ଼ ପଦକ୍ଷେପ ହେବ। ଫଳରେ ବିଜେପି ଜାତିଗତ ଜନଗଣନା କରି ହିନ୍ଦୁ ଜାତିଙ୍କ ନିକଟରେ ପହଞ୍ଚିବା ସହିତ ସଂଘ ମାଧ୍ୟମରେ ଦେଶରେ ବ୍ୟାପକଭାବେ ସାମିଲ ହେବ।

କୁଟୁମ୍ବ ପ୍ରବନ୍ଧନ ଅଭିଯାନ ମାଧ୍ୟମରେ ବିଜେପି ଲୋକଙ୍କ ସହ ଯୋଡ଼ି ହେବାକୁ ଯାଉଛି। ଏଥିପାଇଁ କୁଟୁମ୍ବ ପ୍ରବନ୍ଧନ ଅଭିଯାନକୁ ପୁଣିଥରେ ସକ୍ରିୟ କରାଯାଇଛି। ସଂଘ ୨୦୨୩ରେ କୁଟୁମ୍ବ ପ୍ରବନ୍ଧନ ଅଭିଯାନ ଆରମ୍ଭ କରିଥିଲା। ଏହି ଅଭିଯାନ ଜରିଆରେ ୧୯ କୋଟି ହିନ୍ଦୁ ପରିବାରକୁ ରାମ ମନ୍ଦିରକୁ ନିମନ୍ତ୍ରଣ କରାଯାଇଥିଲା। ଏବେ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସାରାଦେଶରେ ୩୦ କୋଟି ପରିବାର ପାଖରେ ପହଞ୍ଚିବା ପାଇଁ ସଂଘର ଲକ୍ଷ୍ୟ ଧାର୍ଯ୍ୟ କରିଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଥାଶୀଘ୍ର ମହିଳା ସଂରକ୍ଷଣ ଲାଗୁ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ସଂଘ ସହ ଜଡ଼ିତ ୩୦ରୁ ଅଧିକ ସଂଗଠନ ମହିଳାଙ୍କ ମଧ୍ୟରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ପାଖାପାଖି ୫୫ ଲକ୍ଷ ମହିଳାଙ୍କ ସହ ବୈଠକ ହୋଇଥିଲା। ଏହି ବୈଠକରେ ଲୋକସଭା ନିର୍ବାଚନ ମଣ୍ଡଳୀର ୧୦ ମହିଳା ଯୋଗ ଦେଇ ସମସ୍ତେ ମହିଳା ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ। ୨୦୨୯ ସୁଦ୍ଧା ଯଦି ୩୩ ପ୍ରତିଶତ ମହିଳା ସାଂସଦ ସଂସଦକୁ ଆସନ୍ତି, ତେବେ ଏକ ନୂଆ ଇତିହାସ ସୃଷ୍ଟି ହେବ ଏବଂ ବିଜେପି ୩୦ କୋଟି ଲୋକଙ୍କ ପାଖରେ ପହଞ୍ଚିବାର ଫାଇଦା ପାଇବ।

ସଂଘ ବୈଠକରେ ସମଗ୍ର ଫୋକସ୍ ୨୦୨୯ ଉପରେ ରହିଥିଲା ଯେଉଁଥିରେ ନରେନ୍ଦ୍ର ମୋଦୀ କେନ୍ଦ୍ରରେ ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ହିନ୍ଦୁତ୍ୱ ପ୍ରସଙ୍ଗରେ ଖୋଲାଖୋଲି ବକ୍ତବ୍ୟ ରଖିଛନ୍ତି ଏବଂ ସଂଘର ଭବିଷ୍ୟତ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ କେରଳରେ ତିନି ଦିନ ଧରି ସଂଘର ସମନ୍ୱୟ ବୈଠକରେ ସଂଘ ଏବଂ ସରକାର ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ ବୋଲି ସ୍ଥିର ହୋଇଛି।

## ଅବସର ପରେ...

ଜାରି ‘ସଂକଳ୍ପ’ରେ କୁହାଯାଇଛି, ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ବ୍ୟତିକ୍ରମ ପରିବର୍ତ୍ତେ ଏକ ନିୟମ ହୋଇଯାଇଥିବା ସରକାରଙ୍କ ନଜରକୁ ଆସିଛି। ଯଦି କୌଣସି ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଜରୁରୀ ହୁଏ ତା’ହେଲେ ଖୋଲା ବିଜ୍ଞାପନ କିମ୍ବା ସରକାରଙ୍କ ଦ୍ୱାରା ସ୍ଥିର କରାଯାଉଥିବା ପଦ୍ଧତି ଦ୍ୱାରା ବ୍ୟକ୍ତି ଚୟନ କରାଯିବ। ସମ୍ପୃକ୍ତ ପ୍ରଶାସନିକ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ନିମନ୍ତେ ପ୍ରସ୍ତାବ ଉପରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଥିବା ୪ଜଣିଆ ସଦସ୍ୟ(ଅତିରିକ୍ତ ମୁଖ୍ୟ ସଚିବ, ଅର୍ଥ ସଚିବ ଓ ସମ୍ପୃକ୍ତ ବିଭାଗୀୟ ସଚିବ) ନିଷ୍ପତ୍ତି ନେବେ । ବିଭାଗୀୟ ସଚିବଙ୍କୁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତିର ବାଧ୍ୟତାମୂଳକ କାରଣ ସମ୍ପର୍କରେ ସନ୍ତୁଷ୍ଟ କରାଇବାକୁ ପଡ଼ିବ । ସମସ୍ତ ପୁନଃନିଯୁକ୍ତି କେବଳ ବିରଳ କ୍ଷେତ୍ରରେ ବିଚାର କରାଯିବ ଓ ନିତିଦିନିଆ କାର୍ଯ୍ୟ ପାଇଁ ଏହା ହେବ ନାହିଁ ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି । ତା’ଛଡ଼ା ସମ୍ପୃକ୍ତ ବିଭାଗଗୁଡ଼ିକରେ ଏଭଳି ପୁନଃନିଯୁକ୍ତି ମଞ୍ଜୁରୀପ୍ରାପ୍ତ ଏସବି କ୍ୟାଡ଼ର ଓ ଉପରସ୍ତରର ୧ ପ୍ରତିଶତ ପଦବୀ ମଧ୍ୟରେ ସୀମିତ ରହିବ।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତା ବିଶିଷ୍ଟ କମିଟି ଯଦି ସମ୍ପୃକ୍ତ ବିଭାଗ ଦେଇଥିବା ଯଥାଥ କାରଣରେ ସନ୍ତୁଷ୍ଟ ହୁଅନ୍ତି ତା’ହେଲେ ସେହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯିବ । ଶାରୀରିକ ଫିଟ୍ ଥିବା ଅବସରପ୍ରାପ୍ତ କର୍ମଚାରୀ ପ୍ରଥମେ ଏକବର୍ଷ ପାଇଁ ପୁନଃନିଯୁକ୍ତି ପାଇବେ ଓ ତାଙ୍କର କାର୍ଯ୍ୟ ସନ୍ତୋଷଜନକ ହେଲେ ପରବର୍ତ୍ତୀ ସମୟରେ ପ୍ରତିବର୍ଷ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିହେବ । କୌଣସି ପରିସ୍ଥିତିରେ ସମ୍ପୃକ୍ତ କର୍ମଚାରୀଙ୍କ ବୟସ ୬୫ବର୍ଷରୁ ଅଧିକ ହୋଇ ନ ଥିବ କିମ୍ବା ସେ ଯେଉଁ ପଦବୀରେ ଥିବେ ତାହା ନିୟମିତ ପ୍ରକ୍ରିୟା ଦ୍ୱାରା ପୂରଣ ହୋଇନଥିବ। ଏଥିରୁ ଯାହା ଶୀଘ୍ର ସେହିପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀଙ୍କ କାର୍ଯ୍ୟକାଳ ରହିବ। ଏହି ପୁନଃନିଯୁକ୍ତି ପାଉଥିବା କର୍ମଚାରୀଙ୍କ ବିରୁଦ୍ଧରେ ମଧ୍ୟ ଓଡ଼ିଶା ପେନସନ ନିୟମ-୧୯୯୨ ଓ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ନିୟମ-୧୯୫୯ର ପ୍ରାବଧାନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ । ଏକମାସର ଲିଖିତ ନୋଟିସ୍ ଦେଇ ପୁନଃନିଯୁକ୍ତି ପାଇଥିବା କେହି କର୍ମଚାରୀ ଇସ୍ତଫା ଦେଇପାରିବ।

ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ସରକାରରେ ସରକାରୀ ଚାକିରିରୁ ଅବସର ନେଉଥିବା କର୍ମଚାରୀ ଓ ଅଫିସରମାନଙ୍କୁ ବ୍ୟାପକ ମାତ୍ରାରେ ପୁନଃନିଯୁକ୍ତି ଦିଆଯାଉଥିଲା । ଆଉ ନିୟମିତ ନିଯୁକ୍ତି ପ୍ରକ୍ରିୟାରେ ଶିଥିଳତା ଆସିଥିଲା । ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ନୂଆ ନିଯୁକ୍ତି ପାଇଁ ବିଶେଷ ଆଗ୍ରହ ବିଜେଡି ସରକାର ଦେଖାଉନଥିଲେ। ମାତ୍ର ଏବେ ମୋହନ ସରକାର ଖାଲି ପଡ଼ିଥିବା ପଦବୀକୁ ପୂରଣ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ ଅଙ୍କୁଶ ଲଗାଇଥିବାରୁ ଆଉ କର୍ମଚାରୀଙ୍କୁ ଥଇଥାନ କରିବା ସହଜ ହେବ ନାହିଁ ବୋଲି ଜଣାପଡ଼ିଛି।

## ଇସ୍ତଫା ଦେବାକୁ...

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘୋଷଣା କରିଛନ୍ତି। ଆର୍‌ଜି ମେଡିକାଲର ଜୁନିଅର ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାକୁ କେନ୍ଦ୍ର କରି ପ୍ରାୟ ଏକମାସ ହେଲା ଆନ୍ଦୋଳନ ଚଳାଇଥିବା ଜୁନିଅର୍ ଡାକ୍ତରମାନେ ଜିଦ୍‌ରେ ଅଟଳ ଅଛନ୍ତି। ବୁଧବାର ଠାରୁ ରାଜ୍ୟ ସରକାର ଆଲୋଚନା ପାଇଁ ଉଦ୍ୟମ କରୁଥିଲେ ସୁଦ୍ଧା ଡାକ୍ତରମାନେ ବିଭିନ୍ନ ସର୍ତ୍ତ ବାଢ଼ିଏଡ଼େଇ ଚାଲିଛନ୍ତି। ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନବନ୍ନାର ସଭାଗୃହରେ ସନ୍ଧ୍ୟାରେ ଆଲୋଚନା ଲାଗି ଧାର୍ଯ୍ୟ କରାଯାଇଥିଲା। ଡାକ୍ତରମାନେ ମଧ୍ୟ ରାଜି ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଆଲୋଚନାର ‘ଲାଇଭ୍ ଷ୍ଟ୍ରିମିଂ’ ପାଇଁ ଡାକ୍ତରମାନେ ଅଡ଼ି ବସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ରାଜି ହୋଇ ନ ଥିଲେ। ଫଳରେ ଡାକ୍ତରମାନେ ଆଲୋଚନା ଲାଗି ଆସି ନ ଥିଲେ। ପ୍ରାୟ ଦୁଇ ଘଣ୍ଟା ଅପେକ୍ଷା କରି ମମତା ଓ ଅଫିସରମାନେ ନିରାଶ ହୋଇଥିଲେ। ଅନ୍ୟପକ୍ଷରେ ତଦନ୍ତର ଅଗ୍ରଗତି ରିପୋର୍ଟ ୧୭ ସୁଦ୍ଧା ଦାଖଲ ଲାଗି କଲିକତା ହାଇକୋର୍ଟ ସିବିଆଇକୁ ଦେଇଥିବାରୁ ଯଥାଶୀଘ୍ର ସମସ୍ୟାର ସମାଧାନ ନିମିତ୍ତ ସରକାର ଉଦ୍ୟମ କରୁଛନ୍ତି।

ତେବେ ଡାକ୍ତରମାନେ ଆଲୋଚନାକୁ ନ ଆସିବା ପରେ ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ ବାନାର୍ଜୀ କହିଛନ୍ତି, ଆଲୋଚନା ପାଇଁ ଯଥା ସମ୍ଭବ ଉଦ୍ୟମ କରିଥିଲୁ। ମୁଖ୍ୟ ସଚିବ, ଘରୋଇ ବିଭାଗ ସଚିବ, ପୋଲିସ ଡିଜି ପ୍ରମୁଖ ତିନି ଦିନ ଅପେକ୍ଷା କଲେ। ବାରମ୍ବାର କଥାଦେଇ ସୁଦ୍ଧା ଡାକ୍ତରମାନେ ଏଡାଇଗଲେ। ସରକାର ଅପମାନିତ ହୋଇଛନ୍ତି। ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହାକୁ ରାଜନୈତିକ ରଙ୍ଗ ଦିଆଯାଉଛି। ସେମାନେ ନ୍ୟାୟ ଚାହୁଁନାହାନ୍ତି। ସେମାନେ ଚେୟାର ଚାହୁଁଛନ୍ତି। ପୀଡ଼ିତାଙ୍କ ପାଇଁ ନ୍ୟାୟ ଚାହୁଁଛି। ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ଚାହୁଁଛି। ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି।

ମମତା ବାନାର୍ଜୀ ଆହୁରି କହିଛନ୍ତି, ସ୍ୱଚ୍ଛତା ଓ ପ୍ରକୃତ ତଥ୍ୟ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଆମେ ବୈଠକର ସଂପୂର୍ଣ୍ଣ ଭିଡିଓ ରେକର୍ଡିଂ ପାଇଁ ପ୍ରସ୍ତୁତ ଥିଲୁ। ମାମଲା ବିଚାର ପ୍ରକ୍ରିୟାରେ ରହିଥିବାରୁ ଆମେ ଲାଇଭ ଟେଲିକାଷ୍ଟ କରିବା ସପକ୍ଷରେ ନାହୁଁ। ଆଲୋଚନା ନହେବା ଫଳରେ ସମସ୍ୟା ଅଧିକ ଜଟିଳ ହେବା ଆଶଙ୍କା ପ୍ରକାଶ ପାଇଛି।

## ମୃତ୍ୟୁ ପରେ...

ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ତାଙ୍କ ପ୍ରୟାସ ଯୋଗୁ ଜେଏନ୍‌ୟୁ କମ୍ୟୁନିଷ୍ଟ ଦୁର୍ଗରେ ପରିଣତ ହୋଇଥିଲା। ସାତ ଦଶନ୍ଧି ପୂର୍ବେ ସେ ଯେଉଁ ତାରିଖରେ ଜନ୍ମ ହୋଇଥିଲେ ସେହି ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଖବରପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିରୋଧୀଦଳ ନେତା ରାହୁଲ ଗାନ୍ଧି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ପରିବାରବର୍ଗ ଦିଲ୍ଲୀ ଏମ୍ସକୁ ଦାନ କରିଛନ୍ତି।

## କର୍ମୀଙ୍କୁ ବୁଝାଇ...

ବିଜେଡି ସୁପ୍ରିମୋ ନବୀନ ଏବେ ଦଳକୁ ସଜାଡିବାକୁ ଉଦ୍ୟମ କରୁଛନ୍ତି । ନିଜେ ଶଙ୍ଖଭବନ ଯିବା ସହିତ ଗଣମାଧ୍ୟମକୁ ସାମ୍ନା କରୁଛନ୍ତି । ତେବେ ଏହା କିଛି କାର୍ଯ୍ୟକ୍ରମ ଭିତରେ ସୀମିତ ରହିଛି । ଦୂର ଦୂରାନ୍ତରୁ ଯେଉଁମାନେ ଆସୁଛନ୍ତି ସେମାନେ ନବୀନ ନିବାସରେ ପୂର୍ବଭଳି କିଛି ସମୟ ପାଇଁ ନବୀନଙ୍କ ଭେଟୁଛନ୍ତି । ଦଳର ବିଧାୟକମାନଙ୍କୁ ବି ସବୁ ସମୟରେ ଭେଟିବା ଦଳ ସଭାପତିଙ୍କ ପାଇଁ ସମ୍ଭବପର ହେଉନାହିଁ ।

ଗୋଟିଏପଟେ ବୟସାଧିକ କାରଣ ଓ ଅନ୍ୟପଟେ ଏତେବଡ ଆଞ୍ଚଳିକ ଦଳକୁ ଚଳାଇବାପାଇଁ ଦକ୍ଷ ମଙ୍ଗୁଆଳ ଆବଶ୍ୟକ। ହେଲେ ସେହି ଦାୟିତ୍ୱ କିଏ ତୁଲାଇବ ବିଜେଡି ଭିତରେ ତାହାକୁ ନେଇ ଚାଲିଛି ଆଲୋଚନା । କାରଣ ଅଭିଜ୍ଞ ବବି କିମ୍ବା ସନ୍ୟାସ ନେଇଥିବା ପାଣ୍ଡିଆନଙ୍କ ଉପରେ କର୍ମୀ ରକ୍ତଚାଉଳ ଚୋବାଉଛନ୍ତି । ସେମାନଙ୍କ ରାଗ ଥଣ୍ଡା ପଡିନାହିଁ । ଅନ୍ୟ କାହାକୁ ନବୀନ ବିଶ୍ୱାସ କରିବେ ତାହା ବଡ ପ୍ରଶ୍ନବାଚୀ ହୋଇଛି। ନବୀନଙ୍କ ରାଜନୈତିକ ଉପଦେଷ୍ଟା ସାଜିଥିବା ସନ୍ତୃପ୍ତ ମିଶ୍ରଙ୍କ ନିକଟରେ ସେଭଳି ରାଜନୈତିକ ଅଭିଜ୍ଞତା ନାହିଁ । ଜୀବନର ପ୍ରଥମ ନିର୍ବାଚନରେ ବି ଶୋଚନୀୟ ଭାବେ ସେ ହାରି ଯାଇଛନ୍ତି ।

ଏଣେ ବିଧାନସଭାରେ ଦଳର ଦୁଇ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶାରୀରିକ ଅସୁସ୍ଥତା ପାଇଁ ଅନୁପସ୍ଥିତ । ଖୋଦ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ମାତ୍ର ଦୁଇଥର ଗୃହକୁ ଆସିଛନ୍ତି । ଏହାକୁ ନେଇ ବି ବିରୋଧିଦଳ ଗୃହ ଭିତରେ ଓ ବାହାରେ ବିଜେଡିକୁ କଡା ସମାଲୋଚନା କରୁଛନ୍ତି। ଦଳର ଅଭିଜ୍ଞ ନେତା ଅରୁଣ ସାହୁ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ ଓ ପ୍ରମିଳା ମଲ୍ଲିକ ବିଧାନସଭାରେ ବିଜେଡିର ସୁରକ୍ଷା କବଚ ସାଜିଛନ୍ତି। ବର୍ତ୍ତମାନ ବିଜେଡି କର୍ମୀଙ୍କୁ ଏକଜୁଟ କରି ପଞ୍ଚାୟତ ନିର୍ବାଚନକୁ ଯିବାର ସମୟ । ହେଲେ କିଏ ଦଳର ମଙ୍ଗୁଆଳ ହୋଇ ଏହି କାର୍ଯ୍ୟ କରିବ ତାହା ବଡ ପ୍ରଶ୍ନବାଚୀ ହୋଇଛି ।

ବିଜେଡିର କିଛି ନେତାଙ୍କ କହିବାକଥା ଯେ ଦଳରେ ମଙ୍ଗୁଆଳ ପାଇଁ ଅନେକ ଯୋଗ୍ୟ ନେତା ଅଛନ୍ତି । ହେଲେ ପୂର୍ବଭଳି ପାଣ୍ଡିଆନ ଆସି ନବୀନ ନିବାସରେ ଡେରା ପକାଇଥିବାରୁ ସେମାନେ କେହି ଦାୟିତ୍ୱ ନେବାକୁ ନାରାଜ। ନବୀନ ବି କାହାକୁ ଦାୟିତ୍ୱ ଦେବେ ତାହା ଖୋଲାଖୋଲି ଭାବେ କହୁ ନାହାନ୍ତି । ଏଭଳି ସଙ୍ଗୀନ ସ୍ଥିତି ଯୋଗୁଁ ଦଳର ଦୁଇ ଜଣ ସାଂସଦ ବିଜେପିକୁ ପଳାଇଲେଣି । ଆଗକୁ ଆଉ କିଛି ରାଜ୍ୟସଭା ସାଂସଦ ଯିବାନେଇ ଆଲୋଚନା ଜୋର ଧରିଛି । ଯଦି ସେଭଳି କିଛି ହେଲା ତଳ ସ୍ତରର କର୍ମୀଙ୍କୁ ଏକଜୁଟ କରିବା ସମ୍ଭବପର ହେବାନହିଁ ।

ତେଣୁ ବିଜେଡି ସଭାପତି କାହାକୁ ମଙ୍ଗୁଆଳ କରିବେ ନା ଏବେ ଯେମିତି ନିଜେ କୌଣସି ପ୍ରକାରେ କାମ ଚଳାଇ ନେଉଛନ୍ତି ସେଭଳି କାମଚଳା ଢଙ୍ଗରେ ଚାଲିବେ ତାହାକୁ ଏବେ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଚାହିଁ ବସିଛନ୍ତି । ସ୍ଥିତିରେ ସୁଧାର ନଆସିଲେ ସେମାନେ ବି ବାଟ କାଟିବେ ବୋଲି ସୂଚନା ଦେଲେଣି । ମଉକା ଅପେକ୍ଷାରେ ବିଜେପି ରହିଛି । ଦୁଇ ଦୁଇଟି ରାଜ୍ୟସଭା ସାଂସଦ ଶିକାର ପରେ ବିଜେପିର ମନୋବଳ ବଢିଛି । ତେଣୁ ପୂଜା ପରେ ପରେ ଓଡିଶା ରାଜନୀତିରେ ବଡ ହଟଚମଟ ପାଇଁ ବିଜେପି ଅଣ୍ଟା ଭିଡୁଥିବାବେଳେ ବିଜେଡିକୁ ମଙ୍ଗୁଆଳଟିଏ ନମିଳିବା ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି ।

## ୬୦ହଜାର ବର୍ଷ...

୬୦, ୦୦୦ ବର୍ଷ ପୂର୍ବେ ଆଫ୍ରିକାରୁ ପ୍ରବାସର ପ୍ରଥମ ଲହରର ଅଂଶ ବୋଲି ବିଶ୍ୱାସ କରାଯାଏ।

ମାଲକାନଗିରି ଜିଲ୍ଲାର ୩୨ଟି ଦୁର୍ଗମ ପାହାଡ଼ ଉପରେ ଥିବା ଗାଁରେ ବଣ୍ଡାମାନେ ବିଚ୍ଛିନ୍ନ ହୋଇ ରହିଛନ୍ତି। ଏହି ପ୍ରାଚୀନ ସମାଜ ମୁଖ୍ୟତଃ ମାତୃବାଦୀ। ଯୁବକମାନେ ବୟସ୍କ ମହିଳାମାନଙ୍କୁ ବିବାହ କରନ୍ତି, ଏବଂ ସମ୍ପ୍ରଦାୟ ଏବେ ବି ସେମାନଙ୍କ ବଜାରରେ ଏକ ବଦଳ ପ୍ରଣାଳୀ ବ୍ୟବହାର କରନ୍ତି। ବଣ୍ଡାମାନେ ରେମୋ କୁହନ୍ତି, ଯାହା ଏକ ଅଲିଖିତ ଅଷ୍ଟ୍ରୋ-ଏସିଆଟିକ୍ ଭାଷା। ସେମାନେ ମୁଖ୍ୟତଃ ସେମାନଙ୍କ ସାପ୍ତାହିକ ବଜାର ମାଧ୍ୟମରେ ବାହାର ଲୋକଙ୍କ ସହିତ ଯୋଗାଯୋଗ କରନ୍ତି।

ସେମାନଙ୍କ ଚାଷ ପଦ୍ଧତି - ଡାଙ୍ଗର ଚାସ୍ (ଉଚ୍ଚ ଜମିଚାଷ) ମାଧ୍ୟମରେ ସେମାନେ ସ୍ଥାନୀୟ ଜୈବ ବିବିଧତାକୁ ବିପଦରେ ନ ପକାଇ ୨୦ଟି ଫସଲ ପ୍ରଜାତି ଚାଷ କରନ୍ତି।

କିନ୍ତୁ ଗତ କିଛି ବର୍ଷ ହେଲା ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ଜନଜାତି ବହୁମାତ୍ରାରେ ପ୍ରଭାବିତ ହୋଇ ତାପମାତ୍ରା ବୃଦ୍ଧି ଓ ଜଳ ଅଭାବ ସହ ସଂଘର୍ଷ କରୁଛନ୍ତି।

ନିଜର ବଢୁଥିବା ପରିବାର ଚଳାଇବା ପାଇଁ ବଣ୍ଡା ଯୁବକମାନେ ଅତିରିକ୍ତ ରୋଜଗାରର ଉତ୍ସ ପାଇଁ ନିଜ ଗାଁ ବାହାରକୁ ଯିବା ଆରମ୍ଭ କରିଛନ୍ତି।

ଏସବୁ ଆହ୍ୱାନ ସତ୍ତ୍ୱେ ବଣ୍ଡାମାନେ ସେମାନଙ୍କର ଅଧିକାଂଶ ପରିଚୟ ଏବଂ ସଂସ୍କୃତିକୁ ବଜାୟ ରଖିଛନ୍ତି ଯାହା ହଜାର ହଜାର ବର୍ଷ ଧରି ଅପରିବର୍ତ୍ତିତ ରହିଛି।

## ଆସ୍ଥା ଓ ବିଶ୍ୱାସ...

ସେ ସବୁକୁ ପରିଚାଳନା ଓ କାର୍ଯ୍ୟକାରୀ କରିବା ଆପଣମାନଙ୍କ ଦାୟିତ୍ୱ। ଆପଣମାନଙ୍କ ନିଷ୍ଠା ଓ କର୍ମପ୍ରବଣତା ଯଦି ଜନ ସାଧାରଣଙ୍କ ମୁହଁରେ ହସ ଫୁଟାଇ ପାରିଲା, ତେବେ ତାହା ହିଁ ହେବ ଆପଣଙ୍କ ନିଯୁକ୍ତିର ଯଥାର୍ଥତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, ପୂର୍ବ ସରକାର, ସରକାରୀ ଚାକିରୀରେ ପଦବୀ ପୂରଣ ଓ ଆତ୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଆମ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି ଆଗାମୀ ୫ ବର୍ଷ ମଧ୍ୟରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ । ଆଜି ଏହାର ମୂଳଦୁଆ ପଡିଲା। ଏଣିକି ସବୁ ଚୟନ ପଦ୍ଧତି ମେରିଟ୍ ଆଧାରରେ ହେବ। ଏଥି ସହିତ ଶିଳ୍ପ କ୍ଷେତ୍ରରେ ୩.୫୦ ଲକ୍ଷ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଆମେ ପଦକ୍ଷେପ ନେଉଛୁ ବୋଲି ସେ କହିଥିଲେ।

ନୂତନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ କର୍ମ କ୍ଷେତ୍ରରେ କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା, ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହିତ ଲୋକଙ୍କ ଅଭିଯୋଗ ଶୁଣାଣୀକୁ ପ୍ରାଥମିକତା ଦେଇ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ ଯେ, ଆଜି ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ୮୨ ଜଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୩୯ ଜଣ, ଉଚ୍ଚଶିକ୍ଷା ବିଭାଗର ୨୪ ଜଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୩୧ ଜଣ, ସୂଚନା ଓ ଲୋକସଂପର୍କ ବିଭାଗର ୫ ଜଣ, ଯୋଜନା ଓ ସଂଯୋଜନ ବିଭାଗର ୬୧ ଜଣ ଏବଂ ଅନୁସୂଚିତ ଜନଜାତି ଓ ଜାତି ବିଭାଗର ୩୪ ଜଣ - ଏହିପରି ସର୍ବମୋଟ ୪୭୬ ଜଣ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି । ତନ୍ମଧ୍ୟରେ ଗ୍ରୁପ-ଏ ବର୍ଗର ୯୮ ଜଣ ଅଧିକାରୀ, ଗ୍ରୁପ-ବି ବର୍ଗର ୧୩୦ ଜଣ ଅଧିକାରୀ ଏବଂ ଗ୍ରୁପ-ସି ବର୍ଗର ୨୪୮ ଜଣ କର୍ମଚାରୀ ଅଛନ୍ତି।

# ହରିୟାଣାରେ ତୃତୀୟ ଥର ହେବ ବିଜେପି ସରକାର



ନୂଆଦିଲ୍ଲୀ,୧୨ା୯: ହରିୟାଣାରେ ତୃତୀୟ ଥର ପାଇଁ ବିଜେପିର ସରକାର ଗଠନ ହେବ । ବିଜେପିକୁ ଭୋଟ୍ ଦେବା ପାଇଁ ହରିୟାଣାର ଜନସାଧାରଣ ମନ ବନାଇ ସାରିଛନ୍ତି ବୋଲି ଆଜି ହରିୟାଣାର ପାନିପତ ଏବଂ ସମଲଖା

## ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ

ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ସାମିଲ ହେବା ସହ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି ହରିୟାଣା ବିଜେପିର ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ ବିଜେପି ପ୍ରାର୍ଥୀଙ୍କ ପାଇଁ ଲୋକଙ୍କ ମଧ୍ୟରେ ଭୂତପୂର୍ବ ଉତ୍ସାହ, ଆଶୀର୍ବାଦ ଏବଂ ଜନସମର୍ଥନ ରହିଛି । ଗୋଟିଏ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଦଳୀୟ ପ୍ରାର୍ଥୀଙ୍କ ପ୍ରତି ଜନତାଙ୍କ ଆତ୍ମବିଶ୍ୱାସ ବଢ଼ିଛି । ଅପରପକ୍ଷରେ ଦେଶକୁ ଅପମାନିତ କରୁଥିବା ଲୋକମାନଙ୍କୁ ହରାଇବା ପାଇଁ ଜନସାଧାରଣ ସଂକଳ୍ପ ନେଇସାରିଛନ୍ତି । ସଂରକ୍ଷଣ ବନ୍ଦ କରିବାର ସ୍ୱପ୍ନ ଦେଖିଥିବା କଂଗ୍ରେସର ଯୁବରାଜଙ୍କ ଆଶା କେବେ ପୂରଣ ହେବ ନାହିଁ । କଂଗ୍ରେସର ଯୁବରାଜ ଓ ସେମାନଙ୍କ ପ୍ରାର୍ଥୀଙ୍କୁ ହରିଆଣାବାସୀ କଡ଼ା ଜବାବ ଦେବେ। ସେ କହିଛନ୍ତି ଯେ, ଏବେ ଏବେ ୭୦ ବର୍ଷରୁ ଅଧିକ ବୟସର ନାଗରିକଙ୍କ ପାଇଁ ମୋଦୀ ସରକାର ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଏଭଳି ସମସ୍ତ ବରିଷ୍ଠ ନାଗରିକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ମିଳିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ୬ କୋଟିରୁ ଅଧିକ ବରିଷ୍ଠ ନାଗରିକମାନେ ଉପକୃତ ହେବେ ବୋଲି ସେ କହିଛନ୍ତି ।

ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହ କେନ୍ଦ୍ରମନ୍ତ୍ରୀ ଜନସାଧାରଣଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ । ଜନତାଙ୍କ ଆଶୀର୍ବାଦ ଓ ପରିଶ୍ରମୀ କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଯୋଗୁଁ ଏହି ଅଞ୍ଚଳରେ ପଦ୍ମ ଫୁଟିବା ନିଶ୍ଚିତ । ନିରବଚ୍ଛିନ୍ନ ବିକାଶ ପାଇଁ କେବଳ ବିଜେପି ଉପରେ ଲୋକଙ୍କ ଆସ୍ଥା ରହିଛି । ହରିୟାଣାରେ ତୃତୀୟ ଥର ପାଇଁ ପଦ୍ମ ଫୁଟାଇ ବିଜେପି ସରକାର ଗଠନ କରିବାକୁ ଯାଉଛନ୍ତି ।ବିଜେପି ସରକାରରେ ନନ୍-ଷ୍ଟପ୍ ହରିୟାଣାର ବିକାଶ ହେବ ବୋଲି ପ୍ରଧାନ କହିଛନ୍ତି ।

# ନୂଆଦିଲ୍ଲୀରେ 'ଗ୍ଲୋବାଲ ବାୟୋ ଇଣ୍ଡିଆ' କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଓଡ଼ିଶା ପାଭିଲିୟନ



ନୂଆଦିଲ୍ଲୀ,୧୨ା୯: ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଆରମ୍ଭ ହୋଇଛି ତିନିଦିନିଆ 'ଗ୍ଲୋବାଲ ବାୟୋ-ଇଣ୍ଡିଆ ୨୦୨୪'। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ଅଧୀନରେ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ କରାଯାଉଛି । ଏହା ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଭାରତର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତକୁ ନେଇ ବିଭିନ୍ନ ବୈଷୟିକ ସମ୍ମିଳନୀ ଓ ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଏଥିରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ସାମିଲ ହୋଇ ରାଜ୍ୟର ଅନନ୍ୟ ଜୈବ ସମ୍ବଳ ଏବଂ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଥିବା ବିପୁଳ ସମ୍ଭାବନାକୁ ପ୍ରଦର୍ଶନ କରୁଛି । ଗ୍ଲୋବାଲ ବାୟୋ-ଇଣ୍ଡିଆ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଓଡ଼ିଶା ପାଭିଲିୟନ ଖୋଲାଯାଇଛି । ଏହାକୁ ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦଘାଟନ କରିଛନ୍ତି । ଏହି ପାଭିଲିୟନରେ ରାଜ୍ୟର ବିଭିନ୍ନ ବାୟୋଟେକ୍ନୋଲୋଜି ଷ୍ଟାର୍ଟଅପ୍ ଅଂଶଗ୍ରହଣ କରି ସେମାନଙ୍କ ଅଭିନବ ଜ୍ଞାନକୌଶଳ ଓ ଉତ୍ପାଦକୁ ପ୍ରଦର୍ଶନ କରୁଛନ୍ତି ।

# ଦେୟମୁକ୍ତ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ବିନା ଦେୟରେ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ବିଦ୍ୟାଳୟ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆର ଆୟାରଙ୍କ ଉପସ୍ଥିତିରେ ଆଭାସୀ ଜରିଆରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ଓଡ଼ିଶାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଏହି କାର୍ଯ୍ୟକ୍ରମ ସମସ୍ତ ଛାତ୍ରଛାତ୍ରୀ ବିଶେଷ କରି ଉପାନ୍ତ ଅଞ୍ଚଳରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା, ଉଚ୍ଚଶିକ୍ଷା ନିମିତ୍ତ ପ୍ରବେଶିକା ପରୀକ୍ଷାଗୁଡ଼ିକରେ କୃତକାର୍ଯ୍ୟ କରାଇବା ପାଇଁ ଯଥେଷ୍ଟ ସହାୟକ ହେବ । ଛାତ୍ରଛାତ୍ରୀମାନେ ବିନା କୌଣସି ଦେୟରେ ଏହାର ଲାଭ ଉଠାଇ ପାରିବେ । ଏହି କାର୍ଯ୍ୟକ୍ରମ ଜରିଆରେ ସ୍ୱଳ୍ପ ସମୟ ମଧ୍ୟରେ ଅଧିକ ସଂଖ୍ୟକ ପ୍ରଶ୍ନୋତ୍ତର ଦେଇପାରିବାର ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ୨୦୨୪-୨୫ ଶିକ୍ଷା ବର୍ଷରେ ନୂତନ କରି ନାମ ଲେଖାଇଥିବା ଇଚ୍ଛୁକ ମୋଟ ୮୨,୭୦୦ ଛାତ୍ରଛାତ୍ରୀ ମାନେ



ଏହି ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମରେ ଅନଲାଇନ୍ ମାଧ୍ୟମରେ ଯୋଡ଼ି ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବୃତ୍ତି ମୂଳକ ଉଚ୍ଚଶିକ୍ଷା ଅଧ୍ୟୟନ ନିମିତ୍ତ ପ୍ରବେଶିକା ପରୀକ୍ଷା ଯଥା- ଆଇପିଏମଏଟି/ଜେଆଇପିଏମଏଟି, ସିୟୁଇଟି, ସିଏଲଏଟି, ଏନଡିଏ, ଏନଆଇଏଫଟି ଇତ୍ୟାଦି ପାଇଁ ପ୍ରସ୍ତୁତି କରୁଛନ୍ତି । ଏଥିପାଇଁ ଇଂରାଜୀ, ସାଧାରଣ ଜ୍ଞାନ, ଗଣିତ, ରେଜୋନିଂ, କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡ୍ ବିଷୟରେ ଜାଣିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି ।

# ଲୁହା କଡ଼େଇରେ ମହାପ୍ରସାଦ ରନ୍ଧନ

ପୁରୀ, ୧୨ା୯ (ସଂଚାର ବ୍ୟୁରୋ): ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ କୁଡୁଆରେ ରନ୍ଧାଯାଏ ଓ ମହାପ୍ରଭୁମାନଙ୍କୁ କୁଡୁଆରେ ମହାପ୍ରସାଦ ଅର୍ପଣ କରାଯାଇଥାଏ। ହେଲେ କିଛିଦିନ ହେଲା ଏଥିରେ ବ୍ୟତିକ୍ରମ ଘଟିଥିବା ଦେଖାଯାଇଛି। ସୁଆର ଓ ମହାସୁଆର ସେବକମାନେ ଲୁହା କଡେଇରେ



## ସୁଆର ଓ ମହାସୁଆର ନିଯୋଗ ତରଫରୁ ନୋଟିସ୍

ରାନ୍ଧୁଛନ୍ତି। ଯାହାକି ପରମ୍ପରା ବିରୋଧୀ। ଯାହାକୁ ନେଇ ସୁଆର ଓ ମହାସୁଆର ନିଯୋଗ ତରଫରୁ ନୋଟିସ୍ ଜାରି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନକୁ ମଧ୍ୟ ଚିଠି ମାଧ୍ୟମରେ ଅବଗତ କରାଯାଛି। ସୁଆର ଓ ମହାସୁଆର ନିଯୋଗର ସହ ସମ୍ପାଦକ ନରସିଂହ ପ୍ରତିହାରି କହିଛନ୍ତି, ମହାପ୍ରସାଦ କୁଡୁଆରେ ରନ୍ଧାଯାଏ। ଢଳାମଠ କୁଡୁଆରେ ମହାପ୍ରସାଦ ରନ୍ଧାଯାଏ। ସେହି କୁଡୁଆଟି ବହୁ ଛୋଟ। ସେଥିରେ ଦେଢ଼ କେଜି ଚାଉଳ ପଡ଼ିବ। ସେହି କୁଡୁଆ ୬ଟି ହେଲେ ଗୋଟିଏ ଚୁଲିରେ ବସି ପାରିବ। ବର୍ତ୍ତମାନ ସେହି କୁଡୁଆର ଘୋର ଅଭାବ ଦେଖାଦେଇଛି। ପର୍ଯ୍ୟାପ୍ତ ପରିମାଣରେ ଢଳାମଠ କୁଡୁଆ ମିଳୁନି। ଯାହାଫଳରେ ଆମର ଛୋଟ ଛୋଟ ଭାଇମାନେ ଲୁହା କଡେଇରେ ରାନ୍ଧୁଛନ୍ତି। ତାହା ସୀମିତ ପରିମାଣରେ ରନ୍ଧା ଯାଉଛି ବୋଲି ଶ୍ରୀ ପ୍ରତିହାରି କହିଛନ୍ତି।

# ୧୮ରୁ ଯୁକ୍ତ ଦୁଇ ଫର୍ମ ଫିଲ୍ଅପ୍

ଭୁବନେଶ୍ୱର, ୧୨ା୯ (ସଂଚାର ବ୍ୟୁରୋ): ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ଯୁକ୍ତ ଦୁଇ ଫର୍ମ ପୂରଣ। କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ପାଇଁ ଫର୍ମ ଫିଲ୍ଅପ୍ କରିବେ ଛାତ୍ରଛାତ୍ରୀ। ସେପ୍ଟେମ୍ବର ୧୮ ତାରିଖରୁ ଅକ୍ଟୋବର ୧ ଯାଏଁ ବିନା ଜରିମାନା ଦେୟରେ ଫର୍ମ ପୂରଣ କରିପାରିବେ ଛାତ୍ରଛାତ୍ରୀ। ତେବେ ଅକ୍ଟୋବର ୪ରୁ ୧୪ ତାରିଖ ଭିତରେ ଫର୍ମ ଫିଲଅପ୍ କଲେ ୨୦୦ ଟଙ୍କା ଫାଇନ୍ ପଡ଼ିବ। ସେହିଭଳି ନଭେମ୍ବର ୧୧ରୁ ୧୮ ଭିତରେ ଫର୍ମ ପୂରଣରେ ଲାଗିବ ୬୦୦ ଟଙ୍କା ଜରିମାନା। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀ ଏହାର ସୁଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ଅନ୍ନକ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଏଠି ମହାପ୍ରସାଦ କୁଡୁଆରେ ରନ୍ଧନ କରାଯାଇଥାଏ। ଏପରିକି ମହାପ୍ରଭୁଙ୍କ ପାଖରେ କୁଡୁଆରେ ମହାପ୍ରସାଦ ଅର୍ପଣ କରାଯାଇଥାଏ। ଭାରତ ବର୍ଷରେ କୌଣସି ମନ୍ଦିରରେ ଏପରି ବ୍ୟବସ୍ଥା ନାହିଁ। କିନ୍ତୁ ଶ୍ରୀକ୍ଷେତ୍ରରେ କୁଡୁଆରେ ରନ୍ଧାଯିବା ଓ ଭୋଗ ଲାଗିବା ହେଉଛି ସ୍ୱତନ୍ତ୍ର। ହେଲେ ମହାମାରୀ କରୋନା ପରେ କୁଡୁଆର ଅଭାବ ଦେଖାଦେବାରୁ କିଛି ସୁଆର ଓ ମହାସୁଆର ଲୁହା କଡ଼େଇରେ ମହାପ୍ରସାଦ ପ୍ରସ୍ତୁତ କରୁଛନ୍ତି। ଯାହାକୁ ବିରୋଧ କରିଛି ସୁଆର ଓ ମହାସୁଆର ନିଯୋଗ। ଏହା ପରମ୍ପରା ବିରୋଧୀ ବୋଲି ନିଯୋଗ କହିଛି।

# ୪ ବାଘ ଶିକାରୀ ଗିରଫ

## ଅଢ଼େଇ ବର୍ଷ ହେଲା ଫେରାର ଥିଲେ



ମୟୂରଭଞ୍ଜ,୧୨ା୯(ସଂଚାର ବ୍ୟୁରୋ): ବର୍ଷ ବର୍ଷ ହେଲା ମହାବଳ ବାଘ ଶିକାର କରୁଥିଲେ। ତାହାର ଚମଡ଼ା ଓ ଦାନ୍ତକୁ ବିକି ମାଲେମାଲ ହେଉଥିଲେ। ପୂର୍ବରୁ ଥରେ କ୍ରାଇମବ୍ରାଞ୍ଚ କବଳରୁ ଖସି ଯାଇଥିଲେ। ମାତ୍ର ପ୍ରାୟ ଅଢେଇ ବର୍ଷ ପରେ ମାଡ଼ି ବସିଛି ବନ ବିଭାଗ । ଏପରି ଏକ ଘଟଣା ମୟୂରଭଞ୍ଜ ଜିଲ୍ଲାର ଉଦଳାରେ ଘଟିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବନ ବିଭାଗ ୪ କୁଖ୍ୟାତ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀମାନେ ହେଲେ ମହାତୋ କିସ୍କୁ, ଥୁପୁଲ ହେମ୍ବ୍ରମ, ନିତାଇ ମୁର୍ମୁ ଓ ସାରୁ ମୁର୍ମୁ ପ୍ରାୟ ଅଢେଇ ବର୍ଷ ତଳେ ମହାତୋ କିସ୍କୁଙ୍କଠାରୁ ମହାବଳ ବାଘ ଚମଡ଼ାକୁ କ୍ରାଇମବ୍ରାଞ୍ଚ ଜବତ କରିଥିଲା। ମାତ୍ର ସେ ଖସି ପଳାଇବାକୁ ସକ୍ଷମ ହୋଇଥିଲେ । ଏବେ ବନ ବିଭାଗ ତାଙ୍କୁ କାବୁ କରିଥିବା ବେଳେ ଧରିଥିବା ବେଳେ କ୍ରାଇମବ୍ରାଞ୍ଚର ଏସଟିଏଫ୍‌କୁ ହସ୍ତାନ୍ତର କରିବ ବୋଲି କୁହାଯାଇଛି। ସେହିପରି ଥୁପୁଲ ହେମ୍ବ୍ରମଙ୍କୁ ପଚରାଉଚରା କରାଯିବାରୁ ସେ ବି ମହାବଳବାଘ ଶିକାର କରିଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ୪ ମହାବଳବାଘ ର ଦାନ୍ତ , କିଛି ନିଶ ,ଦେଶୀ ବନ୍ଧୁକ ସହ ବାରୁଦ ଏବଂ ୮୦ରୁ ଅଧିକ ତୀର ଜବତ୍ କରାଯାଇଛି। ସେହିପରି ଶିକାର ଉଦ୍ଦେଶ୍ୟରେ ଘରେ ବନ୍ଧୁକ ରଖିଥିବା ଅଭିଯୋଗରେ ଅନ୍ୟ ଦୁଇ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି ।

# କୋଟିପତି ସହକାରୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ସହକାରୀ ଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗତକାଲି ପ୍ରସନ୍ନଙ୍କ ଭଞ୍ଜନଗର ବାଗଦେବୀ ରୋଡରେ ଥିବା ଦୁଇଟି ତିନି ମହଲା ଘର,ବ୍ରହ୍ମପୁର ତୁଳସୀନଗରର ୪ ମହଲାବିଶିଷ୍ଟ ବିଲଡିଂ,ଭଞ୍ଜନଗର ରଘୁନାଥ ବିହାରରେ ଥିବା ଜଣେ ସଂପର୍କୀୟଙ୍କ ଘର,ବାଗଦେବୀ ରୋଡରେ ଥିବା ତାଙ୍କର ଜଣେ ଭାଇଙ୍କ ଘର,ଭଞ୍ଜନଗର ଅଫିସ୍ ଓ ଲୁଡୁଲୁଡିରେ ଥିବା ପୈତୃକ ଘର ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୬ଟି



ବହୁତଳ କୋଠା ଠାବ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୨କୋଟି ୪୦ଲକ୍ଷ ହେବ। ସେହିପରି ବ୍ରହ୍ମପୁରର ତୁଳସୀ ନଗରରେ ଏକ ୪ ମହଲା କୋଠା ଠାବ କରିଥିଲା ଭିଜିଲାନ୍ସ। ଯାହାର ମୂଲ୍ୟ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହେବ। ଏଥିସହ କନିଷ୍ଠ ଯନ୍ତ୍ରୀଙ୍କଠାରୁ ୨ଟି ୩ ମହଲା କୋଠା, ୨ଟି ୨ମହଲା କୋଠା, ୫ଟି ପ୍ଲଟ୍ ନଗଦ ୨୩ ଲକ୍ଷ ୯୪ ଲକ୍ଷ ଟଙ୍କା ସମେତ ୨୦୦ଗ୍ରାମ ସୁନା ବି ଜବତ କରାଯାଇଥିଲା।

# ପୁଣି ନବୋଦୟରେ ରାଗିଂ

କେନ୍ଦୁଝର, ୧୨ା୯(ସଂଚାର ବ୍ୟୁରୋ): ପୁଣି ନବୋଦୟ ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କେନ୍ଦୁଝର ଜିଲ୍ଲା ହଦଗଡ଼ ନବୋଦୟ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀର ଛାତ୍ରଙ୍କୁ କିଛି ଅଣ ଓଡ଼ିଆ ଛାତ୍ର ରାଗିଂ କରିବା ସହ ନିସ୍ଟୁକ ମାଡ଼ ମାରିଥିବା ସୋସ ଥାନାରେ ଅଭିଯୋଗ ହୋଇଛି। ଏନେଇ ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସ୍କୁଲ ପକ୍ଷରୁ କୌଣସି ଠୋସ ପଦକ୍ଷପ ନ ନେଇ ଥିବା ଅଭିଯୋଗ କରିଛନ୍ତି ଛାତ୍ରଙ୍କ ପରିବାର। ଫଳରେ ଗତ ସନ୍ଧ୍ୟାରେ ପରିବାର ପକ୍ଷରୁ ସୋସ ଥାନାରେ ଅଭିଯୋଗ କରାଯାଇଛି। ପୂର୍ବରୁ ମଧ୍ୟ ସମ୍ପୃକ୍ତ ଛାତ୍ରକୁ ରାଗିଂ କରାଯାଇଥିବା ଓ ଏନେଇ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ସୋସ ପୁଲିସ ଉପସ୍ଥିତିରେ ଆପୋସ ବୁଝାମଣ କରିଥିବା ସୂଚନା ରହିଛି। ଏହି ଘଟଣାରେ ପୁଲିସ କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅଭିଯୋଗକାରୀ ଛାତ୍ର କହିଛନ୍ତି, ମୋତେ ଖରାପ କଥା ଲେଖିକି ଦେବା ପାଇଁ ସେମାନେ କହିଲେ। ନ ଦେବାରୁ ସେମାନେ ମାଡ଼ ମାରିଥିଲେ।

# ମାଲକାନଗିରି କ୍ଷୟକ୍ଷତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

## ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି,୧୨ା୯(ସଂଚାର ବ୍ୟୁରୋ): ଲଘୁଚାପ ବର୍ଷାରେ ମାଲକାନଗିରି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆକାଶ ମାର୍ଗରୁ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। କ୍ଷୟକ୍ଷତିର ସରଜମିନ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଗ୍ରାଧିକାର ଭିତ୍ତିରେ ଭାଙ୍ଗି ଯାଇଥିବା କଚ୍ଚା ଘର ନିମନ୍ତେ ସହାୟତା ଓ ବିଜୁଳି ସଂଯୋଗକୁ ସେ ଗୁରୁତ୍ୱ ଦେଇଥିଲେ। ଜଣେ ମଧ୍ୟ କ୍ଷତିଗ୍ରସ୍ତ ବ୍ୟକ୍ତି ଯେପରି ସରକାରୀ ସହାୟତା ପଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷାଯୋଗୁ ଜଳ ଜନିତ ରୋଗକୁ ପ୍ରତିହତ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କୁହାଯାଇଛି। ଜିଲା ଓ ପୋଲିସ ପ୍ରଶାସନର ପୂର୍ବ ପ୍ରସ୍ତୁତି ଯୋଗୁ ଜିରୋ କାଜୁଆଲିଟି



ସମ୍ଭବ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପାଣିପାଗ ବିଭାଗରୁ ପ୍ରାପ୍ତ ସୂଚନା ଜିଲାପାଳମାନଙ୍କୁ ପ୍ରେରଣ କରାଯାଇ ସତର୍କ ରହିବାକୁ କୁହାଯାଇଥିଲା। ଏଥିସହ ରାଜ୍ୟ ଆପଦକାଳୀନ ପରିଚାଳନା କେନ୍ଦ୍ରରୁ ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଭଳି ସମ୍ବେଦନଶୀଳ ସମୟରେ ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀଙ୍କ ସେବା ପ୍ରଶଂସନୀୟ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ମତ ଦେଇଥିଲେ। ରିଲିଫ୍ କୋଡ୍ ଅନୁଯାୟୀ ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ ପର୍ଯ୍ୟାପ୍ତ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପୂଜାରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିଏସ୍ଏଫ୍ ହେଲିପ୍ୟାଡରେ ଅବତରଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତିଙ୍କ ସମେତ ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ ସିଂ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଦକ୍ଷିଣାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ନୀତେଶ ବାଧ୍ୱାନୀ ପ୍ରମୁଖ ମଞ୍ଚାସୀନ ଥିଲେ ।




# ଚର୍ଚ୍ଚାରେ ରହିଗଲା ଚର୍ଚ୍ଚିତ ମାମଲା

ଦିନ ଗଡୁଛି ହେଲେ ରହସ୍ୟମୟ ହୋଇଯାଉଛି ମର୍ଡର କେସ । ରାଜଧାନୀରେ ଏଭଳି ଅନେକ ମର୍ଡର କେସର ସସପେନ୍ସ ଉପରୁ ପର୍ଦ୍ଦା ହଟାଇପାରିନି ପୋଲିସ । ଲୋକଙ୍କ ମନ ଭିତରୁ ଏ ଘଟଣା ଉଭେଇ ଯିବାକୁ ବସିଥିଲେ ମଧ୍ୟ ଅନେକ ପ୍ରଶ୍ନ ଏବେ ବି ଅସମାହିତ ହୋଇ ରହିଛି ।

## ◆ ପାଲହାଇଟ୍ସ ମାଲିକଙ୍କ ପରିବାର ଜୀବନ୍ତ ଦଗ୍ଧ



ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ୨୦୧୭ ଅଗଷ୍ଟ ୩ରେ ପ୍ରତିଷ୍ଠିତ ବ୍ୟବସାୟୀ ସତପାଲ ସିଂଙ୍କ ଘରେ ଘଟିଥିଲା ବ୍ୟୟବହ ଅଗ୍ନିକାଣ୍ଡ। ଲକ୍ଷ୍ମୀସାଗର ଛକରେ ଥିବା ଘରେ ନିଆଁ ଲାଗି ସତପାଲ ଙ୍କ ସାନପୁଅ ଗଗନପାଲ ଙ୍କ ସହ ୫ ଜଣ ଅଗ୍ନିକାଣ୍ଡରେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅଗ୍ନିକାଣ୍ଡ ରୋକିବା ପାଇଁ ସମସ୍ତ ସରଞ୍ଜାମ ଘରେ ଥିଲେ ମଧ୍ୟ ଏହାର ବ୍ୟବହାର ହୋଇନଥିଲା । ସର୍ଟସର୍କିଟ ପଛରେ ପାରିବାରିକ କିମ୍ବା ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଇଥିଲା । ଦୀର୍ଘ ଦିନ ଧରି ତଦନ୍ତ ଚାଲିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଘଟଣା ପଛର ସତ ଜାଣିପାରିଲେ ନାହିଁ ସାଧାରଣ ଲୋକେ ।

## ◆ କଳ୍ପନା ଫ୍ଲାଟ ଡବଲ ମର୍ଡର

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ୨୦୦୫ ଅଗଷ୍ଟ ୧୨ । ରାଜଧାନୀରେ ଖେଳିଯାଇଥିଲା ଚାଞ୍ଚଲ୍ୟ । କଳ୍ପନା ଫ୍ଲାଟ ନମ୍ବର ଡି/୪ ରୁ ଦମ୍ପତିଙ୍କ ମିଳିଥିଲା ରକ୍ତ ଜୁଡୁବୁଡୁ ମୃତଦେହ। ହତ୍ୟାର ଶିକାର ହୋଇଥିଲେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ ତ୍ରିପାଠୀ ଓ ତାଙ୍କ ପତ୍ନୀ । ଲକ୍ଷ୍ମୀସାଗର ପୋଲିସ ତଦନ୍ତ କରି ଅଭିଯୁକ୍ତ ସାଙ୍ଗ ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ପାଖରେ ପହଞ୍ଚିଥିଲା । କିନ୍ତୁ ପରେ ଲକ୍ଷ୍ମୀନାରାୟଣ ଆତ୍ମହତ୍ୟା କରିବାରୁ ତଦନ୍ତରେ ଲାଗିଥିଲା ଡୋରି ।

## ◆ ସସପେନ୍ସରେ ଉନ୍ନୟ ପାଢ଼ୀ ମର୍ଡର

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ୨୦୧୮ ମାର୍ଚ୍ଚ ୨୧ ତାରିଖରେ କୁଆଖାଇ ନଦୀପଠାରୁ ମିଳିଥିଲା ଏକ ଦରପୋଡା ଶବ । ପେଟରେ ଛୁରୀ ଭୁଷା ହୋଇଥିବା ବେଳେ ମୁଣ୍ଡରେ ଲାଗିଥିଲା ଶକ୍ତ ଆଘାତ । ବାଲିରେ ପୋତା ହୋଇଥିବା ମୃତଦେହଟିକୁ ଉନ୍ନୟ ପାଢ଼ୀଙ୍କର ବୋଲି ଚିହ୍ନଟ କରିଥିଲା ପୋଲିସ।ପରେ ପରେ ଉନ୍ନୟଙ୍କ ସହ ଜଣେ ଯୁବତୀଙ୍କ ଅସଂଯତ ଅବସ୍ଥାର ଭିଡିଓ ଭାଇରାଲ ହୋଇଥିଲା । ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅନେକ ସନ୍ଦେହ କରିଥିଲେ ମଧ୍ୟ ଆଜି ଯାଏଁ ସସପେନ୍ସ ରୁ ହଟିପାରିନି ପର୍ଦ୍ଦା।

## ◆ ଆଲବମ୍ ଅଭିନେତା ପପୁ ମୃତ୍ୟୁ ମାମଲା



ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ୨୦୦୮ ମାର୍ଚ୍ଚ ୨୨ ତାରିଖରେ ସାମନ୍ତରାପୁର ସ୍ଥିତ ଭଡାଘରୁ ମିଳିଥିଲା ଆଲବମ ହିରୋ ପପୁଙ୍କ ମୃତଦେହ। ପପୁଙ୍କ ଭାଇ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରେ ଲିଙ୍ଗରାଜ ଥାନାରେ ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ମଧ୍ୟ କରିଥିଲା । ପରେ କ୍ରାଇମବ୍ରାଞ୍ଚ ନେଇଥିଲା ତଦନ୍ତ ଭାର । ଦୀର୍ଘ ଦିନ ଧରି ଚାଲିଥିଲା ତଦନ୍ତ। ଘଟଣାକୁ ଏବେ ୧୬ ବର୍ଷ ପୁରିଛି । କିନ୍ତୁ ମୃତ୍ୟୁ ପଛର କାରଣ ନପାଇ ଫାଇଲ କ୍ଲୋଜ କରିଛି କ୍ରାଇମବ୍ରାଞ୍ଚ।

## ◆ କୋରିଅର ମ୍ୟାନେଜର ଦେବାଶିଷ ହତ୍ୟା ମାମଲା

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ୨୦୧୧ ଜାନୁଆରୀ ୨୩ । ଯାଆଁଳା ନିକଟରେ ଏକ କାର ଭିତରୁ ମିଳିଥିଲା କୋରିଅର ସଂସ୍ଥା ମ୍ୟାନେଜର ଦେବାଶିଷଙ୍କ ଗୁଳିବିଦ୍ଧ ଶବ। ଅଭିଯୁକ୍ତକୁ ଧରିବା ପାଇଁ ତତ୍କାଳୀନ ଡିସିପି ହିମାଂଶୁ ଲାଲ ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ତଦନ୍ତ । କିନ୍ତୁ ଅଭିଯୁକ୍ତକୁ ନଧରୁପାରିବାରୁ ପରେ ତଦନ୍ତ ଦାୟିତ୍ୱ ନେଇଥିଲା କ୍ରାଇମବ୍ରାଞ୍ଚ । ରାଜଧାନୀ ର ରାଜରାସ୍ତାରେ ଘଟିଥିବା ଚର୍ଚ୍ଚିତ ମର୍ଡର କେସରେ ଆଜି ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିକଟରେ ପହଞ୍ଚିବାରେ ବିଫଳ ହୋଇଛି ।




## ◆ ଇଞ୍ଜିନିୟରିଂ ଛାତ୍ର ଋଷି ମୃତ୍ୟୁ ମାମଲା

ଭୁବନେଶ୍ୱର,୧୨ା୯(ସଂଚାର ବ୍ୟୁରୋ): ରାଜଧାନୀର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ର ଆଶୁତୋଷ ମହାନ୍ତି ଓରଫ ଋଷି ମୃତ୍ୟୁକୁ ନେଇ ଥରହର ହୋଇଥିଲା ରାଜ୍ୟ ରାଜନୀତି। ୨୦୧୬ ମେ' ୫ ତାରିଖରେ ଘଟିଥିବା ଘଟଣାରେ ଯୋଡି ହୋଇଥିଲା ତତ୍କାଳୀନ ମେୟର ଅନନ୍ତ ନାରାୟଣ ଜେନାଙ୍କ ନାଁ । ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ତୁମ୍ବିତୋଫାନ କରିଥିଲେ ବିରୋଧୀ । ପୋଲିସ ତଦନ୍ତରେ ଅସନ୍ତୋଷ ବ୍ୟକ୍ତ କରି ମାନବାଧିକାର କମିଶନର ଦ୍ୱାରସ୍ଥ ହୋଇଥିଲେ ଋଷି ଙ୍କ ପରିବାର । ଏବେ ସୁଧା ଘଟଣା ଉପରୁ ହଟିପାରିନି ପର୍ଦ୍ଦା ।

# ୮ ଷଣ୍ଢଙ୍କ ଉପରେ ମାଡ଼ିଗଲା ଆଇରନ ଟ୍ରକ୍



ଭଦ୍ରକ,୧୨ା୯(ସଂଚାର ବ୍ୟୁରୋ): ୮ଟି ଷଣ୍ଢ ଉପରେ ମାଡ଼ିଗଲା ଆଇରନ ଟ୍ରକ୍। ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଧାମରା ରାସ୍ତାରେ ଏହି ଦୁର୍ଘଟଣା ଘଟିଛି।

ଗତକାଲି ରାତିରେ ପାରାପୋଖରୀ ଛକ ନିକଟ ରାସ୍ତାରେ ଷଣ୍ଢମାନେ ଶୋଇଥିଲେ। ଏହି ସମୟରେ ଏକ ଆଇରନ ଟ୍ରକଟି ଦ୍ରୁତ ଗତିରେ ଆସି ଶଣ୍ଢମାନଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ୮ଟି ଷଣ୍ଢଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବେପାରୁଆ ଗାଡ଼ି ଚାଳନା ବନ୍ଦ କରିବା ସହ ସ୍ଥାୟୀ ଗୋଶାଳା ନିର୍ମାଣ ଦାବିରେ ସ୍ଥାନୀୟ ଲୋକ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଛି। ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର